READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews

EKAMAATRA
# ଏକମାତ୍ର
ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524





ବର୍ଷ-୬ | ସଂଖ୍ୟା-୨୬ | ୧୧ - ୧୭ ଜୁଲାଇ, ୨୦୨୨ | ଭୁବନେଶ୍ୱର | Monday Weekly | VOL-6 | ISSUE-26 | 11th - 17th JULY, 2022 | BHUBANESWAR | ₹ 5/- (8 Pages)


# 'ଭଉଣୀ ପାଉଣା ମାଗିବା ପୂର୍ବରୁ ଉପହାର ଦେଲେ ଭାଇ'



**ଭୁବନେଶ୍ୱର :** ଦିଲ୍ଲୀ ଫେରିଯିବା ପୂର୍ବରୁ ଏନଡିଏର ରାଷ୍ଟ୍ରପତି ପ୍ରାର୍ଥୀ ଦ୍ରୌପଦୀ ମୁର୍ମୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବାସଭବନ ନବୀନ ନିବାସକୁ ଯାଇଥିଲେ। ସେଠାରେ ନବୀନଙ୍କ ସହ କିଛି ସମୟ ଆଲୋଚନା କରିଥିଲେ। ଏହାପରେ ଭଉଣୀ ଦ୍ରୌପଦୀ ମୁର୍ମୁଙ୍କୁ ମଧ୍ୟାହ୍ନ ଭୋଜନରେ ଆପ୍ୟାୟିତ କରିଥିଲେ ଭାଇ ନବୀନ। ମଧ୍ୟାହ୍ନ ଭୋଜନରେ ଦ୍ରୌପଦୀଙ୍କୁ ପରଷା ଯାଇଥିଲା ନିରାମିଷ ଭେଜନ। ଏଥିରେ ସ୍ୱାଦିଷ୍ଟ ଓଡ଼ିଆ ଖାଦ୍ୟ ଥିଲା। ଏହି ସମୟରେ ନବୀନ ନିବାସରେ ପାରିବାରିକ ପରିବେଶ ସୃଷ୍ଟି ହୋଇଥିଲା। ଦ୍ରୌପଦୀ ମୁର୍ମୁଙ୍କ ସହ କେନ୍ଦ୍ରମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ ଓ ସାଂସଦ ପିନାକୀ ମିଶ୍ରଙ୍କୁ ମଧ୍ୟାହ୍ନ ଭୋଜନରେ ଆପ୍ୟାୟିତ କରାଯାଇଥିଲା। ଦ୍ରୌପଦୀ ମୁର୍ମୁ ଦିନିକିଆ ଓଡ଼ିଶା ଗସ୍ତ ଶେଷ କରି ନବୀନ ନିବାସରୁ ବିମାନବନ୍ଦର ଅଭିମୁଖେ ବାହାରିଥିଲେ। ଏହାପୂର୍ବରୁ ଏନଡିଏର ରାଷ୍ଟ୍ରପତି ପ୍ରାର୍ଥୀ ଦ୍ରେ?ପଦୀ ମୁର୍ମୁ ଶୁକ୍ରବାର ଦିନିକିଆ ଓଡ଼ିଶା ଗସ୍ତରେ ଆସି ବିଧାନସଭାରେ ବିଜେଡି ବିଧାୟକ ଓ ସାଂସଦମାନଙ୍କୁ ଭେଟିଥିଲେ। ବିଧାନସଭାର ସମ୍ମିଳନୀ କକ୍ଷରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦ୍ରୌପଦୀ ମୁର୍ମୁଙ୍କୁ ସ୍ୱାଗତ କରିଥିଲେ। ଏଥିରେ ଦ୍ରୌପଦୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମେତ ବିଜେଡିର ସାଂସଦ ଓ ବିଧାୟକମାନଙ୍କୁ ସମର୍ଥନ ଲୋଡ଼ିଥିଲେ। ନବୀନଙ୍କୁ ଭାଇ ସମ୍ବୋଧନ କରି ଦ୍ରୌପଦୀ ଭାବପ୍ରବଣ ହୋଇ କହିଛନ୍ତି, ମୁଁ ସୁଭଦ୍ରା ଭାବରେ ନବୀନ ଭାଇଙ୍କୁ ଜଗନ୍ନାଥ କରି ରାଖି ବାନ୍ଧିଛି। ଭଉଣୀ କିଛି ମାଗିବା ପୂର୍ବରୁ ଭାଇ ମୋ ମନଚାହିଁ ତାଙ୍କ ସମର୍ଥନ ଓ ସହଯୋଗର ହାତ ମୋତେ ଦେଇଛନ୍ତି। ରାଷ୍ଟ୍ରପତି ପ୍ରାର୍ଥୀ ➤ ପୃ-୬

## ଆଜି ମୁଁ ଯାହା ତାହା କେବଳ ବିଜେପି ପାଇଁ : ଦ୍ରୌପଦୀ



**ଭୁବନେଶ୍ୱର :** ଏନଡିଏ ରାଷ୍ଟ୍ରପତି ପ୍ରାର୍ଥୀ ଦ୍ରୌପଦୀ ମୁର୍ମୁ ଓଡ଼ିଶାରେ ନିଜ ସପକ୍ଷରେ ପ୍ରଚାର ଶେଷ କରି ଫେରି ଯାଇଛନ୍ତି। ତାଙ୍କୁ ବିମାନବନ୍ଦରରେ ଉଭୟ ବିଜେପି ଓ ବିଜେଡି ପକ୍ଷରୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିବାବେଳେ ରାଜ୍ୟ ଅତିଥି ଭବନରେ ସେ ବିଜେପି ବିଧାୟକ ଓ ସାଂସଦମାନଙ୍କୁ ସମ୍ବୋଧିତ କରି ଭାବବିହ୍ୱଳ ହୋଇପଡ଼ିଥିଲେ। ଆଜି ମୁଁ ଯାହା ବି ହୋଇଛି ସେସବୁ କେବଳ ବିଜେପି ପାଇଁ ହୋଇଛି। ମୋର ପରିଚୟ ବିଜେପି ବୋଲି ଶ୍ରୀମତୀ ମୁର୍ମୁ କହିଥିଲେ। ବିଜେପି ବିଧାୟକ ଓ ସାଂସଦମାନଙ୍କୁ କହିଥିଲେ ଯେ, 'ମୁଁ ଆପଣ ମାନଙ୍କ ଭିତରୁ ଜଣେ'। ମୋ ପରି ଜଣେ ସାଧାରଣ ମହିଳାଙ୍କୁ କାଉନସିଲରରୁ ବିଧାୟକ, ମନ୍ତ୍ରୀ, ରାଜ୍ୟପାଳ ଏବଂ ଏବେ ଦେଶର ସର୍ବୋଚ୍ଚ ସାମ୍ବିଧାନିକ ପଦବୀ ରାଷ୍ଟ୍ରପତି ପାଇଁ ପ୍ରାର୍ଥୀ ଭାବେ ମନୋନୟନ କରିବା ନିଶ୍ଚିତ ଭାବେ ମୋ ପାଇଁ ଅବର୍ଣ୍ଣନୀୟ। ରାଷ୍ଟ୍ରପତି ପ୍ରାର୍ଥୀ ପାଇଁ ମୋ ଭଳି ସାଧାରଣ ଲୋକଙ୍କୁ ମନୋନୀତ କରିଥିବାରୁ ➤ ପୃ-୬

## ଜାପାନର ପୂର୍ବ ପ୍ରଧାନମନ୍ତ୍ରୀଙ୍କୁ ହତ୍ୟା



**ନୂଆଦିଲ୍ଲୀ :** ଜାପାନର ପୂର୍ବତନ ପ୍ରଧାନମନ୍ତ୍ରୀ ସିଞ୍ଜୋ ଆବେଙ୍କୁ ନିର୍ବାଚନୀ ପ୍ରଚାର ସମୟରେ ଗୁଳି କରି ହତ୍ୟା କରାଯାଇଛି। ପଶ୍ଚିମ ଜାପାନର ନାରାରେ ସିଞ୍ଜୋ ନିର୍ବାଚନୀ ଭାଷଣ ଦେଉଥିବାବେଳେ ପଛପଟୁ ତାଙ୍କ ଦେହରେ ୨ଟି ଗୁଳି ବାଜିଥିଲା। ଫଳରେ ଘଟଣାସ୍ଥଳରେ ସେ ତଳେ ପଡ଼ିଗଲେ। ତାଙ୍କୁ ହସ୍ପିଟାଲ୍ ନେଇ ଚିକିତ୍ସା କରାଯାଇଥିଲା। କିନ୍ତୁ ତାଙ୍କର ମୃତ୍ୟୁ ହୋଇଯାଇଛି। ସିଞ୍ଜୋ ଆବେ ଏକ ଶକ୍ତିଶାଳୀ ରାଜନୈତିକ ପରିବାରରୁ ଆସିଥିଲେ। ଦୀର୍ଘ ଦଶନ୍ଧି ଧରି ତାଙ୍କ ପରିବାର ରାଜନୀତିରେ ରହିଛନ୍ତି। ସିଞ୍ଜୋ ଆବେଙ୍କ ➤ ପୃ-୬

# ଭିତ୍ତିଭୂମି ବଢ଼ିବ, ବିକାଶ ଆଗକୁ ଦୌଡ଼ିବ

## ମୁଣ୍ଡପିଛା ଋଣରେ ଓଡ଼ିଶା ଦ୍ୱିତୀୟ ନିମ୍ନତମ

**ଭୁବନେଶ୍ୱର :** ଚାଷୀ, ଗରୀବ, ମହିଳା ଓ ତଳସ୍ତରର ଲୋକମାନଙ୍କ ପାଇଁ ରାଜ୍ୟ ବଜେଟରେ ଅଧିକ ଧ୍ୟାନ ଦିଆଯାଇଛି। ଭିତ୍ତିଭୂମିକୁ ଅଧିକ ସୁଦୃଢ଼ କରି ରାଜ୍ୟ ବିକାଶରେ ଲମ୍ବା ପାହୁଣ୍ଡ ପାଇଁ ବଢ଼ିଛି ପୁଞ୍ଜି ବ୍ୟୟ। ଶିଳ୍ପାୟନ, ଜଳସେଚନ, କୃଷି, ସ୍ୱାସ୍ଥ୍ୟ ଓ ଗୁଣାତ୍ମକ ଶିକ୍ଷାକୁ ଅଗ୍ରାଧିକାର ଦେଇ ସରକାର ବଜେଟରେ ପାଣ୍ଠି ବରାଦ କରିଛନ୍ତି। ୨୦୨୨-୨୩ ଆର୍ଥିକ ବର୍ଷର ପୂର୍ଣ୍ଣାଙ୍ଗ ବଜେଟ ଓଡ଼ିଶା ବିକାଶର ଇଞ୍ଜିନ ପାଲଟିବ। ବିଧାନସଭାରେ ବଜେଟ ଆଲୋଚନାରେ ଜବାବ୍ ରଖି ଏହା କହିଛନ୍ତି ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ। ମନ୍ତ୍ରୀ ଶ୍ରୀ ପୂଜାରୀ କହିଲେ ୨୦୨୨-୨୩ ଆର୍ଥିକ ବର୍ଷରେ ମୋଟ କାର୍ଯ୍ୟକ୍ରମ ବ୍ୟୟ ୧ ଲକ୍ଷ କୋଟି ଟଙ୍କା ଆକଳନ କରାଯାଇଛି। ଯାହା କି ୨୦୨୧-୨୨ ଆର୍ଥିକ ବର୍ଷ ତୁଳନାରେ ୩୩ ପ୍ରତିଶତ ଅଧିକ ଅଟେ। ପୁଞ୍ଜି ବ୍ୟୟ ବାବଦକୁ ୩୮ ହଜାର ୭ ଶହ ୩୨ କୋଟି ଟଙ୍କା ଅଟକଳ ହୋଇଛି ଯାହାକି ସାମଗ୍ରିକ ରାଜ୍ୟ ଘରୋଇ ଉତ୍ପାଦର ୫.୪ ପ୍ରତିଶତ ଅଟେ। ଚଳିତ ଆର୍ଥିକ ବର୍ଷରେ ଏହି ବାବଦକୁ ଥିବା ଆବଣ୍ଟନ ବିଗତ ବର୍ଷଠାରୁ ୫୬ ପ୍ରତିଶତ ଅଧିକ। ଚଳତି ବଜେଟରେ ଅନେକଗୁଡ଼ିଏ ସଂସ୍କାର ମୂଳକ ପଦକ୍ଷେପ ନିଆଯାଇଛି। ➤ ପୃ-୬

## କଳାହାଣ୍ଡି ଜିଲ୍ଲାରେ ଜମି ଦଲାଲଙ୍କ ଦୌରାତ୍ମ୍ୟ

# କେବେ ଭାଙ୍ଗିବ ପ୍ରଶାସନର ନିଦ

**ଭବାନୀପାଟଣା, (ଅନୀଲ ପଟ୍ଟନାୟକ):** କଳାହାଣ୍ଡି ଜିଲ୍ଲାରେ ଜମି ଦଲାଲମାନେ ଆତଙ୍କରାଜ ସୃଷ୍ଟି କରୁଛନ୍ତି। ବେଆଇନ ଭାବେ ଅନ୍ୟର ଜମିକୁ ନିଜର ଦର୍ଶାଇ କିଛି ମିଛ ମଣିଷଙ୍କୁ ଆଣି ଆଇନ ଆଖିରେ ଧୂଳି ଦେବାକୁ ପଛାଉ ନାହାନ୍ତି ଏମାନେ। କେଉଁଠାରେ କ୍ରେତା ଭୁଲ ତ ଆଉ କେଉଁଠାରେ ବିକ୍ରେତା ମଧ ଭୁଲ। ତହସିଲ ଅଫିସ ଭିତରେ ଏମାନେ ଏଭଳି ଷଡଯନ୍ତ୍ର ରଚନା କରିଛନ୍ତି ଯେ, ସେଥିରେ ବଳି ପଡୁଛନ୍ତି ସାଧାରଣ ମଣିଷ। ଗୋଟିଏ ଜମିକୁ ବାରମ୍ବାର ବିକ୍ରି କରିବାରେ ମଧ ସଫଳ ହେଉଛନ୍ତି ଏହି ଜମି ଦଲାଲ। ଏମାନଙ୍କ ହାବୁଡରେ ଯିଏ ପଡିଲା ସେମାନଙ୍କ ଜୀବନ ଗଲା ଜାଣ। ଖବର ଅନୁସାରେ ନରୋତ୍ତମ ଗଉଡ଼ ବୟସ ୭୨, ପିତା-ସ୍ୱ ଦୁର୍ଯ୍ୟୋଧନ ଗଉଡ, ଗ୍ରାମ- ଡକାବାହାଲି, ପୋ- ପରମାନନ୍ଦପୁର, ଥାନା- ସଦର, ଜିଲ୍ଲା- କଳାହାଣ୍ଡି ଜମି ପରିମାଣ- ଏ. ୪.୪୦ ଖାତା ନଂ- ୮୫ କୁ ଖରିଦ କରିଛନ୍ତି ପ୍ରଦୀପ ଜୈନ ଓ କ୍ଷେତ୍ର ମୋହନ ହୋତା ଏମାନଙ୍କୁ ବିକ୍ରି କରାଇଛନ୍ତି ନରେଶ ପ୍ରଧାନୀ (ମନ୍ଦାର ବଗିଚାପଡ଼ା) ଆଶୁତୋଷ ପାଣିଗ୍ରାହୀ (ମହାବୀର ପଡ଼ା) ସୀତାରାମ ବାଗ (ଭବାନୀପାଟଣା) ମକରନ୍ଦ ଗଉଡ (ଡକାବାହାଲି) କୁନା ପାତ୍ର ଓ ଅନ୍ତର୍ଯ୍ୟାମି ପଣ୍ଡା (ଭବାନୀପାଟଣା)। କିନ୍ତୁ ପ୍ରକୃତରେ ଘଟଣା ହେଲା ଭବାନୀପାଟନା ସ୍ଥିତ ଜିଲ୍ଲା ନିବନ୍ଧକ ଅଫିସରେ ଅନେକ ବର୍ଷ ହେଲା ➤ ପୃ-୬

## ବକ୍ରବାଣୀ



ଲକ୍ଷ ଲକ୍ଷ ଟଙ୍କା ଉଡ଼େଇ ସାରି
ତୁନି ପଡ଼ିଗଲେ ତଦନ୍ତ କରି
ତଦନ୍ତ ରିପୋର୍ଟ ହଜେଇ ଦେଇ
ନିଘୋଡ଼ ନିଦରେ ଗଲେଯେ ଶୋଇ
ଚାବି ଖୋଜା କଥା ଦେଲେ ପାଶୋରି
ଶୁଭିଲାନି ପାଟି ଆଉ କାହାରି
ଭଣ୍ଡାର ଘରକୁ ଖୋଲିବା ପାଇଁ
ଉଠିଲେଣି ସବୁ ନିଦରୁ ଚେଇଁ
କହିଲେଣି ଏବେ ତାଲା ଖୋଲିବା
ଭଣ୍ଡାର ଘରକୁ ସୁରକ୍ଷା ଦବା।

——ଟୁଟୁ

# ହୁସିଆର; ରାଜଧାନୀ ରାସ୍ତାରେ ଯନ୍ତା ମେଲି ଜଗିଛି ଯମ !

## କେବଲିଂ, କନ୍‌ଷ୍ଟ୍ରକ୍ସନ, ସ୍ୱେରେଜ, ଠିକାସଂସ୍ଥାର ବେପରୁଆ କାମରେ ଅତିଷ୍ଠ ରାଜଧାନୀବାସୀ



**ଭୁବନେଶ୍ୱର :** ଭୂତଳ ବିଜୁଳି ତାର ସଂଯୋଗିକରଣ ପାଇଁ ୫ମାସ ତଳେ ଆରମ୍ଭ ହୋଇଥିଲା ରାସ୍ତାଖୋଳା କାମ। ରାଜଧାନୀର ସବୁଠାରୁ ବ୍ୟସ୍ତବହୁଳ ନାଲକୋ ଛକ-ସୈନିକ ସ୍କୁଲ ଛକ ରାସ୍ତା ତଥା ୭ମ ବାଟାଲିୟନ ସମ୍ମୁଖ ରାସ୍ତାକୁ ଖୋଳାଗଲା। ରାସ୍ତା ଉପରେ ପ୍ରାୟ ୩ଫୁଟ ଓସାର, ୩ ଫୁଟ ଗଭୀର ଓ ପ୍ରାୟ ୩ ଶହ ମିଟର ଲମ୍ବା ଖାଲ ଖୋଳିଦେଇ ଗଲା ଠିକା ସଂସ୍ଥା। ହେଲେ ଆଉ କାମ ଆଗେଇଲା ନାହିଁ। ସ୍ଥାନୀୟ ଲୋକଙ୍କର ତୀବ୍ର ଅସନ୍ତୋଷ ପ୍ରକାଶ ପାଇବାର ମାସେ ପରେ ଆସି ପୋତିଦେଇ ଚାଲିଗଲେ। ୫ ଦିନ ନପୂରୁଣୁ ପୁଣି ସେହି ସ୍ଥାନଗୁଡିକୁ ଖୋଳିଲେ। ହେଲେ ଆଉ ଧରାଛୁଆଁ ଦେଲେନି। ରାସ୍ତା ସେମିତି ଖୋଳା ହୋଇ ୩/୪ମାସ ବିତିଗଲାଣି। ନା ଅଛି ସ୍ଥାୟୀ ବ୍ୟାରିକେଡ ନା ଯାତ୍ରୀମାନଙ୍କ ସୁରକ୍ଷା ବ୍ୟବସ୍ଥା। ଭୂତଳ ବିକେବଲିଂ ପାଇଁ ଖୋଳାହୋଇଥିବା ଏହି ଖାଲ ଏବେ ଯାତ୍ରୀଙ୍କ ପାଇଁ ମରଣଯନ୍ତା ପାଲଟିଛି। ➤ ପୃ-୬

## ମାଟ୍ରିକରେ ଭଲ ରେଜଲ୍ଟ

# ବଡ଼ କଲେଜରେ ସିଟ୍ ମିଳିବା ସ୍ୱପ୍ନ



**ଭୁବନେଶ୍ୱର :** ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ୯୦ ପ୍ରତିଶତରୁ ଅଧିକ ରେଜଲ୍ଟ ହୋଇଛି। ମାଟ୍ରିକ ପାସ୍ କରିଛନ୍ତି ୫ ଲକ୍ଷ ୧୭ ହଜାର ୮୪୭ ଛାତ୍ରଛାତ୍ରୀ। ଏମାନଙ୍କ ମଧ୍ୟରୁ ଏ-ୱାନ୍ ଗ୍ରେଡରେ ରେକର୍ଡ ସଂଖ୍ୟକ ୮ ହଜାର ୧୧୯ ଛାତ୍ରଛାତ୍ରୀ ପାସ୍ ହୋଇଛନ୍ତି। ସମସ୍ତଙ୍କ ପସନ୍ଦ ବିଜେବି, ରେଭେନସା, ରମାଦେବୀ, ପୁରୀ ଏସସିଏସ୍, ଫକୀରମୋହନ ପରି ଏଲିଟ୍ କଲେଜ। ଅଧିକାଂଶ ଛାତ୍ରଛାତ୍ରୀଙ୍କ ରେଜଲ୍ଟ ଭଲ ହୋଇଛି। ହେଲେ କଲେଜରେ ସୀମିତ ସଂଖ୍ୟକ ସିଟ୍। ଗତବର୍ଷ କରୋନା ଯୋଗୁଁ ବିନା ପରୀକ୍ଷାରେ ବିକଳ୍ପ ପଦ୍ଧତିରେ ମାର୍କିଂ ହେବାରୁ ୯୭ ପ୍ରତିଶତ ପାସ୍ ହାର ଥିଲା। ତେଣୁ କଲେଜଗୁଡ଼ିକୁ ଛାତ୍ରଛାତ୍ରୀଙ୍କ ପସନ୍ଦ ମୁତାବକ ସିଟ୍ ବଢାଇବାକୁ ଅନୁମତି ଦେଇଥିଲେ ରାଜ୍ୟ ସରକାର। ହେଲେ ଚଳିତବର୍ଷ ସିଟ୍ ବଢିବ ନାହିଁ। ପ୍ରତିଯୋଗିତାମୂଳକ ଭାବେ କଲେଜଗୁଡ଼ିକରେ ଛାତ୍ରଛାତ୍ରୀଙ୍କ ନାମଲେଖା ହେବ। ପ୍ରତି ବର୍ଷ ଦଶମ ପରବର୍ତ୍ତୀ ପାଠ୍ୟକ୍ରମ ପାଇଁ ୪୪୩ କଲେଜରେ ୬ ଲକ୍ଷ ୩ ହଜାର ୧୧୩ ସିଟ୍ ରହୁଥିଲା। ଏଥିରେ ଜୁନିଅର କଲେଜରେ ୪ ଲକ୍ଷ ୪୩ ହଜାର ୩୫୪ ସିଟ୍ ଥିବାବେଳେ ସରକାରୀ ➤ ପୃ-୬






# ପୃଥିବୀର ଫୁସ୍‌ଫୁସ୍‌କୁ ଜାଳିଦେଲାଣି ବନାଗ୍ନି

## ନଷ୍ଟ ହେଲାଣି ଆମାଜନ ଜଙ୍ଗଲର ୩୭୫୦ ବର୍ଗକିମି ଅଞ୍ଚଳ



**ନୂଆଦିଲ୍ଲୀ :** ପୃଥିବୀର ଫୁସ୍ଫୁସ୍ ବୋଲାଉଥିବା ଆମାଜନ୍ ଜଙ୍ଗଲ ଦ୍ରୁତ ଗତିରେ ନଷ୍ଟ ହେବାରେ ଲାଗିଛି। ନିଆଁ ଲାଗିବା ଏବଂ ଅନ୍ୟ କାରଣରୁ ଏହି ଜଙ୍ଗଲର ୩,୭୫୦ ବର୍ଗ କିଲୋମିଟର ଅଞ୍ଚଳ ନଷ୍ଟ ହୋଇଗଲାଣି। ବ୍ରାଜିଲ୍‌ର ସ୍ପେସ୍ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍ (ଆଇଏନ୍‌ପିଇ) ପକ୍ଷରୁ ଏହି ଆକଳନ କରାଯାଇଛି। ଆଇଏନ୍‌ପିଇ ଉପଗ୍ରହରୁ ନିଆଯାଇଥିବା ତଥ୍ୟ ମୁତାବକ, ଚଳିତବର୍ଷ ଜାନୁଆରୀ ୧ରୁ ଜୁନ୍ ୨୪ ମଧ୍ୟରେ ଆମାଜନ୍ ଜଙ୍ଗଲର ୩,୭୫୦ ବର୍ଗ କିଲୋମିଟର (୧,୪୪୮ ବର୍ଗ ମାଇଲ୍) କ୍ଷୟ ହୋଇଯାଇଛି। ୨୦୧୬ ପରଠାରୁ ଏହା ସର୍ବାଧିକ ଜଙ୍ଗଲ ନଷ୍ଟ ବୋଲି ଆକଳନ କରାଯାଇଛି । ବର୍ଷ ଆରମ୍ଭରୁ ଆମାଜନ୍ ଉପରେ ଆଇଏନ୍‌ପିଇର ଉପଗ୍ରହଗୁଡ଼ିକ ନଜର ରଖିଥିଲା। କେବଳ ଗତମାସରେ ଜଙ୍ଗଲର ୨,୫୬୨ ସ୍ଥାନରେ ନିଆଁ ଲାଗିଥିବା ଜାଣିବାକୁ ମିଳିଛି। ଶୁଖିଲା ପାଗ ଯୋଗୁ ପ୍ରତିବର୍ଷ ମେ ଓ ଜୁନ୍‌ରେ ସ୍ୱାଭାବିକ ଭାବେ ଜଙ୍ଗଲରେ ନିଆଁ ଲାଗି ନଷ୍ଟ ହୋଇଥାଏ। କିନ୍ତୁ ଏଥର ବର୍ଷ ଆରମ୍ଭରୁ ତାହା ଦେଖିବାକୁ ମିଳିଛି। ଏଭଳି ସ୍ଥିତି ଉପୁଜିଲେ ଜଙ୍ଗଲ ଖୁବ୍ କମ୍ ସମୟ ମଧ୍ୟରେ ନିଶ୍ଚିହ୍ନ ହୋଇଯିବ ବୋଲି ଆଶଙ୍କା କରାଯାଉଛି। ମେ ମାସରେ ଆମାଜନ୍ ରେନ୍ ଫରେଷ୍ଟର ୨,୨୮୭ ସ୍ଥାନରେ ନିଆଁ ଲାଗିଥିବା ଆଇଏନ୍‌ପିଇ ଜାଣିବାକୁ ପାଇଥିଲା। ୨୦୦୪ ପରଠାରୁ ଏହି ସଂଖ୍ୟା ସର୍ବାଧିକ। ୨୦୧୯ରେ ବ୍ରାଜିଲ୍‌ର ରାଷ୍ଟ୍ରପତି ଭାବେ ଜୈର ବୋଲସୋନାରୋ କ୍ଷମତାକୁ ଆସିବା ପରଠାରୁ ବିଶ୍ୱର ଏହି ସର୍ବବୃହତ୍ ରେନ୍ ➤ ପୃ-୬

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

## କେମିତି କଟିବ ଏ ସପ୍ତାହ

**ମେଷ** କାର୍ଯ୍ୟକ୍ଷେତ୍ରରେ ସହଯୋଗୀ ମାନେ ଅନୁଗତ ହେବେ। ଅଦାଲତ ମାମଲାରେ କୃତ କାର୍ଯ୍ୟ ହେବେ। ଶତ୍ରୁ ପରାଜିତ ହେବେ। ଆର୍ଥିକ ସ୍ଥିତି ଭଲ ରହିବ। ପ୍ରେମୀମାନେ ଉଭୟେ ବିଶ୍ୱାସର ସହ ଆଗକୁ ବଢ଼ିବେ। ଗୃହରେ ଶାନ୍ତି ବଜାୟ ରହିବ।

**ବୃଷ** ଆତ୍ମବିଶ୍ୱାସରେ ବୃଦ୍ଧି ହେବ। କାର୍ଯ୍ୟକ୍ଷେତ୍ରରେ ଆପଣଙ୍କୁ ସୁଫଳ ମିଳିବ। ଛାତ୍ରମାନେ ଦେଇଥିବା ପରୀକ୍ଷାରେ ଉନ୍ନତି ହେବେ। ଦୂରଯାତ୍ରା କରିପାରନ୍ତି। ଦମ୍ପତିମାନେ ଉଭୟଙ୍କୁ ବୁଝିବାକୁ ଚେଷ୍ଟା କରନ୍ତୁ। ସମ୍ପର୍କ ସୁଦୃଢ଼ ରହିବ।

**ମିଥୁନ** ରକ୍ତଚାପ ବଢ଼ିପାରେ। ଆୟ ଓ ବ୍ୟୟରେ ବୃଦ୍ଧି ହେବ। କୌଣସି କାର୍ଯ୍ୟ କରିବା ପୂର୍ବରୁ ବିଚାର ବିମର୍ଷ କରନ୍ତୁ। ନିଜର ବାଣୀରେ ଲଗାମ ଦିଅନ୍ତୁ। ଛାତ୍ରଙ୍କ ମନ ଚଞ୍ଚଳ ରହିବ। ଜୀବନସାଥୀଙ୍କ କଥାକୁ ଗୁରୁତ୍ୱ ଦିଅନ୍ତୁ।

**କର୍କଟ** ସ୍ୱାସ୍ଥ୍ୟ ଭଲ ରହିବ। ଜମା ରାଶିରେ ବୃଦ୍ଧି ହେବ। କାର୍ଯ୍ୟକ୍ଷେତ୍ରରେ ପଦୋନ୍ନତି ହୋଇପାରେ। ଶୁଭ ଖବର ପାଇବେ। ଛାତ୍ରମାନେ ଶିକ୍ଷକଙ୍କ ସହଯୋଗ ପାଇଷବ। ପ୍ରେମୀମାନେ କୌଣସି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇପାରନ୍ତି।

**ସିଂହ** ପେଟ ସମ୍ବନ୍ଧୀୟ କଷ୍ଟ ପାଇପାରନ୍ତି। ଆୟ ତୁଳନାରେ ବ୍ୟୟ ବଢ଼ିବ। ଛୋଟ କଥା ବା ଭୁଲ ପାଇଁ ଅପମାନିତ ହୋଇପାରନ୍ତି। କାର୍ଯ୍ୟକ୍ଷେତ୍ରରେ ବରିଷ୍ଠ ଅଧିକାରୀଙ୍କ ବ୍ୟବହାରରେ ଦୁଃଖିତ ହେବେ।

**କନ୍ୟା** ମାନସିକ ଅଶାନ୍ତି ବଢ଼ିପାରେ। ଚାକିରି କ୍ଷେତ୍ରରେ ଅଧିକ ଦାୟିତ୍ୱ ମିଳିବ। ଯାଗା ବାଡି କାର୍ଯ୍ୟର ଅଗ୍ରଗତି ରୋକାଯାଇପାରିବ। ପ୍ରେମୀଙ୍କ ମଧ୍ୟରେ ବୁଝାମଣା ବଢ଼ିପାରେ। ସମ୍ପର୍କ ନିବିଡ ସହ ଚୀରସ୍ଥାୟୀ ହେବ।

**ତୁଳା** ସ୍ୱାସ୍ଥ୍ୟ ବିଗିଡିପାରେ। ଯତ୍ନବାନ ହୁଅନ୍ତୁ। ଆୟ ତୁଳନାରେ ବ୍ୟୟ ବଢ଼ିବ। ନିଜ ଲକ୍ଷ୍ୟରେ ସ୍ଥିର ରୁହନ୍ତୁ। ଅନ୍ୟକୁ ସମାଲୋଚନା କରନ୍ତୁନାହିଁ। ଯାନବାହନ କ୍ରୟ କରିପାରନ୍ତି। ପ୍ରେମୀଙ୍କ ମଧ୍ୟରେ ତୃତୀୟ ବ୍ୟକ୍ତି ପ୍ରବେଶ କରିପାରନ୍ତି।

**ବିଛା** ସାମାଜିକ ପ୍ରତିଷ୍ଠା ବଢ଼ିବ। ଆୟ ଓ ବ୍ୟୟରେ ବୃଦ୍ଧି ହେବ। ପରିବାରରେ ସୁଖ ପରିବେଷ ରହିବ। ବିଦ୍ୟାର୍ଥୀମାନେ ପ୍ରତିଯୋଗିତାତ୍ମକ ପରୀକ୍ଷାରେ ଉନ୍ନୀତ ହେବେ। ଜୀବନସାଥୀଙ୍କ ସହ ତାଳମେଳ ବଢ଼ିବ।

**ଧନୁ** ଗଣ୍ଠି ସମ୍ବନ୍ଧୀୟ ପୀଡା ହୋଇପାରେ। ଅନେକ ଦିନରୁ ଭାବିଥିବା ବ୍ୟବସାୟ କରିପାରନ୍ତି। ପ୍ରିୟ ବସ୍ତୁରେ ପଇସା ଖର୍ଚ୍ଚ ବଢ଼ିବ। ମନସ୍କାମନା ପୂର୍ଣ୍ଣ ପାଇଁ ତୀର୍ଥଯାତ୍ରା କରିପାରନ୍ତି। ଦମ୍ପତିମାନଙ୍କ ପାଇଁ ସମୟ ଅନୁକୂଳ।

**ମକର** ବାହାନ ଚଳାଇବା ସମୟରେ ସାବଧାନ ରହନ୍ତୁ। ଆକସ୍ମିକ ଧନ ପ୍ରାପ୍ତି ଯୋଗ ଅଛି। କୌଣସି ମହିଳାଙ୍କ ସହଯୋଗରେ ସବୁ କାମର ସମାଧାନ ହୋଇପାରେ। ପ୍ରେମରେ ବିଶ୍ୱାସ ବଢ଼ିବ।

**କୁମ୍ଭ** ପୂର୍ବରୁ କରିଥିବା ପରିଶ୍ରମର ଫଳ ମିଳିପାରେ। ପରିବାରର ଶାନ୍ତି ପାଇଁ ଆଧ୍ୟାତ୍ମିକ କାର୍ଯ୍ୟରେ ମନ ଦେଇ ପାରନ୍ତି। ଛାତ୍ରମାନେ ନିଜ ଇଚ୍ଛା ମୁତାବକ ସ୍ଥାନରେ ନାମ ଲେଖାଇ ପାରନ୍ତି। ନୂଆ ଦ୍ରବ୍ୟ କିଣିପାରନ୍ତି। ପ୍ରେମରେ ଭୁଲ ବୁଝାମଣା ଯୋଗୁ ଅସୁବିଧା ହୋଇପାରେ।

**ମୀନ** ଶାରୀରିକ ଓ ମାନସିକ କଷ୍ଟ ଯୋଗ ଅଛି। ଗୁପ୍ତ ଶତ୍ରୁମାନେ ଜାଗ୍ରତ ହୋଇପାରନ୍ତି। ବ୍ୟବସାୟରେ ଉତ୍ଥାନ ଓ ପତନ ଲାଗି ରହିବ। କ୍ଷତିର ସମ୍ଭାବନା ଅଛି। ଦାମ୍ପତ୍ୟ ଜୀବନରେ ସୁଖ ପାଇଁ ନିଜ ବ୍ୟବହାରରେ ପରିବର୍ତ୍ତନ ଆଣନ୍ତୁ।

**ଅନ୍ନପୂର୍ଣ୍ଣା ଖୁଣ୍ଟିଆ**
ଜ୍ୟୋତିର୍ବିଦ୍
ଭୁବନେଶ୍ୱର

# ୮୪ ଜରୁରୀ ଔଷଧର ମୂଲ୍ୟ ନିର୍ଦ୍ଧାରଣ କଲେ ଏନ୍‌ପିପିଏ

**ନୂଆଦିଲ୍ଲୀ :** ଆଉ ଚଢା ଦାମରେ ଔଷଧ ବିକ୍ରି କରିପାରିବେ ନାହିଁ ଔଷଧ ଦୋକାନୀ। ଲୁଟ୍ ହେବ ନାହିଁ ଗରିବଗୁରୁବାଙ୍କ ପକେଟ୍। କାରଣ ଏ ଦିଗରେ ବଡ଼ ପଦକ୍ଷେପ ନେଇଛି ଔଷଧର ମୂଲ୍ୟ ନିର୍ଦ୍ଧାରଣକାରୀ ନିୟାମକ। ବଦଳିଯାଇଛି ପାରାସିଟାମଲ ଭଳି ଜରୁରୀ ଔଷଧର ମୂଲ୍ୟ। ଗୋଟିଏ କି ଦୁଇଟି ନୁହେଁ, ଏକାଥରକେ ୮୪ଟି ଜରୁରୀ ଔଷଧର ମୂଲ୍ୟ ପରିବର୍ତ୍ତନ କରିଛି ରାଷ୍ଟ୍ରୀୟ ଔଷଧ ମୂଲ୍ୟ ନିର୍ଦ୍ଧାରଣ ପ୍ରାଧିକରଣ ବା ଏନପିପିଏ। ଔଷଧ ମୂଲ୍ୟ ନିୟନ୍ତ୍ରଣ ନିର୍ଦ୍ଦେଶ-୨୦୧୩ ଆଧାରରେ ଏନପିପିଏ ଏହି ଔଷଧଗୁଡିକର ଖୁଚୁରା ମୂଲ୍ୟ ନିର୍ଦ୍ଧାରଣ କରିଛି। ଦେଶରେ ଔଷଧ ଓ ଫର୍ମ୍ୟୁଲେସନର ମୂଲ୍ୟ ନିର୍ଦ୍ଧାରଣ କରିବା, ସେଗୁଡିକ ଉପରେ ନିୟନ୍ତ୍ରଣ ଓ ଉପଲବ୍ଧତା କାୟମ ରଖିବାର କାମ କରିଥାଏ। ଏଥିଅନୁସାରେ ଯଦି କୌଣସି ଔଷଧ ପ୍ରସ୍ତୁତକାରୀ



କମ୍ପାନୀ ଅଧିକ ମୂଲ୍ୟ ସଂଗ୍ରହ କରନ୍ତି। ତେବେ ପ୍ରାଧିକରଣ ତା'ଠାରୁ ଅସୁଲ କରିଥାଏ । ଏହାବ୍ୟତୀତ ଯେଉଁ ଔଷଧଗୁଡିକର ମୂଲ୍ୟ ନିୟନ୍ତ୍ରଣ ସୂଚୀରେ ନାହିଁ ଏଜେନ୍ସି ତାହାର ମଧ୍ୟ ତଦାରଖ କରିଥାଏ। ଏନପିପିଏ ନୋଟିଫିକେସନ ଅନୁସାରେ ଗୋଟିଏ ପାରାସିଟାମଲ-କଫିନ ଟାବ୍ଲେଟ ମୂଲ୍ୟ ୨.୮୮ ଟଙ୍କା । ରୋସୁଓ୍ୱାଷ୍ଟାନିନ ଏସ୍ପିରିନ ଓ କ୍ଲୋପିଡୋଗ୍ରେଲ କ୍ୟାପସୁଲ ମୂଲ୍ୟ ୧୩.୯୧ ଟଙ୍କା ଏବଂ ଭୋଗ୍ଲିବୋସ ଆଣ୍ଡ(ଏସଆର) ମେଟଫୋର୍ମିନ ହାଇଡ୍ରୋକ୍ଲୋରାଇଡ ଟାବ୍ଲେଟ ମୂଲ୍ୟ ୧୦.୪୭ ଟଙ୍କା ଧାର୍ଯ୍ୟ କରାଯାଇଛି। ଏଥିସହ ସିପ୍ଲା ଏବଂ ପିଯୋର ଆଣ୍ଡ କେୟାର ହେଲ୍ଥକେୟାର ଦ୍ୱାରା ବିକ୍ରି କରାଯାଉଥିବା ଏଣ୍ଟୋରଓ୍ୱାଷ୍ଟେଟନ ଏବଂ ଫେନୋଫ୍ରିବ୍ରେଟ ଟାବଲେଟ ଏଣିକି ୧୩.୮୭ ଟଙ୍କାରେ ମିଳିବ। ଏହି ଔଷଧକୁ ହୃଦରୋଗ ଏବଂ ମଧୁମେହ ରୋଗୀଙ୍କ ଚିକିତ୍ସା ପାଇଁ ବ୍ୟବହାର କରାଯାଇଥାଏ। ସେହିଭଳି ଓ୍ୱଗ୍ଲିବୋସ ଆଣ୍ଡ ଏସଆର ମେଟଫର୍ମିନ ହାଇଡ୍ରୋକ୍ଲୋରାଇଡର ଏକ ଟାବଲେଟ ମୂଲ୍ୟ ଜିଏସଟିକୁ ଛାଡି ୧୦.୪୭ ଟଙ୍କା ରହିଛି। ସାଧାରଣ ଲୋକେ ଏଇଆ ଲାଭ ପାଇବେ ଯେ ଆଗକୁ କୌଣସି ଔଷଧ ଦୋକାନୀ ଅଧିକ ମୂଲ୍ୟରେ ଏହି ଜରୁରୀ ଔଷଧଗୁଡିକୁ ବିକ୍ରି କରିପାରିବେ ନାହିଁ। ଏନପିପିଏର ନୋଟିଫିକେସନ୍ ଅନୁସାରେ ଫାର୍ମା କମ୍ପାନୀଗୁଡିକୁ ଔଷଧର ପରିବର୍ତ୍ତିତ ମୂଲ୍ୟର ନିୟମକୁ ଔଷଧ ଦୋକାନୀମାନେ କଡ଼ାକଡ଼ି ଭାବେ ପାଳନ କରିବାର ଆବଶ୍ୟକତା ରହିଛି। ଏଭଳି ନକଲେ ଦୋକାନୀ ଗ୍ରାହକଙ୍କଠାରୁ ନେଇଥିବା ଅତିରିକ୍ତ ମୂଲ୍ୟ ସହିତ ସୁଧା ବି ଜରିମାନା ଆକାରରେ ପୈଠ କରିବେ। ତେବେ ପ୍ରାଧିକରଣ ସ୍ପଷ୍ଟ କରିଛି ଯେ ଔଷଧଗୁଡିକର ମୂଲ୍ୟ ପରିବର୍ତ୍ତନ ହୋଇଥିଲେ ମଧ୍ୟ ଏହା ଉପରେ ପୃଥକ ଭାବେ ଜିଏସଟି ଲାଗିବ। କିନ୍ତୁ ଔଷଧ କମ୍ପାନୀଗୁଡିକ ଯଦି ସରକାରଙ୍କୁ ଖୁଚୁରା ମୂଲ୍ୟରେ ଜିଏସଟି ପୈଠ କରିଥିବେ ତେବେ କମ୍ପାନୀଗୁଡିକ ଗ୍ରାହକଙ୍କଠାରୁ ଔଷଧର ନିର୍ଦ୍ଧାରିତ ମୂଲ୍ୟ ସହ ଜିଏସଟି ସଂଗ୍ରହ କରିପାରିବେ। ଯଦି କୌଣସି ବିକ୍ରେତା ଏହି ଔଷଧଗୁଡିକୁ ଅଧିକ ମୂଲ୍ୟରେ ବିକ୍ରି କରୁଥିବା ଜଣାପଡିଲା ତେବେ ତାଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ହେବ। ଏହା ପୂର୍ବରୁ ଏପ୍ରିଲରେ ଏନପିପିଏ ୮୦୦ ଜରୁରୀ ଔଷଧର ମୂଲ୍ୟ ୧୦.୭% ବୃଦ୍ଧି କରିଥିଲା।

## ଦୁନିଆରେ ମଙ୍କିପକ୍ସ ମାମଲାରେ ୭୭% ବୃଦ୍ଧି

**ନୂଆଦିଲ୍ଲୀ :** ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ମଙ୍କିପକ୍ସର ଚିହ୍ନଟ ସଂଖ୍ୟାରେ ସପ୍ତାହରେ ୭୭ ପ୍ରତିଶତ ବୃଦ୍ଧି ଘଟିଥିବା କହିଛି। ଏହାସହ ଏହି ସଂଖ୍ୟା ଏବେ ସାରା ଦୁନିଆରେ ୬,୦୦୦ରୁ ଅଧିକ ହୋଇଛି। ଅନ୍ୟପଟେ ଅଫ୍ରିକାରେ ଅନେକ ସଂସ୍ଥାରେ ଦୁଇ ଜଣଙ୍କ ଏହି ଭାଇରସରେ ମୃତ୍ୟୁ ହୋଇଛି। ମଙ୍କିପକ୍ସର ଅଧିକାଂଶ ମାମଲାର ୟୁରୋପ ଏବଂ ଆଫ୍ରିକାରେ ଚିହ୍ନଟ ହୋଇଛି। ଜାତିସଂଘର ସ୍ୱାସ୍ଥ୍ୟ ଏଜେନ୍ସିର ସୂଚନା ଅନୁସାରେ, ଏହି ରହସ୍ୟମୟ ରୋଗ କେବଳ ସେହି ପୁରୁଷଙ୍କ ନିକଟରେ ଚିହ୍ନଟ ହେଉଛି ଯେଉଁମାନେ କେବଳ ପୁରୁଷଙ୍କ ସହ ଯୌନ ସମ୍ପର୍କ ସ୍ଥାପନ କରିଥିଲେ। ଡବ୍ଲୁଏଚଓ ଅନୁସାରେ ଗତ ସୋମବାର ସୁଦ୍ଧା ୫୯ଟି ଦେଶରେ ମଙ୍କିପକ୍ସର ୬,୦୨୭ଟି ମାମଲା ଚିହ୍ନଟ ହୋଇସାରିଛି। ଡବ୍ଲୁଏଚଓ ଅନୁସାରେ ନଅଟି ନୂଆ ଦେଶରେ ସଂକ୍ରମଣ ଚିହ୍ନଟ ହୋଇଛି, ସେହିପରି ୧୦ଟି ଦେଶରେ ତିନି ସପ୍ତାହ ଧରି କୌଣସି ନୂଆ ମାମଲା ଚିହ୍ନଟ ହୋଇନାହିଁ।

## ୨୦୧୪ ପରେ ଦେଶରେ ୫୦୦% ବୃଦ୍ଧି ପାଇଛି ଘୃଣା ବିଦ୍ୱେଷକାରୀ ବୟାନ

**ନୂଆଦିଲ୍ଲୀ :** ଦେଶରେ ସଂପ୍ରତି ଉତ୍ତେଜନାମୂଳକ ଭାଷଣକୁ ନେଇ ରାଜନୀତି ଆରମ୍ଭ ହୋଇ ଯାଇଛି। ବିଜେପିରୁ ନିଲମ୍ବିତ ନେତା ନୂପୁର ଶର୍ମାଙ୍କ ବୟାନକୁ ନେଇ ଦେଶରେ ବଡ ହଙ୍ଗାମା ହୋଇଛି। ଏପରିକି ଅନେକ ଅଞ୍ଚଳରେ ହିଂସା ଦେଖିବାକୁ ମିଳିଥିଲା। କେବଳ ଏତିକି ନୁହେଁ କାତାର ଏବଂ ଇରାନ ପରି ମୁସଲିମ ଦେଶ ଭାରତକୁ ଟାର୍ଗେଟ୍ କରିଛନ୍ତି। ନିକଟରେ ଟିଏମସିର ଲୋକସଭା ସାଂସଦ ମହୁଆ ମୋଇତ୍ରାଙ୍କ ନେଇ ଦେଶରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଅନେକ ରାଜ୍ୟରେ ତାଙ୍କ ବିରୋଧରେ ଏଫଆଇଆର ରୁଜୁ ହୋଇଛି। ଦେଶରେ ଦିନକୁ ଦିନ ଉତ୍ତେଜନାମୂଳକ ଭାଷଣ ବଢିବାରେ ଲାଗିଛି। ୨୦୧୪ ରୁ ୨୦୨୦ ମଧ୍ୟରେ ଘୃଣିତ ବୟାନ ଦେବା ମାମଲା ଛଅ ଗୁଣା ବଢିଛି। ଅର୍ଥାତ ଏଥିରେ ୫୦୦ ପ୍ରତିଶତ ବୃଦ୍ଧି ଘଟିଛି। ଭାରତୀୟ ଅପରାଧ ରେକର୍ଡ ବ୍ୟୁରୋ ତଥ୍ୟ ମୁତାବକ, ଭାରତୀୟ ଦଣ୍ଡ ସଂହିତା(ଆଇପିସି)ର ଧାରା ୧୫୩ଏ(ଧର୍ମ, ଜାତି, ଜନ୍ମ ସ୍ଥାନ, ନିବାସ ସ୍ଥାନ, ଭାଷା ଆଧାରରେ ଦୁଇ ଭିନ୍ନ ଭିନ୍ନ ସମୂହ ମଧ୍ୟରେ ଶତ୍ରୁତାକୁ ପ୍ରୋତ୍ସାହିତ କରିବା) ଆଧାରରେ ରୁଜୁ ମାମଲା ସଂଖ୍ୟା ୨୦୧୪ରୁ ୨୦୨୦ ମଧ୍ୟରେ ଛଅ ଗୁଣା ବୃଦ୍ଧି ଘଟିଛି। ଗତ ସାତ ବର୍ଷରେ ସବୁଠୁ କମ ମାମଲା ୨୦୧୪ରେ ଆସିଥିଲା। ସେହି ବର୍ଷ କେବଳ ୩୨୩ ମାମଲା ରୁଜୁ ହୋଇଥିଲା। ସେହିପରି ୨୦୨୦ରେ ସର୍ବାଧିକ ୧୮୦୪ ମାମଲା ରୁଜୁ ହୋଇଥିଲା। ଏହି ଧାରା ଅନ୍ତର୍ଗତ ସବୁଠୁ ଅଧିକ ମାମଲା ତାମିଲନାଡୁରେ ରୁଜୁ ହୋଇଛି। ଏହା ପରେ ଉତ୍ତର ପ୍ରଦେଶରେ ୨୪୩, ତେଲେଙ୍ଗାନାରେ ୧୫୧, ଆସାମରେ ୧୪୭ ଏବଂ ଆନ୍ଧ୍ରପ୍ରଦେଶରେ ୧୪୨ ମାମଲା ରୁଜୁ ହୋଇଛି। ଠିକ୍ ସେହି ପରି ଧାରା ୧୫୩ବି(ଦେଶର ଅଖଣ୍ଡତାକୁ କ୍ଷତି ପହଞ୍ଚାଇବା ପାଇଁ ଅଭିଯୋଗ) ଅନ୍ତର୍ଗତ ମାମଲା ସଂଖ୍ୟା ମଧ୍ୟ ୨୦୧୪ରୁ ୨୦୨୦ ମଧ୍ୟରେ ଛଅ ଗୁଣା ବୃଦ୍ଧି ଘଟିଛି। ୨୦୧୪ରୁ ଏମିତି ୧୩ଟି ମାମଲା ରୁଜୁ ହୋଇଥିବା ବେଳେ ୨୦୨୦ରେ ୮୨ ମାମଲା ରୁଜୁ ହୋଇଛି। ଉତ୍ତେଜନାମୂଳକ ଭାଷଣ ଏବଂ ଘୃଣା ବଢାଉଥିବା ବୟାନର ପରିଭାଷା କୌଣସି ବି ଭାରତୀୟ ଆଇନରେ ଦିଆଯାଇ ନାହିଁ। ଏହି ମାମଲା ସଂପ୍ରତି ଦେଶର ସବୁଠୁ ବଡ ପ୍ରସଙ୍ଗ ପାଲଟିଛି। ଭାରତୀୟ ବିଧି ଆୟୋଗ ୨୦୧୭ ମାର୍ଚ୍ଚରେ ନିଜର ରିପୋର୍ଟରେ ଲେଖିଥିଲେ ଘୃଣା ବିଦ୍ୱେଷକାରୀ ବୟାନ ରୋକିବା ପାଇଁ ଆଇପିସିରେ ନୂତନ ପ୍ରାବଧାନ ସାମିଲ୍ କରାଯିବାର ଆବଶ୍ୟକତା ରହିଛି।

## ମହଙ୍ଗା ମାଡ଼ରେ ଛଟପଟ ଶ୍ରୀଲଙ୍କାବାସୀ

# ଦିନକୁ ଦୁଇଓଳି ଖାଇବାକୁ ମିଳୁନି

**କଲମ୍ବୋ :** ଅନେକ ଦିନ ହେଲା ସାଙ୍ଘାତିକ ଆର୍ଥିକ ସଂକଟ ଦେଇ ଗତି କରୁଛି ଶ୍ରୀଲଙ୍କା। ଏଠାରେ ସ୍ଥିତି ବେଳକୁ ବେଳ ଅଧିକ ଖରାପ ହେଉଛି । ଦରବୃଦ୍ଧି, ବେକାରୀ ଓ ଇନ୍ଧନ ଅଭାବ ଭଳି ବିଭିନ୍ନ ସମସ୍ୟାରେ ଘାଣ୍ଟି ହେଉଛନ୍ତି ଜନତା। ଦିନକୁ ଦୁଇଓଳି ଖାଦ୍ୟ ବି ଭାଗ୍ୟରେ ଜୁଟୁନାହିଁ। କିଛି ଲୋକ ନିଜ ପିଲାଙ୍କୁ ସକାଳ ଜଳଖିଆ ବି ଦେଇପାରୁ ନାହାନ୍ତି। ଏଭଳି ସ୍ଥିତିରେ ପିଲାମାନଙ୍କୁ ଦିନ ୧୨ଟା ଯାଏ ଶୋଇରହିବାକୁ ବାଧ୍ୟ କରୁଛନ୍ତି ପିତାମାତା। ରାଜଧାନୀ କଲମ୍ବୋରେ ଅଟୋରିକ୍ସା ଚଳାଇ ପରିବାର ପ୍ରତିପୋଷଣ କରୁଥିବା ଥୁସାନ ପରେରା ୫ ସପ୍ତାହ ହେଲା ନିଜ ୩ ସନ୍ତାନଙ୍କୁ ଦୁଇଓଳି ଦୁଇମୁଠା ଖାଇବାକୁ ଦେଇପାରି ନାହାନ୍ତି। ପୂରା ପରିବାର ଏବେ ଦିନକୁ ଗୋଟିଏ ବିସ୍କୁଟ୍ ପ୍ୟାକେଟ୍‌ରେ ବଞ୍ଚୁଛନ୍ତି। ଶ୍ରୀଲଙ୍କାରେ ଗୋଟିଏ ପ୍ୟାକେଟ୍ ବିସ୍କୁଟ୍ ଦାମ ୧୩୦ ଟଙ୍କାରେ ପହଞ୍ଚିଛି। ଏ ପ୍ରସଙ୍ଗରେ ପରେରା କୁହନ୍ତି, ସକାଳର ଜଳଖିଆ ଯେମିତି ଦେବାକୁ ନ ପଡ଼େ। ସେଥିପାଇଁ ଆମେ ପିଲାମାନଙ୍କୁ ଦିନ ୧୨ଟା ଯାଏ ଶୋଇରହିବାକୁ ବାଧ୍ୟ କରୁଛୁ। ଦୁଇଦିନ ଧରି




ଧାଡ଼ିରେ ଛିଡ଼ା ହେବା ପରେ ୫ ଲିଟର ପେଟ୍ରୋଲ ମିଳୁଛି। ତାହାକୁ ନେଇ ଅଟୋ ଚଳାଇ ପରିବାର ପୋଷିବାକୁ ପଡୁଛି। ଦିନେ ଅଟୋ ଚଳାଇଲେ ୩ ଦିନ ବସିବାକୁ ପଡୁଛି। ସେପଟେ ଜୁଲାଇ ୨୨ ପର୍ଯ୍ୟନ୍ତ ତେଲ ମିଳିବ ନାହିଁ ବୋଲି ସରକାର ଘୋଷଣା କରିଛନ୍ତି। ପେଟ୍ରୋଲ ଦର ଲିଟର ପିଛା ୧୦୩ ଟଙ୍କା ଥିଲା ବେଳେ କଳା ବଜାରରେ ଏହା ୫୫୦ ଟଙ୍କାରେ ବିକ୍ରି ହେଉଛି। ଶ୍ରୀଲଙ୍କାର ୨.୨ କୋଟି ଲୋକଙ୍କ ମଧ୍ୟରେ ପରେରା ଏକାକୀ ଦୁର୍ଦ୍ଦିନର ସମ୍ମୁଖୀନ ହେଉନାହାନ୍ତି। ତାଙ୍କ ଭଳି ଅନେକ ଲୋକ ଦିନକୁ ଦୁଇଓଳି ଖାଇବାକୁ ପାଉନାହାନ୍ତି। ପିଲାମାନେ ଅନାହାରରେ ରହି ପାଠ ପଢ଼ିବା ଭୁଲିଗଲେଣି। ଶିକ୍ଷାନୁଷ୍ଠାନ ବି ବନ୍ଦ ରହିଛି। ଘଣ୍ଟା ଘଣ୍ଟା ଧରି ବିଜୁଳି କାଟ ହେଉଛି । ଭାରତ ଠାରୁ ଋଣ ଆକାରରେ ମିଳିଥିବା ୬,୦୦୦ କୋଟି ଟଙ୍କା ଶେଷ ହୋଇଗଲାଣି। ଏବେ ମଧ୍ୟପ୍ରାଚ୍ୟଠାରୁ ରୁଷ ପର୍ଯ୍ୟନ୍ତ ସହାୟତା ପାଇଁ ଅନୁରୋଧ କରିଛି ଶ୍ରୀଲଙ୍କା। ଦେଶରେ ରାସାୟନିକ ସାର ବ୍ୟାନ୍ ହେବା ପରେ ଖାଦ୍ୟ ସଂକଟ ସୃଷ୍ଟି ହୋଇଛି। ଗ୍ୟାସ୍ ଅଭାବ ଯୋଗୁ ଲୋକମାନେ ବାଧ୍ୟହୋଇ ଚୁଲି ଜାଳି ରୋଷେଇ କରୁଛନ୍ତି। ମଧ୍ୟବିତ୍ତ ବର୍ଗର ଲୋକମାନେ ମଧ୍ୟ ନିଜ ଖାଦ୍ୟ ବାବଦ ଖର୍ଚ୍ଚ କମାଇ ଦେଇଛନ୍ତି। ଦରବୃଦ୍ଧି ଚରମସୀମାରେ ପହଞ୍ଚିଥିବାରୁ ସେମାନେ ବି ଖାଦ୍ୟ ସାମଗ୍ରୀ କିଣିବାକୁ ସମର୍ଥ ହେଉନାହାନ୍ତି। ଏଭଳି ସ୍ଥିତିରେ ଅଟୋରିକ୍ସ ଚଳାଉଥିବା ପରେରାଙ୍କ ଭଳି ଲୋକଙ୍କ ଅବସ୍ଥା କ'ଣ ଥିବ, ତାହା ଅନୁମାନ କରାଯାଇପାରେ। ଶ୍ରୀଲଙ୍କାରେ ମେ ମାସରେ ମୁଦ୍ରାସ୍ଫୀତି ୩୯.୧% ଥିଲା ବେଳେ ଜୁନ୍‌ରେ ତାହା ୫୪.୬% ହୋଇଛି।

## ଏଣିକି ୬ ମାସ ପରେ ପ୍ରିକ୍‌ସନ ଡୋଜ୍

**ନୂଆଦିଲ୍ଲୀ :** ଦେଶରେ କରୋନାର ସଂକ୍ରମଣ ବୃଦ୍ଧି ପାଇବାରେ ଲାଗିଛି। ଏହାରି ମଧ୍ୟରେ କେନ୍ଦ୍ର ସରକାର କରୋନା ଟୀକାକୁ ନେଇ ଏକ ବଡ ପରିବର୍ତ୍ତନ କରିଛନ୍ତି। ବୁଷ୍ଟର ଡୋଜ୍ ନେବା ପାଇଁ ଏବେ ଆଉ ୯ ମାସ ଅପେକ୍ଷା କରିବାକୁ ପଡିବ ନାହିଁ। ବୁଷ୍ଟର ଡୋଜ୍ ୯ ମାସ ପରିବର୍ତ୍ତେ ୬ ମାସ ପରେ ନେଇପାରିବେ। ଯଦି ଆପଣ ଦ୍ୱିତୀୟ ଡୋଜ ନେଇ ସାରିଛନ୍ତି ତେବେ ଆପଣଙ୍କୁ ବୁଷ୍ଟର ଡୋଜ ପାଇଁ ୯ ମାସ ପରିବର୍ତ୍ତେ ୬ ମାସ ବା ୨୬ ସପ୍ତାହ ଅପେକ୍ଷା କରିବାକୁ ପଡିବ। ସରକାରଙ୍କ ପକ୍ଷରୁ ଏହି ସୂଚନା ଦିଆଯାଇ କୁହାଯାଇଛି ୧୮ ରୁ ୫୯ ବର୍ଷ ପର୍ଯ୍ୟନ୍ତ ଲୋକଙ୍କୁ ଏବେ ୯ ମାସ ପରିବର୍ତ୍ତେ ୬ ମାସ ପରେ ବୁଷ୍ଟର ଡୋଜ ଦିଆଯିବ। ଟୀକାକରଣକୁ ନେଇ ସରକାରଙ୍କ ପରାମର୍ଶଦାତା ସଂସ୍ଥା ନ୍ୟାସନାଲ ଟେକ୍ନିକାଲ ଆଡଭାଇଜରି ଗ୍ରୁପ ଅନ ଇମ୍ୟୁନାଇଜେସନ (ଏନଟିଏଜିଆଇ) ଦ୍ୱିତୀୟ ଏବଂ ବୁଷ୍ଟର ଡୋଜ୍ ମଧ୍ୟରେ ସମୟସୀମାକୁ କମ୍ କରିବା ପାଇଁ ସୁପାରିଶ କରିଥିଲା। ଏନଟିଏଜିଆଇ ଏହା ବ୍ୟତୀତ ୧୨ ବର୍ଷରୁ କମ୍ ବୟସର ପିଲାଙ୍କୁ ଟୀକା ଦେବାକୁ ବ୍ୟବସ୍ଥା କରିବା ପାଇଁ ସୁପାରିଶ କରିଛି। ଏବେ ୧୨ ବର୍ଷରୁ ଉର୍ଦ୍ଧ୍ୱ ବୟସର ପିଲାଙ୍କୁ ଟାକୀକରଣ ବ୍ୟବସ୍ଥା ରହିଛି।

# ଚୀନ୍‌କୁ କଡା ଜବାବ

## ଜାମ୍ମୁ-କାଶ୍ମୀର ସହ ଲଦାଖରେ ଜି-୨୦ର ଆୟୋଜନ କରିବ ଭାରତ

**ନୂଆଦିଲ୍ଲୀ :** ଜାମ୍ମୁ କାଶ୍ମୀର ସହ ଲଦାଖରେ ବି ହୋଇପାରେ ଜି-୨୦ ଶିଖର ସମ୍ମିଳନୀର ଆୟୋଜନ। ୨୦୨୩ ମସିହାରେ ଜି-୨୦ ଶିଖର ସମ୍ମିଳନୀର ଆୟୋଜନ କରିବ ଭାରତ। ପ୍ରଥମ ଥର ପାଇଁ ଏହାର ଆୟୋଜନ କରିବାକୁ ଯାଉଛି ଭାରତ। ଉଲ୍ଲେଖଯୋଗ୍ୟ ଯେ, ଚଳିତ ବର୍ଷ ଶେଷ ବେଳକୁ ଇଣ୍ଡୋନେସିଆ ପରେ ଭାରତ ଜି-୨୦ ଅଧ୍ୟକ୍ଷତା କରିବ। ଜାମ୍ମୁ କାଶ୍ମୀରରେ ଜି-୨୦ ବୈଠକ ଆୟୋଜନକୁ ଚୀନ ଏବଂ ପାକିସ୍ତାନ ବିରୋଧ କରୁଥିବା ବେଳେ ଏବେ ଲଦଖରେ ମଧ୍ୟ ଏହାର ଆୟୋଜନ କରିବାକୁ ଭାରତ ଯୋଜନା କରୁଛି। ୨୦୧୯ରେ ଧାରା ୩୭୦ ଉଚ୍ଛେଦ ହେବା ପରେ କେନ୍ଦ୍ର ଶାସିତ ପ୍ରଦେଶରେ ଆୟୋଜନ ହେବାକୁ ଏହା ହେଉଛି ସବୁଠୁ ବଡ଼ ଅନ୍ତର୍ଜାତୀୟ




ସମ୍ମିଳନୀ। ଲ୍ଲେଖଯୋଗ୍ୟ ଯେ, ଆସନ୍ତା ଡିସେମ୍ବର ୩୧ରୁ ଭାରତ ଜି-୨୦ର ଅଧ୍ୟକ୍ଷତା କରିବ। ତେବେ ଏହାରି ଭିତରେ ମିଳିଥିବା ସୂଚନା ଅନୁସାରେ ଭରତ ସରକାର ଲଦଖରେ ମଧ୍ୟ ଏହାର ଆୟୋଜନ କରିବାକୁ ସ୍ଥିର କରିଛନ୍ତି। ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଏନେଇ ଲଦାଖ ଉପରାଜ୍ୟପାଳ ଆର କେ ମାଥୁରଙ୍କୁ ଏକ ଚିଠି ଲେଖିଛି। ଏଥିରେ ମନ୍ତ୍ରଣାଳୟ ସହ ସମନ୍ୱୟ ରଖିବା ପାଇଁ ବରିଷ୍ଠ ଆଇପିଏସ ଏବଂ ଆଇଏଏସ ଅଧିକାରୀଙ୍କୁ ଚୟନ କରିବା ପାଇଁ କୁହାଯାଇଛି। ଏମଇଏର ନିର୍ଦ୍ଦେଶ ପରେ କେନ୍ଦ୍ର ଶାସିତ ପ୍ରଦେଶ ପକ୍ଷରୁ ଏକ ଟିମ ମଧ୍ୟ ଗଠନ କରାଯାଇଛି। ଏହା ପୂର୍ବରୁ ଜାମ୍ମୁ କାଶ୍ମୀର ପାଇଁ ଉଚ୍ଚସ୍ତରୀୟ ପାଞ୍ଚ ଜଣିଆ କମିଟି ଗଠନ କରାଯାଇଥିଲା। ଜୁନ ୨୩ରେ କେନ୍ଦ୍ର ଶାସିତ ପ୍ରଦେଶର ପକ୍ଷରୁ ଏହି କମିଟି ଗଠନ କରାଯାଇଥିଲା। ଜୁନ ୪ରେ ବୈଦିଶିକ ମନ୍ତ୍ରଣାଳୟର ଏକ ବିଜ୍ଞପ୍ତିର ଜାବବରେ ଏହି କମିଟି ଗଠନ କରାଯାଇଥିଲା। ଜି-୨୦ ଗ୍ରୁପରେ ୟୁରୋପୀୟନ ୟୁନିୟନ ସହ ୧୯ ରାଷ୍ଟ୍ର ସାମିଲ ଅଛନ୍ତି। ଜି-୨୦ ସଦସ୍ୟ ରାଷ୍ଟ୍ର ବିଶ୍ୱ ଜିଡିପିର ୮୦ ପ୍ରତିଶତ ଯୋଗଦାନ କରନ୍ତି। ସେହିପରି ବାଣିଜ୍ୟରେ ୭୫ ପ୍ରତିଶତ ଏବଂ ବିଶ୍ୱ ଜନସଂଖ୍ୟାରେ ୬୦ ଯୋଗଦାନ ରହିଛି। ୧୯୯୯ ମସିହାରୁ ଭାରତ ଏହାର ସଦସ୍ୟ ରହିଛି।

# ଚୀନ୍‌ର ମହାକାଶ କାର୍ଯ୍ୟକ୍ରମ କେବଳ ସାମରିକ : ନାସା

**ବେଜିଂ :** ମହାକାଶରେ କର୍ତ୍ତୃତ୍ୱ ବିସ୍ତାର ଲାଗି ଯୋଜନା କରୁଛି ଚୀନ୍! ଚନ୍ଦ୍ରପୃଷ୍ଠରେ ଏକଚାଟିଆ ଅଧିକାର ସାବ୍ୟସ୍ତ ଲାଗି ଚୀନ୍ ବୈଜ୍ଞାନିକ ଗବେଷଣା ଚଳାଇଛି ! ଆମେରିକା ମହାକାଶ ଗବେଷଣା ସଂସ୍ଥା ନାସାର ବରିଷ୍ଠ ଅଧିକାରୀ ବିଲ୍ ନେଲସନ୍‌ଙ୍କ ବୟାନକୁ ନେଇ ଉଠିଛି ଏଭଳି ପ୍ରଶ୍ନ। ଚନ୍ଦ୍ରକୁ ମଣିଷ ପ୍ରେରଣ ଲାଗି ଚୀନ୍ ନିଜ କାର୍ଯ୍ୟକ୍ରମକୁ ଜୋରଦାର କରିଥିବା ବେଳେ ବିଭିନ୍ନ ତଥ୍ୟ ଆଧାରରେ ଏଭଳି ବୟାନ ଦେଇଛନ୍ତି ନେଲସନ୍। ଚୀନ୍‌ର ମହାକାଶ କାର୍ଯ୍ୟକ୍ରମ ସଂପୂର୍ଣ୍ଣ ଭାବେ ସାମରିକ ବୋଲି ସେ ଅଭିଯୋଗ କରିଛନ୍ତି। ତେବେ ଏହାକୁ ଦୃଢ଼ ଭାବେ ଖଣ୍ଡନ କରିବା ସହ ତାଙ୍କ ଦେଶ ବିରୁଦ୍ଧରେ ଆମେରିକାର ମିଥ୍ୟା ପ୍ରଚାର ବୋଲି କହିଛନ୍ତି ଚୀନ୍ ବୈଦେଶିକ ବିଭାଗ ମୁଖପାତ୍ର ଝାଓ ଲିଝିଆନ୍। ଚନ୍ଦ୍ରପୃଷ୍ଠକୁ ନିଜ ନିୟନ୍ତ୍ରଣକୁ ନେବା, ଚୀନର ସାମରିକ ମହାକାଶ ଅଭିଯାନ କାର୍ଯ୍ୟକ୍ରମର ଏକ ଅଂଶ ବିଶେଷ ବୋଲି ବିଲ୍ ନେଲସନ୍ କହିଛନ୍ତି। ୨୦୩୫ ସୁଦ୍ଧା ଚୀନ ଚନ୍ଦ୍ରରେ ମୁନ୍ ଷ୍ଟେସନ ନିର୍ମାଣ କରିବ ଓ ସମଗ୍ର ଉପଗ୍ରହକୁ ନିୟନ୍ତ୍ରଣରେ ରଖିବାକୁ ଚେଷ୍ଟା କରିବ ବୋଲି ସେ ଆଶଙ୍କା ବ୍ୟକ୍ତ କରିଛନ୍ତି ନେଲସନ୍। ଚନ୍ଦ୍ରର ଦକ୍ଷିଣ ମେରୁରେ ପାଣି ଥିବା ସମ୍ଭାବନା ଦୃଢ଼ିଭୁତ ହେଉଥିବାରୁ ଏହି ଅଞ୍ଚଳକୁ ନିୟନ୍ତ୍ରଣରେ ରଖିବା ଲାଗି ଭବିଷ୍ୟତରେ ତୀବ୍ର ପ୍ରତିଯୋଗିତା ହେବ ବୋଲି ସେ କହିଛନ୍ତି। ସେ କାହିଁକି ଏଭଳି ଆଶଙ୍କା ପ୍ରକାଶ କରୁଛନ୍ତି ବୋଲି ପ୍ରଶ୍ନରେ ନେଲସନ କହିଛନ୍ତି ଯେ, ଚୀନର ମହାକାଶଚାରୀମାନେ ଅନ୍ୟ ଦେଶର ଉପଗ୍ରହକୁ କିଭଳି ନଷ୍ଟ କରିହେବ ସେ ବିଷୟରେ



ଗବେଷଣା ଚଳାଇଛନ୍ତି। ସେହିପରି ଚୀନ୍ ବୈଜ୍ଞାନିକ ଆମେରିକୀୟ ବୈଜ୍ଞାନିକଙ୍କ ସହ ମିଳିତ ଭାବେ କାମ କରିବାକୁ ମନା କରିବା ଓ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଲୁଚାଇ ଥିବାରୁ ଚୀନ୍‌ରେ ମନ୍ଦ ଉଦ୍ଦେଶ୍ୟ ସଂପର୍କରେ ତାଙ୍କ ସନ୍ଦେହ ଦୃଢୀଭୂତ ହୋଇଥିବା କହିଛନ୍ତି ନେଲସନ୍। ସେପଟେ ନାସାର ଅଭିଯୋଗକୁ ଖଣ୍ଡନ କରିଛି ଚୀନ। ତଥ୍ୟକୁ ନଯାଇ ନାସା ଅଧିକାରୀ ଦାୟିତ୍ୱହୀନ ମନ୍ତବ୍ୟ ଦେବା କିଛି ନୂଆ କଥା ନୁହେଁ ବୋଲି କହିଛନ୍ତି ଚୀନ୍ ବୈଦେଶିକ ବ୍ୟାପାର ବିଭାଗ ମୁଖପାତ୍ର ଝାଓ ଲିଝିଆନ୍। ଆମେରିକା ଚୀନ୍ ବରୁଦ୍ଧରେ ମିଥ୍ୟା ପ୍ରଚାର ଚଳାଇଥିବା ସେ ଅଭିଯୋଗ କରିଛନ୍ତି। ମହାକାଶକୁ କିଭଳି ସାମୁହିକ ହିତ ଲାଗି ବ୍ୟବହାର କରିହେବ ସେନେଇ ଚୀନ୍ ଚେଷ୍ଟା କରୁଛି। ଏଠାରେ କୌଣସି ପ୍ରକାର ସାମରିକ କାର୍ଯ୍ୟକ୍ରମ ଓ ଅସ୍ତ୍ର ପ୍ରତିଯୋଗିତାକୁ ବେଜିଂ ଦୃଢ଼ ଭାବେ ବିରୋଧ କରେ ବୋଲି ଲିଝିଆନ୍ କହିଛନ୍ତି। ଆର୍ଟେମିସ୍ କାର୍ଯ୍ୟକ୍ରମ ଅନ୍ତର୍ଗତ ୨୦୨୪ରେ ନାସା ଚନ୍ଦ୍ରର କକ୍ଷକୁ ମଣିଷ ପଠାଇବ। ସେହିପରି ୨୦୨୫ରେ ଚନ୍ଦ୍ରର ଦକ୍ଷିଣ ମେରୁରେ ମହାକାଶଚାରୀଙ୍କୁ ଅବତରଣ କରାଇବା ଲାଗି ଲକ୍ଷ୍ୟ ରଖିଛି। ଏଥିଲାଗି ପ୍ରକ୍ରିୟା ବି ଆରମ୍ଭ ହୋଇଛି। ୬ ଦିନ ତଳେ ନ୍ୟୁଜିଲ୍ୟାଣ୍ଡରୁ ମହାକାଶ ପ୍ରେରଣ କରାଯାଇଥିବା ନାସାର ଏକ କ୍ଷୁଦ୍ର ଉପଗ୍ରହ ପୃଥବୀ କକ୍ଷରୁ ପୃଥକ ହୋଇ ଚନ୍ଦ୍ର ମୁହାଁ ହୋଇଛି। ୪ ମାସ ମଧ୍ୟରେ ଏହା ଚନ୍ଦ୍ରରେ ପହଞ୍ଚିବା ପରେ ମାନବ ଅବତରଣ ନେଇ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପ୍ରଦାନ କରିବ। ଅନ୍ୟପକ୍ଷରେ ୨୦୧୩ରେ ପ୍ରଥମ କରି ନିଜ ମହାକାଶଯାନକୁ ଚନ୍ଦ୍ର ପୃଷ୍ଠରେ ଅବତରଣ କରାଇବାରେ ସଫଳ ହୋଇଥିଲା ଚୀନ୍। ୨୦୩୦ ବେଳକୁ ଏହା ଚନ୍ଦ୍ରର ଦକ୍ଷିଣ ମେରୁ ନିକଟରେ ନିଜ ସ୍ପେଶକ୍ରାଫ୍ଟ ଅବତରଣ କରାଇବାକୁ ଯୋଜନା କରିଛି। ଏଥିପାଇଁ ଉଚ୍ଚ କ୍ଷମତାସଂପନ୍ନ ରକେଟ୍ ନିର୍ମାଣ ଜାରି ରହିଛି। ପରବର୍ତ୍ତୀ ସମୟରେ ଏହି ରକେଟ୍ ଜରିଆରେ ମାନବ ପ୍ରେରଣ ଲାଗି ବ୍ୟବହାର କରାଯିବ ବୋଲି ଜଣାପଡ଼ିଛି।




# ନିଜସ୍ୱ ପ୍ରଚାର ପାଇଁ ରାଜକୋଷରୁ ୨୪୫କୋଟି ଖର୍ଚ୍ଚ କଲେ ସରକାର

**ଭୁବନେଶ୍ୱର :** ରାଜ୍ୟରେ କ୍ଷମତାସୀନ ବିଜେଡି ସରକାର ନିଜସ୍ୱ ପ୍ରଚାର ପାଇଁ ରାଜକୋଷରୁ ୨୪୫.୪୬କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି। ବିଭିନ୍ନ ଗଣମାଧ୍ୟମରେ ନିଜର ପ୍ରଚାର ନିମନ୍ତେ ପ୍ରକାଶିତ ବିଜ୍ଞାପନ ବାବଦରେ ସରକାର ଏହି ଟଙ୍କା ଖର୍ଚ୍ଚ କରିଛନ୍ତି। ୪ବର୍ଷ ମଧ୍ୟରେ ସୂଚନା ଓ ଲୋକସମ୍ପର୍କ ବିଭାଗ ମାଧ୍ୟମରେ ଉକ୍ତ ଅର୍ଥ ଖର୍ଚ୍ଚ ହୋଇଛି। ପ୍ରଚାରପ୍ରସାର ପାଇଁ ସରକାର ୪ବର୍ଷ ମଧ୍ୟରେ ଯେତିକି ଟଙ୍କା ରାଜକୋଷରୁ ଖର୍ଚ୍ଚ କରିଛନ୍ତି ସେଥିରେ ୨୦୪୫୫ଜଣ ଗରିବ ଲୋକଙ୍କୁ ବିଜୁ ପକ୍କାଘର ବଣ୍ଟା ଯାଇପାରିଥାନ୍ତା। ରାଜ୍ୟ ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ପ୍ରଦୀପ କୁମାର ଅମାତ୍ ଏକ ପ୍ରଶ୍ନର ଲିଖିତ ଉତ୍ତରରେ କହିଛନ୍ତି ଯେ, ଗତ ୪ବର୍ଷ ମଧ୍ୟରେ ରାଜ୍ୟ ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ, ଯୋଜନାର ପ୍ରଚାର, ଭିତ୍ତିପ୍ରସ୍ତର ସ୍ଥାପନ, ଉଦଘାଟନ, 'କାଳିଆ' ଟଙ୍କା ବଣ୍ଟା, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଓ ସ୍କୁଲ ରୂପାନ୍ତରଣ କାର୍ଯ୍ୟ ପାଇଁ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶିତ ବିଜ୍ଞାପନଗୁଡ଼ିକ ସୂଚନା ଓ ଲୋକସମ୍ପର୍କ ବିଭାଗ ମାଧ୍ୟମରେ ପ୍ରଦାନ କରାଯାଇଛି। ଏହି ଯୋଜନାଗୁଡ଼ିକର ପ୍ରଚାରପ୍ରସାର ପାଇଁ ମୋଟ ୨୪୫କୋଟି ୪୬ଲକ୍ଷ ୨୭ହଜାର ୩୯୪ଟଙ୍କାର ବିଜ୍ଞାପନ ବିଭିନ୍ନ ଖବରକାଗଜ, ପତ୍ରପତ୍ରିକା ଓ ବୈଦ୍ୟୁତିକ ଗଣମାଧ୍ୟମକୁ ଦିଆଯାଇଛି। ତେବେ ପ୍ରଶ୍ନ ଉଠୁଛି, ସରକାର ନିଜ ପ୍ରଚାର ପାଇଁ ଏତେ ବିପୁଳ ପରିମାଣର ଅର୍ଥକୁ ଅପବ୍ୟୟ କରିବାକୁ କାହିଁକି ଚାହୁଁଛନ୍ତି। ୨୨ବର୍ଷ ଧରି ନିରଙ୍କୁଶ କ୍ଷମତାରେ ଥିବା ସରକାର ପାଇଁ ଏଭଳି ପ୍ରଚାରପ୍ରସାର ଜରୁରୀ ହେଉଛି କି? ପଂଚାୟତଠୁ ରାଜ୍ୟ ସଚିବାଳୟ ପର୍ଯ୍ୟନ୍ତ ସରକାରୀକଳ ମାଧ୍ୟମରେ ଗାଁ ଗହଳିରେ ଏସବୁ ଯୋଜନା ସମ୍ପର୍କରେ ଲୋକଙ୍କୁ ଅବଗତ କରାଇବାରେ ସମସ୍ୟା ନଥିବାବେଳେ ବଡ଼ ବଡ଼ ବିଜ୍ଞାପନ ଦେଇ ରାଜକୋଷରୁ ୨୪୫କୋଟି ଟଙ୍କା ଖର୍ଚ୍ଚ କରିବା କେତେ ଯୁକ୍ତିଯୁକ୍ତ? ୪ବର୍ଷରେ ଯେତିକି ଅର୍ଥ ଖର୍ଚ୍ଚ କଲେ ସେଥିରେ ୨୦ହଜାରୁ ଅଧିକ ଗରିବ ଲୋକଙ୍କ ମୁଣ୍ଡରେ ଛାତଟିଏ ଦେଇପାରିଥାନ୍ତେ। ଅବା ପୁଣି ରାଜ୍ୟର ୧୭୨୫ଟି ବସ୍ତିରେ ଗୋଟିଏ ଲେଖାଏଁ ବଡ଼ ଶୌଚାଳୟ, ଥଣ୍ଡା ପାନୀୟ ଜଳ ମେସିନ୍ ଓ କମ୍ୟୁନିଟି ହଲ୍ ଆଦି ନିର୍ମାଣ ହୋଇପାରିଥାନ୍ତା ବୋଲି ତଥ୍ୟାଭିଜ୍ଞମାନେ ପ୍ରକାଶ କରିଛନ୍ତି।

## ଜାତୀୟ ଖାଦ୍ୟ ଏବଂ ପୋଷଣ ସୁରକ୍ଷା ର୍ୟାଙ୍କିଂ

# ପ୍ରଥମ ସ୍ଥାନରେ ଓଡ଼ିଶା

**ଭୁବନେଶ୍ୱର :** ପୁଣି ଓଡିଶାକୁ ଆଉ ଏକ ସଫଳତା। ଖାଦ୍ୟ ଓ ପୋଷଣ ସୁରକ୍ଷାରେ ଓଡ଼ିଶା ଦେଶରେ ଶୀର୍ଷରେ ରହିଛି। ଦ୍ୱିତୀୟ ସ୍ଥାନରେ ରହିଛି ଉତ୍ତରପ୍ରଦେଶ। ଏନଏଫଏସଏର ଏହି ରାଙ୍କିଂରେ ଓଡ଼ିଶା ପୁଣି ପ୍ରଥମ ସ୍ଥାନ ଅଧିକାର କରିଛି। ଓଡିଶାର ଇଣ୍ଡେକ୍ସ ସ୍କୋର ୦.୮୩୬ ରହିଛି। ଏନେଇ କେନ୍ଦ୍ରମନ୍ତ୍ରୀ ପୀୟୂଷ ଗୋଏଲ ଘୋଷଣା କରିଛନ୍ତି। ସାରା ଦେଶରେ ଓଡ଼ିଶା ପ୍ରଦର୍ଶନ ସବୁଠୁ ଭଲ। ଉପଭୋକ୍ତା ବ୍ୟାପାର ଏବଂ ଖାଦ୍ୟ ଏବଂ ସର୍ବସାଧାରଣ ବିତରଣ ମନ୍ତ୍ରୀ ପିୟୁଷ ଗୋଏଲ ଏନେଇ ସୂଚନା ଦେଇଛନ୍ତି। ସେ ଟ୍ୱିଟ କରି କହିଛନ୍ତି, ଖାଦ୍ୟ ଏବଂ ପୋଷଣ ସୁରକ୍ଷା ଉପରେ ଆୟୋଜିତ ରାଷ୍ଟ୍ରୀୟ କନଫରେନ୍ସକୁ ସମ୍ବୋଧିତ କଲି ଏବଂ ପ୍ରଥମ ଥର ଏନଏଫଏସଏ ଆଧାରିତ ଷ୍ଟେଟ ରାଙ୍କିଂ ଜାରି କରିଛି, ଯେଉଁଥିରେ ଓଡିଶା ପ୍ରଥମ ସ୍ଥାନରେ ରହିଛି। ସେହିପରି ଉତ୍ତରପ୍ରଦେଶ ଦ୍ୱିତୀୟ ସ୍ଥାନରେ ରହିଛି। ସମସ୍ତ ରାଜ୍ୟକୁ ଦାୟିତ୍ୱର ସହ ଜନହିତକାରୀ ଯୋଜନା ଉପରେ କାମ କରିବା ପାଇଁ ପ୍ରୋତ୍ସାହିତ କଲି। ଓଡିଶାର ଏହି ସଫଳତା ପାଇଁ ସବୁଆଡୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି। ଦୁଇ ଦଶନ୍ଧି ତଳେ ଓଡିଶା ଗରିବ ରାଜ୍ୟ ତାଲିକାରେ ଶୀର୍ଷରେ ରହୁଥିଲା। ହେଲେ ଆଜିର ସଫଳତା ସମସ୍ତ ଓଡିଆ ବାସୀଙ୍କ ପାଇଁ ଗର୍ବର ବିଷୟ। ଏକ ନିଅଣ୍ଟିଆ ରାଜ୍ୟରୁ ଆଜି ଖାଦ୍ୟ ସୁରକ୍ଷା କ୍ଷେତ୍ରରେ ଅଗ୍ରଗତି କରି ଶୀର୍ଷରେ ପହଞ୍ଚିବାର ଯାତ୍ରାକୁ ସମସ୍ତେ ପ୍ରଶଂସା କରିଛନ୍ତି। ରିପୋର୍ଟରେ କୁହାଯାଇଛି, ଲଜିଷ୍ଟିକ ମୋର୍ଚ୍ଚାରେ ନିଜ ସୀମା ଭିତରେ ରହି ଏହି ରାଜ୍ୟ ଗୁଡିକ ସାମାନ୍ୟ ଶ୍ରେଣୀର ପ୍ରଦେଶ ସହ ଭଲ ପ୍ରତିଯୋଗୀତା କରିଛନ୍ତି। କେନ୍ଦ୍ର ସରକାରଙ୍କ ଦ୍ୱାରା ଜାରି ରିପୋର୍ଟ ଅନୁସାରେ ଓଡିଶା ୦.୮୩୬ ଅଙ୍କ ସହ ପ୍ରଥମ ସ୍ଥାନରେ ରହିଛି। ଏହାପରେ ଉତ୍ତର ପ୍ରଦେଶ ୦.୭୯୭ ଅଙ୍କ ଏବଂ ଆନ୍ଧ୍ର ପ୍ରଦେଶ ୦.୭୯୪ ହାସଲ କରିଛନ୍ତି। ଗୁଜରାଟ ରାଙ୍କିଂର ଚତୁର୍ଥ ସ୍ଥାନରେ ରହିଛି। ଏହାପରେ ସୂଚୀରେ ସାମିଲ ଅନ୍ୟ ରାଜ୍ୟରେ ଦାଦରା ନଗର ହାବେଲୀ, ଡାମନ ଦୀପ, ମଧ୍ୟ ପ୍ରଦେଶ, ବିହାର, କର୍ଣ୍ଣାଟକ, ତାମିଲନାଡୁ ଏବଂ ଝାଡଖଣ୍ଡ ରହିଛି। ଏହାଛଡା ରାଙ୍କିଂର ୧୧ତମ ସ୍ଥାନରେ କେରଳ ରହିଛି। ତେଲେଙ୍ଗାନା ୧୨ତମ, ମହାରାଷ୍ଟ୍ର ୧୩ତମ, ପଶ୍ଚିମବଙ୍ଗ ୧୪ତମ ଏବଂ ରାଜସ୍ଥାନ ୧୫ତମ ସ୍ଥାନରେ ରହିଛି।

## କଲେଜରେ ସିଟ୍ ନେଇ କୌଣସି ସମସ୍ୟା ହେବ ନାହିଁ : ମନ୍ତ୍ରୀ



**ଭୁବନେଶ୍ୱର :** ମାଟ୍ରିକ୍ ପରୀକ୍ଷାଫଳ ପ୍ରକାଶ ପାଇବା ପରେ ଛାତ୍ରଛାତ୍ରୀମାନଙ୍କ ଆଡମିସନ୍ ନେଇ ନିଜର ମତ ରଖିଛନ୍ତି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀରରଞ୍ଜନ ଦାଶ। ସେ କହିଛନ୍ତି, ଯେଉଁ କଲେଜରେ ଯେତିକି ସିଟ୍, ସେହି ଅନୁସାରେ ଛାତ୍ରଛାତ୍ରୀ ଆବେଦନ କରିବେ। ଆଜି ସମୟ ହେଉଛି ପ୍ରତିଯୋଗିତାର ସମୟ। ଏହା ପ୍ରତିଯୋଗିତାମୂଳକ ସମୟ। ପିଲାମାନେ ମାନସିକ ଭାବେ ପ୍ରସ୍ତୁତ ହୋଇଥିବେ, ଯେଉଁ କଲେଜରେ ପଢିବାକୁ ସେମାନଙ୍କ ଆଗ୍ରହ ଥିବ, ସେମାନେ ଯୋଗ୍ୟତା କରି ପଢ଼ିବେ। ଯେତିକି ସିଟ କଲେଜରେ ଅଛି, ତାହା ଯଥେଷ୍ଟ। ଗତ ବର୍ଷ କୋଭିଡ ସମୟରେ ୯୭ ପ୍ରତିଶତ ପାସ୍ ହାର ଥିଲା, ସିଟ ବଢିଥିଲା। ଚଳିତ ଥର ସିଟ୍ ନେଇ କୌଣସି ସମସ୍ୟା ହେବ ନାହିଁ। ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ୯୦.୫୫ ପ୍ରତିଶତ ଛାତ୍ରଛାତ୍ରୀ ପାସ୍ କରିଛନ୍ତି। ଯାହାକି ସର୍ବକାଳୀନ ରେକର୍ଡ ବୋଲି କୁହାଯାଉଛି। ୨୦୨୧ରେ ବିନା ପରୀକ୍ଷାରେ ପରୀକ୍ଷାଫଳ ପ୍ରକାଶ ପାଇଥିବାରୁ ସେହି ବର୍ଷର ପାସ୍ ହାର ୯୭ ପ୍ରତିଶତ ରହିଥିଲା। କିନ୍ତୁ ୨୦୨୦ରେ ହୋଇଥିବା ପରୀକ୍ଷାରେ ୭୮.୭୬ ପ୍ରତିଶତ ପାସ୍ ହାର ଥିବାବେଳେ ଚଳିତ ବର୍ଷ ତାହା ୯୦ ପ୍ରତିଶତ ଟପି ଯାଇଛି। ପୂର୍ବରୁ ୨୦୧୭ରେ ସର୍ବାଧିକ ୮୬ ପ୍ରତିଶତ ଛାତ୍ରଛାତ୍ରୀ ପାସ୍ କରିଥିଲେ। ସେହିଭଳି ୨୦୨୦ରେ ଏ-୧ ଗ୍ରେଡ୍ (୯୦ ପ୍ରତିଶତରୁ ଅଧିକ)ରେ ସର୍ବାଧିକ ୧୨୭୬ ଜଣ ପାସ୍ କରିଥିବା ବେଳେ ଚଳିତବର୍ଷ ଏହା ୮୧୧୯ରେ ପହଞ୍ଚିଛି। ଅନ୍ୟପଟେ ଯେତିକି ଛାତ୍ରଛାତ୍ରୀ ପରୀକ୍ଷା ଦେଇଛନ୍ତି ସେମାନଙ୍କ ମଧ୍ୟରୁ ୫୬.୯୯ ପ୍ରତିଶତ ଛାତ୍ରଛାତ୍ରୀ ୬୦ ପ୍ରତିଶତରୁ ଅଧିକ ନମ୍ବର ରଖିଛନ୍ତି। ଚଳିତବର୍ଷ ସଂପୂର୍ଣ୍ଣ ନୂଆ ଢାଞ୍ଚାରେ ପରୀକ୍ଷା (୪ଟି ଏଫ୍‌ଏ ଓ ୨ଟି ଏସ୍‌ଏ) କରାଯିବା ସହିତ ଫଳ ପ୍ରକାଶନ ପାଇଁ ତିନିଟି ପଦ୍ଧତି ଅବଲମ୍ବନ କରାଯାଇଥିଲା ବେଳେ ଏଭଳି ଚକିତ କଲା ଭଳି ପରୀକ୍ଷାଫଳ ଆସିଥିବା କୁହାଯାଉଛି। ଅନ୍ୟପଟେ ରାଜ୍ୟରେ ୩ଟି ସ୍କୁଲରେ କେହି ପିଲା ପାସ୍ କରି ନଥିବା ବେଳେ ୧୧୭୦ଟି ସ୍କୁଲରେ ସମସ୍ତେ ପାସ୍ କରିଛନ୍ତି।

## ନବୀନଙ୍କ ବିକାଶ ମଡେଲକୁ ପାନାଗରିଆଙ୍କ ପ୍ରଶଂସା



**ଭୁବନେଶ୍ୱର:** ନୀତି ଆୟୋଗର ପୂର୍ବତନ ଅଧ୍ୟକ୍ଷ ତଥା କଲମ୍ବିଆ ବିଶ୍ୱବିଦ୍ୟାଳୟରେ ଅର୍ଥନୀତି ବିଭାଗର ପ୍ରଫେସର ଅରବିନ୍ଦ ପାନାଗରିଆ ଜାତୀୟ ଗଣମାଧ୍ୟମ 'ଟାଇମ୍ସ ଅଫ୍ ଇଣ୍ଡିଆ'ର ସଂପାଦକୀୟ ପୃଷ୍ଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପ୍ରଶଂସା କରି ଏକ ପ୍ରବନ୍ଧ ଲେଖିଛନ୍ତି। ଯେଉଁଥିରେ ୨୨ ବର୍ଷର ନବୀନ ସରକାରରେ ଓଡ଼ିଶାରେ ହୋଇଥିବା ବିକାଶକୁ ସେ ଦର୍ଶାଇଛନ୍ତି। ନବୀନଙ୍କ ୨୨ ବର୍ଷର ଶାସନ ଓଡ଼ିଶା ଭଳି ରାଜ୍ୟକୁ କିପରି ଅର୍ଥନୈତିକ, କୃଷିଭିତ୍ତିକ ଓ ସମାନ୍ତରାଳ ବିକାଶ ଦିଗରେ ଆଗକୁ ବଢ଼ାଇଛି, ସେ ବିଷୟରେ ଉଲ୍ଲେଖ କରିଛନ୍ତି ପାନାଗରିଆ। ୨୦୦୦ ମସିହାର ସ୍ଥିତି ଓ ଆଜିର ସ୍ଥିତି ମଧ୍ୟରେ ଆକାଶ ପାତାଳ ତଫାତ ଦେଖିବାକୁ ମିଳିଛି। ବିକାଶ ସହିତ ଓଡ଼ିଶା କେଉଁଥିରେ ନିଜକୁ ସୁଦୃଢ଼ କରିପାରିବ, ତାକୁ ନେଇ ପରାମର୍ଶ ଦେଇଛନ୍ତି ପାନାଗରିଆ। ରାଜ୍ୟରେ ୪୮ ଦଶମିକ ୩ ପ୍ରତିଶତ ଶ୍ରମଜୀବୀ କୃଷି କ୍ଷେତ୍ର ସହ ଜଡ଼ିତ। ଏହି ସଂଖ୍ୟାକୁ କମାଇବାର ଆବଶ୍ୟକତା ରହିଛି। ଶିଳ୍ପ, ଆଇଟି ଭଳି ଅଧିକ ଦରମା ପାଉଥିବା ଶ୍ରମଜୀବୀଙ୍କ ସଂଖ୍ୟା ବଢ଼ାଇବାକୁ ପଡ଼ିବ। ଚାକିରିଆ ନହୋଇ ଉଦ୍ୟୋଗୀ ହେବାକୁ ପରାମର୍ଶ ଦେଇଛନ୍ତି ଡକ୍ଟର ପାନାଗରିଆ। ରାଜନୀତି ହେଉ କି ଅର୍ଥନୀତି ହେଉ, ସବୁଥିରେ ନବୀନଙ୍କୁ ଏକ ନମ୍ବର ଭାବେ ଚିତ୍ରଣ କରିଛନ୍ତି ପ୍ରଫେସର ପାନାଗରିଆ। ମହାବାତ୍ୟା ପରର ଓଡ଼ିଶାକୁ ନବୀନ କିପରି ସମ୍ଭାଳିଛନ୍ତି, ତାକୁ ମଧ୍ୟ ଉଲ୍ଲେଖ କରିଛନ୍ତି ପାନାଗରିଆ। ବିକାଶ ସହିତ ଓଡ଼ିଶା ପ୍ରତି ଥିବା ଚ୍ୟାଲେଞ୍ଜକୁ ମଧ୍ୟ ଚିତ୍ରଣ କରିଛନ୍ତି ପାନାଗରିଆ। ଏହି ପ୍ରବନ୍ଧରେ ଅରବିନ୍ଦ ପାନାଗାରିଆ ଲେଖିଛନ୍ତି ଯେ ୨୦୦୪-୦୫ରେ ଓଡ଼ିଶାର ଦାରିଦ୍ର୍ୟ ହାର ଥିଲା ୫୭.୬%, ୨୦୧୧-୧୨ ଏହା କମି ୩୨.୯%କୁ ପହଂଚିଥିଲା। ଓଡ଼ିଶାରେ ଗ୍ରାମାଞ୍ଚଳର ଚିତ୍ର ୨୨ ବର୍ଷରେ ବଦଳିଯାଇଛି ଓ ରାଜ୍ୟର ବାର୍ଷିକ ଆୟ ବୃଦ୍ଧି ପାଇଛି। ଜନସାଧାରଣଙ୍କ ମୁଣ୍ଡପିଛା ଆୟ ମଧ୍ୟ ବୃଦ୍ଧି ପାଇଛି ଓ ରାଜ୍ୟର ଅଭିବୃଦ୍ଧି ହାର ୨୦୦୦ ମସିହା ତୁଳନାରେ ୩% ବୃଦ୍ଧି ପାଇଛି। ରାଜ୍ୟରେ ଅନୁସୂଚିତ ଜାତି ଓ ଜନଜାତିଙ୍କର ବିକାଶ ହୋଇଛି ଓ ଚାଷୀଙ୍କର ବାର୍ଷିକ ଆୟ ଅନ୍ୟ ରାଜ୍ୟ ତୁଳନାରେ ବୃଦ୍ଧି ପାଇଛି।

## ସରକାରୀ ଚାକିରିରେ ୨.୨୬ ଲକ୍ଷ ପଦବୀ ଖାଲି




**ଭୁବନେଶ୍ୱର :** ରାଜ୍ୟରେ ବେରୋଜଗାର ସମସ୍ୟା କ୍ରମାଗତ ଭାବେ ବୃଦ୍ଧି ପାଇବାରେ ଲାଗିଛି। ହେଲେ ତେଣେ ୨୦୨୧ ଡିସେମ୍ବର ସୁଦ୍ଧା ମୋଟ ୨ଲକ୍ଷ ୨୬ହଜାର ୫୫୯ଟି ସରକାରୀ ପଦବୀ ଖାଲି ପଡ଼ିଛି। ମାତ୍ର ରାଜ୍ୟର ଆର୍ଥିକ ସ୍ଥିତି ସୁଦୃଢ଼ ଅଛି ଓ ଓଡ଼ିଶା ଏବେ ଆତ୍ମନିର୍ଭରଶୀଳ ହେବାରେ ଲାଗିଛି ବୋଲି ବିଜେଡି ସରକାର ଦାବି କରୁଛି। ଏତେ ସଂଖ୍ୟକ ପଦବୀକୁ ପୂରଣ ନକରି ଖାଲି ପକାଇବା ଜଣାପଡ଼ିବା ପରେ ଏହା ଅଲୋଚନାର ପ୍ରସଙ୍ଗ ହୋଇଛି। ରାଜ୍ୟ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ଆଜି ବିଧାନସଭାରେ ଲିଖିତ ପ୍ରଶ୍ନର ଉତ୍ତର ଦେଇ କହିଛନ୍ତି ଯେ, ଆର୍ଥିକ ଓ ପ୍ରଶାସନିକ ସଂସ୍କାର କାର୍ଯ୍ୟକାରୀ କରିବା ପରେ ୧୯୯୯-୨୦୦୮ ମଧ୍ୟରେ ବିଭିନ୍ନ ବିଭାଗରେ ୪୫୫୧୩ଟି ମୂଳ ପଦବୀକୁ ସରକାର ଉଚ୍ଛେଦ କରିଥିଲେ। ଏହାବାଦ୍ ୨୦୨୧ ଡିସେମ୍ବର ସୁଦ୍ଧା ୨ଲକ୍ଷ ୨୬ହଜାର ୫୫୯ଟି ପଦବୀ ମଧ୍ୟ ଖାଲି ପଡ଼ିଛି। ଏଥିରେ ଗ୍ରୁପ- ଏରେ ୧୨୩୩୭ଟି, ଗ୍ରୁପ ବିରେ ୪୫୯୬୯ଟି, ଗ୍ରୁପ୍ ସିରେ ୧୧୩୫୩୬ଟି, ଗ୍ରୁପ୍ ଡିରେ ୩୫୦୯୮ଟି ପଦବୀ ଖାଲି ପଡ଼ିଛି। ମାତ୍ର ଏସବୁ ସରକାରୀ ପଦବୀକୁ ପୂରଣ ନକରି ରାଜ୍ୟ ସରକାର ଠିକା ଭିତ୍ତିରେ ସେବା ଯୋଗାଣ ସଂସ୍ଥା ମାଧ୍ୟମରେ ଓ ଅବସରପ୍ରାପ୍ତ କର୍ମଚାରୀଙ୍କୁ ପୁନଃ ନିଯୁକ୍ତି ଦେଇ କାର୍ଯ୍ୟ ଚଳାଉଛନ୍ତି। ତେବେ ଅବସରପ୍ରାପ୍ତଙ୍କୁ ପୁନଃ ନିଯୁକ୍ତି ବଦଳରେ ଯୋଗ୍ୟ ଶିକ୍ଷିତ ବେକାରୀଙ୍କୁ ନିୟମିତ ନିଯୁକ୍ତି କିମ୍ବା କର୍ମଚାରୀଙ୍କ ଅବସର ସୀମା ଅନ୍ତତଃ ଦୁଇବର୍ଷ ବୃଦ୍ଧି କଲେ କେତେ ଟଙ୍କାର ଅତିରିକ୍ତ ଆର୍ଥିକ ଚାପ ପଡ଼ିବ ସେ ନେଇ କୌଣସି ତଥ୍ୟ ବିଭାଗ ପାଖରେ ନାହିଁ ବୋଲି ଅର୍ଥମନ୍ତ୍ରୀ ଶ୍ରୀ ପୂଜାରୀ ସଫେଇ ଦେଇଛନ୍ତି। ଉଲ୍ଲେଖଯୋଗ୍ୟ, ସରକାରୀ ହିସାବରେ ରାଜ୍ୟରେ ପଞ୍ଜୀକୃତ ପ୍ରଶିକ୍ଷିତ ବେକାରଙ୍କ ସଂଖ୍ୟା ପ୍ରାୟ ୯ଲକ୍ଷ ହେବ।

# ୩୪ ବିଭାଗ ଛୁଇଁପାରି ନାହିଁ ଅତିରିକ୍ତ ବଜେଟ୍




**ଭୁବନେଶ୍ୱର :** ରାଜ୍ୟ ସରକାର ନିଜର ଅର୍ଥବ୍ୟବସ୍ଥାର ଗୋଲାପୀ ଚିତ୍ର ଉପସ୍ଥାପନ କରିବାକୁ ଯାଇ ଯେଉଁ ବିଶାଳ ବଜେଟ୍ ପ୍ରତିବର୍ଷ ଉପସ୍ଥାପନ କରୁଛନ୍ତି ତା'ର ନଗ୍ନ ଚେହେରା ପଦାରେ ପଡ଼ିଛି। ୨୦୨୧-୨୨ ଆର୍ଥିକ ବର୍ଷରେ ରାଜ୍ୟ ସରକାର ମୋଟ ୪୩ଟି ବିଭାଗ ପାଇଁ ୧.୭୦ଲକ୍ଷ କୋଟି ଟଙ୍କାର ବଜେଟ୍ ବରାଦ କରିଥିଲେ ମଧ୍ୟ ସେଥିରୁ ମାତ୍ର ୯ଟି ବିଭାଗ ଶତ ପ୍ରତିଶତ ଅର୍ଥ ଖର୍ଚ୍ଚ କରିବାରେ ସକ୍ଷମ ହୋଇଛନ୍ତି। ବାକି ୩୪ଟି ବିଭାଗ ମୂଳ ବଜେଟର ୭୦ରୁ ୮୦ ପ୍ରତିଶତ ଅର୍ଥ ବି ଖର୍ଚ୍ଚ କରିବାକୁ ସକ୍ଷମ ହୋଇପାରିନାହାନ୍ତି। ମୂଳ ବଜେଟରେ ଆବଂଟିତ ଅର୍ଥକୁ ଖର୍ଚ୍ଚ କରିପାରୁନଥିବା ବିଭାଗଗୁଡ଼ିକୁ ଓଲଟା ରାଜ୍ୟ ସରକାର ୨୦୨୧-୨୨ରେ ଅତିରିକ୍ତ ବଜେଟ ଆକାରରେ ୧୭୮୨୫କୋଟି ଟଙ୍କା ଦେଇଥିଲେ, ଯେଉଁଥିରୁ ମାତ୍ର ପ୍ରାୟ ୩୯୦୦କୋଟି ଟଙ୍କା ଖର୍ଚ୍ଚ ହୋଇପାରିଥିବା ଜଣାପଡ଼ିଛି। ରାଜ୍ୟ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ଆଜି ବିଧାନସଭାରେ ବିଧାୟକ ଭୂପିନ୍ଦର ସିଂଙ୍କ ଏକ ପ୍ରଶ୍ନର ଲିଖିତ ଉତ୍ତରରେ କହିଛନ୍ତି ଯେ, ବିଭିନ୍ନ ସୂତ୍ରରୁ ସମ୍ବଳକୁ ଆକଳନ କରି ତଥା ବିଭାଗଗୁଡ଼ିକର ପ୍ରସ୍ତାବ ଅନୁସାରେ ରାଜ୍ୟ ସରକାର ବିଭାଗଗୁଡ଼ିକ ପାଇଁ ବଜେଟରେ ବ୍ୟୟବରାଦ କରିଥାନ୍ତି ଓ ବିଭାଗଗୁଡ଼ିକ ଆବଶ୍ୟକ ଅର୍ଥ ଖର୍ଚ୍ଚ କରିବା ପରେ ବଳକା ରାଶିକୁ ସମର୍ପଣ କରିଥାନ୍ତି। ସେ ୨୦୨୧-୨୨ ଆର୍ଥିକ ବର୍ଷରେ ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ହୋଇଥିବା ଖର୍ଚ୍ଚ ସମ୍ପର୍କରେ ଲିଖିତ ଭାବେ ସୂଚନା ଦେଇ ଶ୍ରୀ ପୂଜାରୀ ଦର୍ଶାଇଛନ୍ତି ଯେ, ସାଧାରଣ ପ୍ରଶାସନ ବିଭାଗ, ଖାଦ୍ୟଯୋଗାଣ, ସ୍ୱାସ୍ଥ୍ୟ, କ୍ରୀଡ଼ା, ଶକ୍ତି, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ନିଜର ମୂଳ ବଜେଟକୁ ଖର୍ଚ୍ଚ କରି ଅତିରିକ୍ତ ବଜେଟରେ ଆବଂଟିତ ଅର୍ଥକୁ ମଧ୍ୟ ୮୦ରୁ ୯୦ ପ୍ରତିଶତ ଖର୍ଚ୍ଚ କରିବାରେ ସକ୍ଷମ ହୋଇଛନ୍ତି। ଆଇଟି ଓ ସରକାରୀ ଉଦ୍ୟୋଗ ବିଭାଗ ଉଭୟ ମୂଳ ଓ ଅତିରିକ୍ତ ବଜେଟର ଶତପ୍ରତିଶତ ଆବଂଟିତ ଅର୍ଥକୁ ଖର୍ଚ୍ଚ କରିଥିବାବେଳେ ସାମାଜିକ ସଶକ୍ତିକରଣ ଓ ଭିନ୍ନକ୍ଷମ ବିଭାଗ ଶତପ୍ରତିଶତରୁ ଅଧିକ ଅର୍ଥ ଖର୍ଚ୍ଚ କରିପାରିଛି। ଅନ୍ୟ ୩୪ଟି ବିଭାଗ ଅତିରିକ୍ତ ବଜେଟରୁ ଅର୍ଥ ଖର୍ଚ୍ଚ କରିବା ଦୂରର କଥା ମୂଳବଜେଟରୁ ୭୦ରୁ ୮୦ ପ୍ରତିଶତ ଅର୍ଥ ଖର୍ଚ୍ଚ କରିପାରିନଥିବା ଅର୍ଥମନ୍ତ୍ରୀଙ୍କ ଲିଖିତ ଉତ୍ତରରୁ ଜଣାପଡ଼ିଛି। ଏପରିକି ରାଜ୍ୟ ସରକାର ଏଫଆରବିଏମ୍ ଆକ୍ଟ ଆଧାରରେ ବିଭାଗର ଅର୍ଥ ଖର୍ଚ୍ଚ ପାଇଁ ରହିଥିବା ପ୍ରାବଧାନର ମଧ୍ୟ ସିଧାସଳଖ ଉଲ୍ଲଙ୍ଘନ। ଅର୍ଥ ମନ୍ତ୍ରୀ ଶ୍ରୀ ପୂଜାରୀ ଦେଇଥିବା ଅନ୍ୟ ଏକ ପ୍ରଶ୍ନର ଲିଖିତ ଉତ୍ତରରୁ ଜଣାପଡ଼ିଛି ଯେ, ୨୦୧୯-୨୦ରେ ୬୨୧୨ କୋଟି ଟଙ୍କାର ଅତିରିକ୍ତ ବଜେଟକୁ ମିଶାଇ ମୋଟ ୧,୫୨,୨୭୩ କୋଟି ଟଙ୍କା ମଧ୍ୟରୁ ୨୬୪୭୧ କୋଟି ଟଙ୍କା ଖର୍ଚ୍ଚ ହୋଇପାରିନି। ସେହିପରି ୨୦୨୦-୨୧ରେ ୬୨୪୨କୋଟି ଟଙ୍କାର ଅତିରିକ୍ତ ବଜେଟକୁ ମିଶାଇ ୧,୬୨,୨୦୫କୋଟି ଟଙ୍କା ମଧ୍ୟରୁ ୩୪୮୯୩କୋଟି ଟଙ୍କା ଖର୍ଚ୍ଚ ହୋଇପାରିନି। ୨୦୨୧-୨୨ରେ ୧୭୮୨୫ କୋଟି ଟଙ୍କାର ଅତିରିକ୍ତ ବଜେଟକୁ ମିଶାଇ ୧,୯୩,୭୧୫କୋଟି ଟଙ୍କା ଆବଣ୍ଟିତ ହୋଇଥିବାବେଳେ ସେଥିରୁ ୩୮୩୩୦କୋଟି ଟଙ୍କା ଖର୍ଚ୍ଚ ନକରି ଫେରାଇଛନ୍ତି। ୨୦୨୧-୨୨ ଆର୍ଥିକ ବର୍ଷରେ ୯ଟି ବିଭାଗ ହିଁ ପ୍ରାୟ ୩୯୦୦କୋଟି ଟଙ୍କା ଖର୍ଚ୍ଚ କରିଥିବାବେଳେ ବାକି ୧୩ରୁ ୧୪ହଜାର କୋଟି ଟଙ୍କା ଅନାବଶ୍ୟକ ଆବଣ୍ଟିତ ହୋଇଛି। ବିଭାଗଗୁଡ଼ିକ ମୂଳ ବଜେଟ ଅର୍ଥକୁ ଖର୍ଚ୍ଚ କରିପାରୁନଥିବାବେଳେ ସରକାର କାହିଁକି ଅତିରିକ୍ତ ବଜେଟ ଆଳରେ ଏତେଗୁଡ଼ିଏ ଟଙ୍କା ଆବଣ୍ଟିତ କରୁଛନ୍ତି ତାହା ଜଣାପଡ଼ିନି। କେବଳ ବଜେଟର ଆକାର ବଢ଼ାଇ ବାହାବା ନେଉଥିବା ସରକାର ବାସ୍ତବରେ ବିଭାଗଗୁଡ଼ିକର ଅର୍ଥ ଖର୍ଚ୍ଚ କରିବାର ଦକ୍ଷତାକୁ ମାପିବାରେ ବିଫଳ ହୋଇଛନ୍ତି।

## ଷ୍ଟାର୍ଟଅପ୍ ର୍ୟାଙ୍କିଙ୍ଗ : ଓଡ଼ିଶା ଶ୍ରେଷ୍ଠ ପ୍ରଦର୍ଶନକାରୀ ରାଜ୍ୟ




**ଭୁବନେଶ୍ୱର :** କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରାଳୟ ପକ୍ଷରୁ ୩ୟ ରାଜ୍ୟ ଷ୍ଟାର୍ଟଅପ ର୍ୟାଙ୍କିଙ୍ଗ୍ ପ୍ରକାଶ ପାଇଛି। ଏହାକୁ କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପ ତଥା ଖାଦ୍ୟ ଓ ଖାଉଟି ବ୍ୟାପାର ମନ୍ତ୍ରୀ ପିୟୁଷ ଗୋଏଲ ଉନ୍ମୋଚିତ କରିଛନ୍ତି। ଏହି ତାଲିକାରେ ଓଡ଼ିଶା ଶ୍ରେଷ୍ଠ ପ୍ରଦର୍ଶନକାରୀ ରାଜ୍ୟମାନଙ୍କ ମଧ୍ୟରେ ସ୍ଥାନ ପାଇଛି। ଏହି ତାଲିକା ଅନୁସାରେ ରାଜ୍ୟ ଓ କେନ୍ଦ୍ର ଶାସିତ ଅଂଚଳଗୁଡ଼ିକୁ ଦୁଇଟି ବର୍ଗରେ ବିଭକ୍ତ କରାଯାଇଛି। ପ୍ରଥମ ବର୍ଗ (ବର୍ଗ-କ)ରେ ବୃହତ ରାଜ୍ୟମାନେ ଥିବାବେଳେ ୨ୟ ବର୍ଗ( ବର୍ଗ-ଖ)ରେ ଉତ୍ତର-ପୂର୍ବାଞ୍ଚଳ ରାଜ୍ୟ ଓ କେନ୍ଦ୍ର ଶାସିତ ଅଂଚଳ ରହିଛନ୍ତି। ଗୁଜୁରାଟ, କର୍ଣ୍ଣାଟକ ଓ ଦିଲ୍ଲୀ ଦେଶର ସର୍ବଶ୍ରେଷ୍ଠ ପ୍ରଦର୍ଶନକାରୀ ରାଜ୍ୟର ମାନ୍ୟତା ପାଇଛନ୍ତି। ସେହିପରି ଶ୍ରେଷ୍ଠ ପ୍ରଦର୍ଶନକାରୀ ରାଜ୍ୟମାନଙ୍କ ମଧ୍ୟରେ ରହିଛନ୍ତି ଓଡ଼ିଶା, ମହାରାଷ୍ଟ୍ର, କେରଳ ଓ ତେଲେଙ୍ଗାନା। ସଂସ୍ଥାଗତ ବା ଆନୁଷ୍ଠାନିକ ସୁବିଧା ଯୋଗାଇବାରେ ଓଡ଼ିଶା, ଗୁଜୁରାଟ, କର୍ଣ୍ଣାଟକ, କେରଳ, ମହାରାଷ୍ଟ୍ର ଆଦି ୯ଟି ରାଜ୍ୟ ରହିଛନ୍ତି। ଷ୍ଟାର୍ଟଅଫ ସଂସ୍ଥା ସାମଗ୍ରୀ ଖରିଦ ଓ କାପାସିଟି ବିଲଡିଂ କ୍ଷେତ୍ରରେ ବି ଓଡ଼ିଶା ଆଗୁଆ ରହିଛି। ଲିଡର ଶ୍ରେଣୀରେ ସ୍ଥାନ ପାଇଥିବା ରାଜ୍ୟମାନେ ହେଲେ ଆସାମ, ପଂଜାବ, ତାମିଲନାଡୁ, ଉତ୍ତରାଖଣ୍ଡ ଓ ଉତ୍ତରପ୍ରଦେଶ। ଅନ୍ୟପକ୍ଷରେ ବର୍ଗ-ଖରେ ମେଘାଳୟ ସର୍ବଶ୍ରେଷ୍ଠ ପ୍ରଦର୍ଶନକାରୀର ମାନ୍ୟତା ପାଇଥିବାବେଳେ ଜମ୍ମୁ ଓ କଶ୍ମୀର ଶ୍ରେଷ୍ଠ ପ୍ରଦର୍ଶନକାରୀର ମାନ୍ୟତା ପାଇଛି।

## ସରିଲା ପ୍ରଥମ ପର୍ଯ୍ୟାୟ ଅଧିବେଶନ

# ଗୃହକୁ ଆସିଲେନି ମୁଖ୍ୟମନ୍ତ୍ରୀ ଓ ବିରୋଧୀ ଦଳ ନେତା



**ଭୁବନେଶ୍ୱର :** ବିଧାନସଭାର ମୌସୁମୀ ଅଧିବେଶନର ପ୍ରଥମ ପର୍ଯ୍ୟାୟ ଅଧିବେଶନ ଶେଷ ହୋଇଛି। ଗୃହକୁ ଆସନ୍ତା ୧୩ତାରିଖ ପର୍ଯ୍ୟନ୍ତ ବାଚସ୍ପତି ମୁଲତବୀ ଘୋଷଣା କରିଛନ୍ତି। ତେବେ ପ୍ରଥମ ପର୍ଯ୍ୟାୟ ଅଧିବେଶନରେ ଗୃହରେ ୨୦୨୨-୨୩ ଆର୍ଥିକ ବର୍ଷର ପୂର୍ଣ୍ଣାଙ୍ଗ ବଜେଟ୍ ଉପସ୍ଥାପିତ ହେବା ସହ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲେ ମଧ୍ୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାଏକ ଅନୁପସ୍ଥିତ ରହିଥିଲେ। ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ବିଦେଶ ଗସ୍ତରୁ ଫେରି ନବୀନ ନିବାସରୁ ଭର୍ଚୁଆଲ ମୋଡରେ ଗୃହ କାର୍ଯ୍ୟରେ ସାମିଲ ହୋଇଥିବାବେଳେ ଅସୁସ୍ଥତା କାରଣରୁ ବିରୋଧୀ ଦଳ ନେତା ଶ୍ରୀ ନାଏକ ଗୃହ କାର୍ଯ୍ୟରେ ଯୋଗ ଦେଇପାରିନଥିବା ଜଣାପଡ଼ିଛି। ସୂଚନା ଅନୁସାରେ, ୨୦୨୨-୨୩ ଆର୍ଥିକ ବର୍ଷର ପୂର୍ଣ୍ଣାଙ୍ଗ ବଜେଟକୁ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ବିଧାନସଭାରେ ଉପସ୍ଥାପନ କରିବାବେଳେ ଗୃହର ନେତା ତଥା ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଭର୍ଚୁଆଲ ମୋଡରେ ସାମିଲ ହୋଇଥିଲେ। ଯଦିଓ ଗୃହରେ ମୁଖ୍ୟମନ୍ତ୍ରୀ ବ୍ୟକ୍ତିଗତ ଭାବେ ଉପସ୍ଥିତ ରୁହନ୍ତୁ ବୋଲି ସର୍ବଦଳୀୟ ବୈଠକରେ କଂଗ୍ରେସ ପକ୍ଷରୁ ଦାବି ହୋଇଥିଲା। ମୁଖ୍ୟମନ୍ତ୍ରୀ ବିଦେଶ ଗସ୍ତ ସହ ପୁରୀକୁ ଗସ୍ତ କରିଥିଲେ ମଧ୍ୟ ଗୃହ କାର୍ଯ୍ୟରେ ସାମିଲ ହୋଇନାହାନ୍ତି। ଏପଟେ ବିରୋଧୀ ଦଳ ନେତା ଶ୍ରୀ ନାଏକ ଦୀର୍ଘଦିନ ଧରି ଅସୁସ୍ଥତା ଯୋଗୁ ଗୃହ କାର୍ଯ୍ୟରେ ସାମିଲ ହେଉନଥିଲେ। ବିଜେପି ତାଙ୍କ ସ୍ଥାନରେ ଆଉ କାହାରିକୁ ବିରୋଧୀ ଦଳ ନେତା ଚୟନ କରୁନଥିବାରୁ ଦୀର୍ଘ ୨ବର୍ଷ ଧରି ଗୁରୁତ୍ୱପୂର୍ଣ୍ଣ ପବ୍ଲିକ ଆକାଉଣ୍ଟସ୍ କମିଟି(ପିଏସି) ବୈଠକ ମଧ୍ୟ ବସି ପାରୁନି। ଚଳିତ ଅଧିବେଶନରେ ମଧ୍ୟ ବିଜେପି କାହାରିକୁ ବିଧାୟକ ଦଳ ନେତା ଚୟନ କରିନାହିଁ। ବିଧାନସଭା ଅଧିବେଶନ ସମୟରେ ଉଭୟ ଗୃହର ନେତା ଓ ବିରୋଧୀ ଦଳ ନେତାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଥିବାବେଳେ ଏହି ଦୁଇ ନେତା ଗୃହରେ ଅନୁପସ୍ଥିତ ରହିବା ତଥା କୌଣସି ବିଧାୟକଙ୍କୁ ସାକ୍ଷାତ ନକରିବା ପରୋକ୍ଷରେ ଭିନ୍ନ ଏକ ପରମ୍ପରା ସୃଷ୍ଟି କରିଛି। ଯାହାର ପ୍ରତିଫଳନ ମଧ୍ୟ ଚଳିତ ବିଧାନସଭା ଅଧିବେଶନରେ ଦେଖିବାକୁ ମିଳିଛି। ଶାସକ ସଭ୍ୟ ସୌମ୍ୟରଞ୍ଜନ ପଟ୍ଟନାୟକ ଓ ଭାଗିରଥୀ ସେଠୀ ଖୋଲାଖୋଲି ଭାବେ ସରକାରୀ ଅଫିସର ଓ ମନ୍ତ୍ରୀଙ୍କ କାର୍ଯ୍ୟକୁ ସମାଲୋଚନା କରି ନିଜ ସରକାରର ଅସଲ ମୁଖା ଖୋଲିଛନ୍ତି। ସାଧାରଣ ଭାବେ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବା ସବୁ ଦଳର ବିଧାୟକମାନଙ୍କ ପାଇଁ ସମ୍ଭବପର ହେଉନଥିବାବେଳେ ବିଧାନସଭା ଅଧିବେଶନ ସମୟରେ ବି ମୁଖ୍ୟମନ୍ତ୍ରୀ ଗୃହକୁ ନଆସିବା ପରୋକ୍ଷରେ ବିଧାୟକମାନଙ୍କ ପାଇଁ ଭେଟିବାର ଶେଷ ସୁଯୋଗକୁ ମଧ୍ୟ ବନ୍ଦ କରିଦେଇଛି। ଚଳିତ ଅଧିବେଶନରେ ବିରୋଧୀ ସଦସ୍ୟମାନେ କଲେଜ ଛାତ୍ରୀ ରୁଚିକା ଆତ୍ମହତ୍ୟା ପ୍ରସଙ୍ଗକୁ ନେଇ ଗୃହରେ ହଟ୍ଟଗୋଳ କରିଥିଲେ ମଧ୍ୟ ପରେ ଗୃହ କାର୍ଯ୍ୟ ସ୍ୱାଭାବିକ ଚାଲିଥିଲା। ଶନିବାର ଗୃହରେ ବଜେଟ୍ ଉପସ୍ଥାପନ ହୋଇଥିବାବେଳେ ଅନ୍ୟ ୩ଦିନ ଧରି ଗୃହରେ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ବିଦ୍ୟୁତ ସଂସ୍କାର ଓ ଘନଘନ ପାୱାର କାଟ୍, ବେରୋଜଗାରୀ ସମସ୍ୟା ଓ ରାଜ୍ୟରେ ନିଶା କାରବାର ବୃଦ୍ଧିକୁ ଆସିଥିବା ୩ଟି ମୁଲତବୀ ପ୍ରସ୍ତାବ ଉପରେ ଆଲୋଚନା ମଧ୍ୟ ସମ୍ଭବପର ହୋଇଛି। ଗୃହରେ ବଜେଟର ସାଧାରଣ ଆଲୋଚନା ଶେଷ ହୋଇଥିବାବେଳେ ଦ୍ୱିତୀୟ ପର୍ଯ୍ୟାୟ ଅଧିବେଶନରେ ବିଭାଗୱାରି ବଜେଟ୍ ଉପରେ ଆଲୋଚନା ହେବ। ଚଳିତ ପ୍ରଥମ ପର୍ଯ୍ୟାୟ ଅଧିବେଶନରେ ବାଚସ୍ପତି ବିକ୍ରମ କେଶରୀ ଆରୁଖ ୨ଟି ଗୁରୁତ୍ୱପୂର୍ଣ୍ଣ ରୁଲିଂ ଦେଇଛନ୍ତି। ପ୍ରଥମଟି ହେଲା ବୁକ ସର୍କୁଲାର-୪୭କୁ ସଠିକ୍ ଭାବେ କାର୍ଯ୍ୟକାରୀ ହେଉଛି କି ନାହିଁ ସଂସଦୀୟ ବ୍ୟାପାର ସଚିବଙ୍କୁ ଡାକି ତାହା ଅନୁଧ୍ୟାନ କରିବାକୁ ମୁଖ୍ୟ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ବିଭାଗଗୁଡ଼ିକ ଅଧିକାଂଶ ପ୍ରଶ୍ନର ଉତ୍ତରରେ ତଥ୍ୟ ସଂଗ୍ରହ ଲେଖି ଦାୟିତ୍ୱରୁ ଖସି ଯାଉଥିବାରୁ ବାଚସ୍ପତି ଏନେଇ ବିଧାନସଭା ସଚିବଙ୍କୁ ତଦାରଖ ନିର୍ଦ୍ଦେଶ ଦେଇଛନ୍ତି। ବିଭାଗ ଗୁଡ଼ିକରୁ ତଥ୍ୟ ଆଣି ବିଧାୟକମାନଙ୍କୁ ଦେବା ପାଇଁ ରୁଲିଂ ଦେଇଛନ୍ତି।

ସୁଖ ପାଖରେ ଜ୍ଞାନ ନଥାଏ। ଯିଏ ଜ୍ଞାନୀ ସେ ସୁଖ ପଛରେ ଗୋଡ଼ାଏ ନାହିଁ।



EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୧୧ - ୧୭ ଜୁଲାଇ, ୨୦୨୨

# ଆଗାମୀ ଗସ୍ତକୁ ଅପେକ୍ଷା

ସମସ୍ତ କୁହନ୍ତି ରାଜନୀତିରେ ସବୁ ସମ୍ଭବ। ହେଲେ ଏଭଳି ବକ୍ତବ୍ୟ ପଛରେ ସତ୍ୟତା କେତେ ତାହା ବୁଝିବାକୁ ପଡିବ। ସଦ୍ୟତମ ଘଟଣାରୁ ଏହା ଆରମ୍ଭ କରିବା। ନିକଟରେ ଏନଡିଏ ପକ୍ଷରୁ ଓଡିଶାରୁ ଆଦିବାସୀ ନେତ୍ରୀ ଦ୍ରୌପଦୀ ମୁର୍ମୁଙ୍କ ନାମ ରାଷ୍ଟ୍ରପତି ପ୍ରାର୍ଥୀ ଭାବେ ଘୋଷଣା ହୋଇଛି। ଏଥିରେ ଏନ୍‌ଡ଼ିଏର ସହଭାଗୀ ଦଳମାନେ ଦ୍ରୌପଦୀଙ୍କୁ ସମର୍ଥନ କରିବା ନିଶ୍ଚିତ ଥିଲାବେଳେ ଏନ୍ଡିଏର ସହଯୋଗୀ ନଥିବା ବିଜୁ ଜନତା ଦଳ (ବିଜେଡି) ଅଧିକ ତତ୍ପରତା ଦେଖାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଶେଷ ଭାବେ ଏ ନେଇ ସମସ୍ତ ରାଜନୈତିକ ଦଳ ମାନଙ୍କୁ ଦ୍ରୌପଦୀଙ୍କ ସମର୍ଥନ ନେଇ ମଧ୍ୟ ଅନୁରୋଧ ଜଣାଇଛନ୍ତି। କେବଳ ଏତିକିରେ ଏହା ସୀମିତ ହୋଇ ରହିନାହିଁ। ବିଜେଡି ପକ୍ଷରୁ ଦ୍ରୌପଦୀଙ୍କ ସମର୍ଥନରେ ଏକ କମିଟି ଗଠନ କରାଯାଇ ରାଜ୍ୟର ସବୁ ରାଜନୈତିକ ଦଳଙ୍କୁ ଅନୁରୋଧ କରାଯାଉଛି ଯେ, ରାଷ୍ଟ୍ରପତି ଭାବେ ଦ୍ରୌପଦୀଙ୍କୁ ଭୋଟ ଦେବା ପାଇଁ। ଏହି କମିଟିରେ ବିଜେଡିର ଅନେକ ନେତା ଓ ମନ୍ତ୍ରୀ ରହିଛନ୍ତି। ସେମାନେ ଅନ୍ୟ ଦଳର କର୍ମକାର୍ତ୍ତାଙ୍କୁ ବୁଝାଇବାକୁ ଚେଷ୍ଟା କରୁଛନ୍ତି ଯେ, ମାଟିର ଝିଅକୁ ନିର୍ବାଚିତ କରିବା। ଯାହା ବରିଷ୍ଠ କଂଗ୍ରେସ ନେତା ବିଧାୟକ ସୁର ରାଉତରାୟ ଆରମ୍ଭରୁ କହିଥିଲେ। ହେଲେ ପରେ ମାଟି ଅପେକ୍ଷା ପାର୍ଟି ବଡ଼ ବୋଲି ତାଙ୍କ ଉପରେ ଦଳୀୟ ଚାପ ବଢିବାରୁ ଶ୍ରୀ ରାଉତରାୟ ପରେ ମତ ପରିବର୍ତ୍ତନ କରିଥିଲେ। ହେଲେ ସେହି କଂଗ୍ରେସ ଦଳକୁ ବୁଝାଇବା ପାଇଁ ବିଜେଡିର ବରିଷ୍ଠ ନେତା ତଥା ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଦାୟିତ୍ୱ ତୁଲାଉଛନ୍ତି। ସେ ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ସମେତ ବରିଷ୍ଠ କଂଗ୍ରେସ ନେତା ନରସିଂହ ମିଶ୍ରଙ୍କ ସହ ଆଲୋଚନା ମଧ୍ୟ କରିଛନ୍ତି। କେବଳ କଂଗ୍ରେସ ନୁହଁ,ବିଜେପି ବ୍ୟତୀତ ଅନ୍ୟ ରାଜନୈତିକ ଦଳ ନେତାଙ୍କୁ ମଧ୍ୟ ବିଜେଡି ପକ୍ଷରୁ ଅନୁରୋଧ କରାଯାଉଛି। ଏହା ନିଶ୍ଚିତ ରାଜ୍ୟବାସୀଙ୍କ ପାଇଁ ଏକ ଖୁସି ଖବର। କାରଣ ଓଡିଶାରୁ ଜଣେ ଆଦିବାସୀ ନେତ୍ରୀ ଦେଶର ସର୍ବୋଚ୍ଚ ଆସନ ଗ୍ରହଣ କରିବେ। ଏହା ନିଶ୍ଚୟ ଆମ ପାଇଁ ଗର୍ବ ଓ ଗୌରବର ବିଷୟ ଏଥିରେ ଦ୍ୱିମତ ନାହିଁ। ତେବେ ଦ୍ରୌପଦୀଙ୍କ ପାଇଁ ବିଜେଡିର ଉତ୍କଣ୍ଠା ପଛରେ କେବଳ ଓଡ଼ିଆତ୍ୱ ନା ଆଉ କିଛି ତାହା ବୁଝିହେଉନି। ଦୀର୍ଘବର୍ଷ ହେଲା ରାଜ୍ୟ ଶାସନ କ୍ଷମତାରେ ଥିବା ବିଜେଡି ଯଦିଓ ଏନଡିଏ ମେଣ୍ଟରେ ନାହିଁ,ତଥାପି ଅଧିକାଂଶ ପ୍ରସଙ୍ଗରେ ଏନ୍ଡିଏକୁ ସମର୍ଥନ ଦେଇଆସିଛି।ତେଣୁ ଏହାକୁ ନେଇ ରାଜ୍ୟରେ ବିଜେଡି-ବିଜେପି ଭିତିରି ମେଣ୍ଟ ରହିଥିବା କଥା ମୂଳରୁ କଂଗ୍ରେସ କହିଆସୁଛି। ତେବେ ଯାହାବିହେଉ ଓଡ଼ିଶାର ସ୍ୱାଭିମାନକୁ ନେଇ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ ନିଶ୍ଚୟ ସ୍ୱାଗତଯୋଗ୍ୟ ଓ ବଳିଷ୍ଠ ପଦକ୍ଷେପ। ମୁଖ୍ୟମନ୍ତ୍ରୀଙ୍କ କହିବାକଥା, ଦ୍ରୌପଦୀଙ୍କ ପ୍ରାର୍ଥୀତ୍ୱ ଓଡିଶା ପାଇଁ ଅପୂର୍ବ ସୁଯୋଗ ଆଣିଛି। ଏହାକୁ ସଫଳ କରିବା ଆମର ଧର୍ମ। ଏହିକ୍ରମରେ ମୁଖ୍ୟମନ୍ତ୍ରୀ ଦଳୀୟ ବିଧାୟକ ମାନଙ୍କ ବ୍ୟତୀତ ସ୍ୱାଧୀନ ବିଧାୟକ ମାନଙ୍କୁ ମଧ୍ୟ ଦ୍ରୌପଦୀଙ୍କ ସପକ୍ଷରେ ଭୋଟ ଦେବାକୁ ଅନୁରୋଧ ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ ମଧ୍ୟ ରାଜ୍ୟ କଂଗ୍ରେସ ନେତା ବିଧାୟକଙ୍କୁ ଫୋନ ଯୋଗେ କହିବା ପରେ ବ୍ୟକ୍ତିଗତ ଭାବେ ସାଙ୍ଗଠନିକ ସମ୍ପାଦକ ଶରତ ଓ ନରସିଂହଙ୍କୁ ସାକ୍ଷାତ କରିଥିଲେ।

ସମ୍ପାଦକୀୟ

ତାରକ ମହାନ୍ତି



ଏଥିରେ ବିଜେଡି ପ୍ରତିନିଧିମଣ୍ଡଳୀ ବି ସାମିଲ ଥିଲେ। ଏଥିରୁ ଗୋଟେ କଥା ପ୍ରମାଣିତ ହେଉଛି ଯେ, ନବୀନ ବାବୁ ଓଡ଼ିଶାର ସ୍ୱାଭିମାନକୁ ଟେକ ରଖିବା ପାଇଁ ଗୋଟେ ସୁଯୋଗକୁ ହାତଛଡା କରିବାକୁ ଚାହୁଁନାହାନ୍ତି। ଓଡ଼ିଆ ଝିଅ ଦେଶର ସର୍ବୋଚ୍ଚ ସମ୍ମାନରେ ସମ୍ମାନିତ ହେବା ପ୍ରସଙ୍ଗରେ ସେ ଯେଉଁଭଳି ଆଭିମୁଖ୍ୟ ଦେଖାଇଛନ୍ତି ତାହାକୁ ଯେତେ ପ୍ରଶଂସା କଲେ ବି କମ ପଡିବ। ତେବେ ମୁଖ୍ୟମନ୍ତ୍ରୀଙ୍କ ଏଭଳି ଆନ୍ତରିକତା ପଛରେ ଅନେକ କାରଣ ରହିଛି। ପ୍ରଥମତଃ ଦ୍ରୌପଦୀ ଜଣେ ଆଦିବାସୀ, ଉଚ୍ଚ ଶିକ୍ଷିତ ମହିଳା। ସବୁ କ୍ଷେତ୍ରରେ ଦ୍ରୌପଦୀ ନିଜକୁ ସଫଳ କରିପାରିଛନ୍ତି। ପାଠ ପଢା, ଚାକିରୀ, ଶିକ୍ଷକତା, ସମାଜସେବା, ରାଜନୀତି ସବୁ କ୍ଷେତ୍ରରେ ସେ ନିଜର ଏକ ଅନନ୍ୟ ପରିଚୟ ସୃଷ୍ଟି କରିପାରିଛନ୍ତି। ମୟୁରଭଞ୍ଜ ଜିଲ୍ଲା ଉପରବେଡାର ୬୪ ବର୍ଷୀୟା ଶ୍ରୀମତୀ ମୁର୍ମୁ ଶିକ୍ଷା ହେଉ କି ସମାଜ ବ୍ୟବସ୍ଥା ସବୁଥିରେ ଝିଅଙ୍କୁ ଗୁରୁତ୍ୱ ଦେଇଆସିଛନ୍ତି। ଦ୍ରୌପଦୀ ଜାଣନ୍ତି ଝିଅଟିଏ ଶିକ୍ଷିତ ହେଲେ ସମାଜର ବିକାଶ ହୋଇପାରିବ। ତେବେ ରାଷ୍ଟ୍ରପତି ନିର୍ବାଚନରେ ତାଙ୍କର ବିଜୟ ଏକ ପ୍ରକାର ସୁନିଶ୍ଚିତ ବୋଲି ଜାଣିସାରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଯେଉଁଥିପାଇଁ ରାଜ୍ୟବାସୀ ମଧ୍ୟ ଖୁସି ବ୍ୟକ୍ତ କରୁଛନ୍ତି। ନାରୀ ସଶକ୍ତିକରଣ ଉପରେ ନବୀନଙ୍କ ଉଦ୍ୟମ କେତେ ବଳିଷ୍ଠ ତାହା କେବଳ ରାଜ୍ୟ ନୁହେଁ, ଦେଶ ଜାଣିଛି। ଆଦିବାସୀଙ୍କ ଉନ୍ନତି କ୍ଷେତ୍ରରେ ମଧ୍ୟ ନବୀନଙ୍କ ସରକାର ସଫଳତା ପାଇଛି। ଓଡ଼ିଶାର ଆଦିବାସୀଙ୍କ ପାଇଁ ବିଜେଡି ସରକାର ଅନେକ ଗୁଡିଏ ଯୋଜନାକୁ କାର୍ଯ୍ୟକାରୀ କରୁଛି। ନବୀନ ବାବୁ ବୁଝିଛନ୍ତି ଯେ,ମହିଳା ମାନେ ସଶକ୍ତ ହେଲେ ରାଜ୍ୟର ବିକାଶ ତ୍ୱରାନ୍ୱିତ ହୋଇପାରିବେ। ସେଥିପାଇଁ ମହିଳାଙ୍କ ଆତ୍ମନିର୍ଭର ପାଇଁ ଓଡ଼ିଶାରେ ପର୍ଯ୍ୟାପ୍ତ ସୁଯୋଗ ସୃଷ୍ଟି କରିଛନ୍ତି। କିନ୍ତୁ ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀଙ୍କ ଏଭଳି ଆଭିମୁଖ୍ୟକୁ ସହଜରେ ଗ୍ରହଣ କରୁନାହାନ୍ତି କିଛି ରାଜନୈତିକ ସମୀକ୍ଷକ। ସେମାନଙ୍କ କହିବାର କଥା ନବୀନ ପଟ୍ଟନାୟକ ଏନ୍‌ଡ଼ିଏର ଅଂଶୀଦାର ନଥିବା ସତ୍ତ୍ୱେ ଦ୍ରୌପଦୀଙ୍କ ପ୍ରାର୍ଥୀ ହେବାକୁ ନେଇ ଏତେ ବ୍ୟଗ୍ର କାହିଁକି। ବିଜେପିର ମୁଣ୍ଡବିନ୍ଧା କମେଇବାକୁ ନବୀନ କାହିଁକି ଏତେ ବ୍ୟଗ୍ର କାହାକୁ ଖୁସି କରିବାକୁ ଚାହୁଁଛନ୍ତି ନବୀନ ପଟ୍ଟନାୟକ। କାହିଁକି ଏତେ ଆନୁଗତ୍ୟ। ବିଦେଶ ଯିବା ଭିତରେ ଏକ ଟୁଇଟ ମାଧ୍ୟମରେ ଦ୍ରୌପଦୀଙ୍କୁ ଭୋଟ ଦେବାକୁ ରାଜ୍ୟର ୧୪୭ ବିଧାୟକଙ୍କୁ ସେ ନିବେଦନ କରିଥିଲେ। ଜଣେ ଓଡ଼ିଆ ଝିଅ ରାଷ୍ଟ୍ରପତି ହେଲେ ଓଡ଼ିଶାର ଗୌରବ ତ ନିଶ୍ଚୟ ବଢିବ। ଏହା ସତ୍ୟ ଯେ ଓଡ଼ିଆ ଝିଅ ରାଷ୍ଟ୍ରପତି ହେଲେ ଓଡ଼ିଶାର ସମ୍ମାନ ବଢିବ, ହେଲେ ବିଜେପି ଅପେକ୍ଷା ବିଜେଡି କାହିଁକି ଏତେ ବ୍ୟସ୍ତ। ଗୋଟେ ଏକ ନମ୍ବର ସରକାର ଅନ୍ୟ ଦଳ ପାଇଁ ବ୍ୟସ୍ତ ହେବା ପଛରେ କେଉଁ କାରଣ ରହିଛି ତାହା ଏଯାଏ କେହି ବୁଝିପାରୁନାହାନ୍ତି। ହେଲେ ରାଷ୍ଟ୍ରପତି ପ୍ରାର୍ଥୀ ଘୋଷଣା ହେବା ପରେ ନବୀନ ନିଜ ଆଡୁ ଦ୍ରୌପଦୀଙ୍କୁ ସମର୍ଥନ ଘୋଷଣା କରି ସତେଯେମିତି ଉପହାର ଦେଇଦେଲେ। କାରଣ ଅତୀତରେ ଭାଇ ଭାବି ଦ୍ରୌପଦୀ ନବୀନଙ୍କ ହାତରେ ରାକ୍ଷୀ ବାନ୍ଧିଥିଲେ। ଶୁକ୍ରବାର ଓଡ଼ିଶା ଆସି ନବୀନ ନିବାସରେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିବା ସହିତ ସେଠାରେ ମଧ୍ୟାହ୍ନ ଭୋଜନ ମଧ୍ୟ କରିଥିଲେ। ହେଲେ ବିମାନବନ୍ଦରରେ ଉଭୟ ବିଜେଡି ଓ ବିଜେପି ନେତାମାନେ ଦ୍ରୌପଦୀଙ୍କୁ ଯେଭଳି ସ୍ୱାଗତ ଜଣାଇଲେ ତାହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏନ୍‌ଡିଏ ରାଷ୍ଟ୍ରପତି ପ୍ରାର୍ଥିନୀ ଦ୍ରୌପଦୀ ମୁର୍ମୁ ନିଜ ରାଜ୍ୟରେ ପ୍ରଚାର ଶେଷ କରି ଫେରି ଯାଇଛନ୍ତି। ନିଜ ମାଟିରେ ଉଭୟ ଶାସକ ଓ ବିରୋଧୀଙ୍କ ଠାରୁ ତାଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଭୁବନେଶ୍ୱରରେ ତାଙ୍କର ମାତ୍ର ୪ଘଣ୍ଟାର ରହଣୀ ବେଶ୍ ଘଟଣାବହୁଳ ଓ ଚର୍ଚ୍ଚିତ ରହିଥିଲା। ତାଙ୍କର ବିଜୟ ସୁନିଶ୍ଚିତ ଥିବାରୁ ପରବର୍ତ୍ତୀ ଓଡ଼ିଶା ଗସ୍ତ 'ଭାରତର ରାଷ୍ଟ୍ରପତି' ଭାବେ ହିଁ ହେବ।

**ଯୋଗାଯୋଗ ଠିକଣା**

ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# ମାଦ୍ରିଦରେ ନାଟୋ



ସୌମେନ୍ଦ୍ର ଜେନା

ବିଗତ ଚାରିମାସରୁ ଅଧିକ ସମୟ ହେଲା ୟୁରୋପରେ ରୁଷିଆ-ୟୁକ୍ରେନ ମଧ୍ୟରେ ଯୁଦ୍ଧ ଜାରିଥିଲା ବେଳେ ନାଟୋ ମେଣ୍ଟ ପାଇଁ ତାହା ଚିନ୍ତାଜନକ ରହିଆସିଛି। ଯୁଦ୍ଧର ମୂଳ କାରଣ ହେଲା ୟୁକ୍ରେନର ନାଟୋ ସଦସ୍ୟତା ପାଇଁ ପ୍ରବଳ ଆଗ୍ରହ। ନାଟୋ ସାମରିକ ମେଣ୍ଟ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରଠାରୁ ରୁଷିଆକୁ ସୀମିତ କରି ରଖିବାକୁ ଚାହିଁ ଆସିଛି। ନାଟୋର ଷଡଯନ୍ତ୍ରରେ ସୋଭିଏତ ରୁଷିଆର ପତନ ପରେ ସୋଭିଏତ୍ ରୁଷିଆରୁ ବିଚ୍ଛିନ୍ନ ହୋଇ ସ୍ୱାଧୀନ ହୋଇଥିବା ସଂଖ୍ୟାଧିକ ରାଷ୍ଟ୍ରଙ୍କୁ ନାଟୋ ଗୋଟିକ ପରେ ଗୋଟିଏ କରି ସଦସ୍ୟଭୁକ୍ତ କରିବାରେ ଲାଗିଛି, ଯଦ୍ୱାରା ରୁଷିଆର ସୁରକ୍ଷା ପ୍ରତି ଅଧିକରୁ ଅଧିକ ବିପଦ ସୃଷ୍ଟି ହେବାରେ ଲାଗିଛି। ୟୁରୋପୀୟ ରାଷ୍ଟ୍ରଗୁଡିକ ଗ୍ୟାସ, ତୈଳ, ବିଦ୍ୟୁତ, କୋଇଲା ଆଦି ରୁଷିଆଠାରୁ କିଣୁଥିବେ ସତ, କିନ୍ତୁ ପଛପଟେ ତୋପ ସଜେଇ ବସି ରହିଥିବେ। ଏ ପ୍ରକାର ସଂପର୍କକୁ ରୁଷିଆର ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ବଦଳାଇବାକୁ ଚାହୁଁଛନ୍ତି। ଗୋଟିଏ ସମୟରେ ବାଣିଜ୍ୟ ଓ ଶତ୍ରୁତା ଚାଲିବା ଠିକ୍ ନୁହେଁ ବୋଲି ମନେକରି ସେ ଅନେକ ପଡୋଶୀ ରାଷ୍ଟ୍ରମାନଙ୍କୁ ତୈଳ, ଗ୍ୟାସ, ବିଦ୍ୟୁତ ଆଦି ଯୋଗାଣକୁ ବନ୍ଦ କରିଛନ୍ତି। ଫଳରେ ୟୁରୋପରେ ଏବେ ସଙ୍କଟଜନକ ପରିସ୍ଥିତି ସୃଷ୍ଟି ହୋଇଛି। ଅନେକ ରାଷ୍ଟ୍ରରେ ଉତ୍ପାଦନ ହ୍ରାସ ପାଇଛି, ବଜାରକୁ ଯୋଗାଣ ହୋଇପାରୁନାହିଁ, ଖାଦ୍ୟାନ୍ନର ଅଭାବ ପରିଲକ୍ଷିତ ହେଲାଣି। ଏହି ଅସ୍ଥିରତା ମଧ୍ୟରେ ଗତ ଜୁନ ୨୮ରୁ ୩୦ ପର୍ଯ୍ୟନ୍ତ ସ୍ପେନର ମାଦ୍ରିଦଠାରେ ନାଟୋ ମେଣ୍ଟର ବୈଠକ ଅନୁଷ୍ଠିତ ହୋଇଥିଲା। ବର୍ତ୍ତମାନର ସଙ୍କଟରୁ ମୁକୁଳିବା ଏବଂ ଆଗାମୀ ଦିନର ଆହ୍ୱାନର ସମ୍ମୁଖୀନ ହେବାଲାଗି ମାଦ୍ରିଦ ବୈଠକ ଗୁରୁତ୍ୱପୂର୍ଣ୍ଣ ଥିଲା। କାରଣ ଫିନଲାଣ୍ଡ ଏବଂ ସ୍ୱିଡେନକୁ ନାଟୋର ସଦସ୍ୟତା ପ୍ରଦାନ ପାଇଁ ଆବେଦନକୁ ସ୍ୱୀକୃତି ଦେବାଲାଗି ନିଷ୍ପତ୍ତି ନେବା ଜରୁରୀ ଥିଲା। ୟୁକ୍ରେନ ଉପରେ ରୁଷିଆର ଆକ୍ରମଣ ପରେ ୟୁରୋପର ଛୋଟ ଛୋଟ ରାଷ୍ଟ୍ରଗୁଡିକ ଭୟଭୀତ ହୋଇପଡିଛନ୍ତି। ରୁଷିଆର ସେନାବାହିନୀ ସହ ସମ୍ମୁଖୀନ ହେବାଲାଗି ସେମାନଙ୍କର ସେନାସଂଖ୍ୟା କିମ୍ବା ଆର୍ଥିକ ସମ୍ବଳ ଯଥେଷ୍ଟ ନଥିବା ହେତୁ ସେମାନେ ନାଟୋ ସୁରକ୍ଷାର ଛତ୍ରିତଳେ ଆଶ୍ରୟ ନେବାକୁ ଉଚିତ ମନେ କରୁଛନ୍ତି। ନର୍ଥ ଆଟାଲାଣ୍ଟିକ ଟ୍ରିଟି ଅର୍ଗାନାଇଜେସନ ବା ନାଟୋର କାଉନସିଲ ପକ୍ଷରୁ ୨୯ଜୁନରେ ପ୍ରକାଶିତ ଏକ ମିଳିତ ବିଜ୍ଞପ୍ତିକୁ ଦେଖିଲେ ବୈଠକର ଆଶା ଓ ଆବଶ୍ୟକତା ବୁଝିହେବ। ନାଟୋ ମେଣ୍ଟଭୁକ୍ତ ରାଷ୍ଟ୍ରମୁଖ୍ୟମାନଙ୍କ ପକ୍ଷରୁ ପ୍ରକାଶିତ ଏହି ବିଜ୍ଞପ୍ତିରେ କୁହାଯାଇଛି ଯେ ନାଟୋ ଆନ୍ତର୍ଜାତିକ ଏକତା,ଶାନ୍ତି ଓ ସ୍ଥିରତା ପାଇଁ ଉଦ୍ଦିଷ୍ଟ ସଂଗଠନ। ଏହି ପ୍ରତିରକ୍ଷା ମେଣ୍ଟ କୌଣସି ରାଷ୍ଟ୍ର ପ୍ରତି ଆଦୌ ବିପଦସୃଷ୍ଟିକାରୀ ନୁହେଁ। ୱାସିଂଟନ ଚୁକ୍ତି ପ୍ରତି ସମସ୍ତେ ପ୍ରତିଶ୍ରୁତିବଦ୍ଧ, ଗଣତନ୍ତ୍ର, ବ୍ୟକ୍ତି ସ୍ୱାଧୀନତା, ମାନବାଧିକାର, ଆଇନର ଶାସନ ପ୍ରତି ନାଟୋ ମେଣ୍ଟ ପ୍ରତିଶ୍ରୁତିବଦ୍ଧ ବୋଲି କୁହାଯାଇଛି। ବିଶ୍ୱସ୍ତରରେ ନୀତି ଆଧାରିତ ବ୍ୟବସ୍ଥାକୁ ଗ୍ରହଣ କରିବା ନାଟୋର ଉଦ୍ଦେଶ୍ୟ।

ଏହିସବୁ ବିଷୟ ଉଲ୍ଲେଖ କରି ମେଣ୍ଟ ରୁଷିଆ ବିରୋଧରେ ହିଁ ଅଧିକମାତ୍ରାରେ ବିଷୋଦଗାର କରିଛି। ଏପରିକି ମାଦ୍ରିଦ ବୈଠକରେ ବ୍ରିଟେନର ପୂର୍ବତନ ପ୍ରଧାନମନ୍ତ୍ରୀ ବୋରିସ ଜନ୍‌ସନ୍ ଏବଂ ଅନ୍ୟ କିଛି ନେତାମାନେ ପୁଟିନଙ୍କ ବ୍ୟକ୍ତିଗତ ରୁଚି ଓ ଜୀବନକୁ ନେଇ ଯେପରି ବ୍ୟଙ୍ଗ ପ୍ରକାଶ କଲେ ତାହା ଦେଶ ବିଦେଶର ଗଣମାଧ୍ୟମରେ ଚର୍ଚ୍ଚାର ବିଷୟ ଥିଲା। କିନ୍ତୁ ସେଥିରେ ପୁଟିନଙ୍କ ପ୍ରତି ନାଟୋ ନେତୃମଣ୍ଡଳୀର କିପରି ପ୍ରଚଣ୍ଡ ଘୃଣା କରିଥିଲା ତାହା ଜଣାପଡିଥିଲା। ନାଟୋ ମେଣ୍ଟ ଯୁଦ୍ଧ ପାଇଁ ରୁଷିଆକୁ ସଂପୂର୍ଣ୍ଣ ଦାୟୀ କରିଥିଲେ। ବିଶ୍ୱରେ ଦେଖାଦେଇଥିବା ଖାଦ୍ୟାନ୍ନର ଅଭାବ ପାଇଁ ରୁଷିଆ ଦାୟୀ ବୋଲି କହିଥିଲେ। ଗୋଟିଏ ପଟେ ପୁଟିନଙ୍କୁ ଯୁଦ୍ଧ ବନ୍ଦ କରିବା ପାଇଁ କହିଥିବା ଏହି ମେଣ୍ଟ ୟୁକ୍ରେନର ଆତ୍ମରକ୍ଷା ପାଇଁ ସମସ୍ତ ସହାୟତା ଏପରିକି ମାରଣାସ୍ତ୍ର ଯୋଗାଇ ଦେବାକୁ ପ୍ରସ୍ତୁତ ବୋଲି କହିବା ଦ୍ୱାରା ଯୁଦ୍ଧ ଯେ ଚାଲୁଥାଉ ଏହା ନାଟୋର ଅନ୍ତରର ବାଣୀ ବୋଲି କୁହାଯାଇପାରେ। ରୁଷିଆ ଏବଂ ତାର ସହଯୋଗୀ ରାଷ୍ଟ୍ରଗୁଡିକ ନାଟୋ ମେଣ୍ଟ ପାଇଁ ବିପଦ। ଆଗାମୀ ଦିନରେ ଏହାର ଜବାବ ଦିଆଯିବ ବୋଲି କୁହାଯାଇଛି। ଏହା ସହ ସୁରକ୍ଷା, ମୂଲ୍ୟବୋଧକୁ ଚୀନ ଅସ୍ୱୀକାର କରିବାକୁ ସମାଲୋଚନା କରାଯାଇଥିଲା। ସୀମାନ୍ତରେ ବେଆଇନ ମଣିଷଚାଲାଣ ମାଧ୍ୟମରେ ଅନୁପ୍ରବେଶ ଅଧିକ ସମସ୍ୟା ସୃଷ୍ଟି କରିଥିବା ପ୍ରକାଶ କରାଯାଇଥିଲା। ତେଣୁ ମେଣ୍ଟକୁ ଅଧିକ ସକ୍ରୀୟ, ଶକ୍ତିଶାଳୀ ଏବଂ ପ୍ରଭାବଶାଳୀ କରିବା ପାଇଁ ୩୬୦ଡିଗ୍ରୀ ଢାଞ୍ଚାରେ ମିଳିତ ସୁରକ୍ଷା ପାଇଁ ଚିନ୍ତା କରିବାକୁ କୁହାଯାଇଥିଲା। ପ୍ରତିରୋଧ ପାଇଁ ପୂର୍ବପ୍ରସ୍ତୁତି, ପ୍ରତିରକ୍ଷା ଏବଂ ସମସ୍ୟା ନିରାକରଣ ସହ ମିଳିତ ସୁରକ୍ଷା ପରିଚାଳନା ଦିଗରେ ଅଧିକ ଧ୍ୟାନ ଦିଆଯିବାକୁ କୁହାଯାଇଥିଲା। ୟୁକ୍ରେନକୁ ଅଧିକରୁ ଅଧିକ ରାଜନୀତିକ, ପ୍ରତିରକ୍ଷା ଏବଂ ଆର୍ଥିକ ସହାୟତା ଯୋଗାଇ ଦେବାପାଇଁ କୁହାଯାଇଥିଲା। ଆଗାମୀ ଦିନରେ ସାଇବର ସୁରକ୍ଷା ସହ ଆଣବିକ ପ୍ରତିରକ୍ଷା ନୀତିରେ ପରିବର୍ତ୍ତନ କରାଯାଇ ରାଜନୀତିକ ଏବଂ ସାମରିକ କ୍ଷେତ୍ରରେ ଲୋକଙ୍କ ମଧ୍ୟରେ ସଂପର୍କ ବୃଦ୍ଧି କରାଯିବାଲାଗି କୁହାଯାଇଥିଲା। ପ୍ରତିରକ୍ଷା କ୍ଷେତ୍ରରେ ନବୋଦ୍ୟମ ପାଇଁ ବହୁରାଷ୍ଟ୍ରୀୟ ସହଯୋଗ ଏବଂ ଶିକ୍ଷାକ୍ଷେତ୍ରର ଲୋକଙ୍କୁ ସାମିଲ କରାଯାଇ ପରବର୍ତ୍ତୀ ପିଢିର ଆହ୍ୱାନ ବା ଶତ୍ରୁଆକ୍ରମଣର ପୂର୍ବସୂଚନା ପ୍ରଦାନକାରୀ ବ୍ୟବସ୍ଥାର ନିର୍ମାଣ ଓ କ୍ଷମତା ବୃଦ୍ଧି କରାଯିବ ବୋଲି କୁହାଗଲା। ଜଳବାୟୁ ପରିବର୍ତ୍ତନକୁ ଦୃଷ୍ଟିରେ ରଖି ନାଟୋ ମେଣ୍ଟର ସଦସ୍ୟ ରାଷ୍ଟ୍ର ପ୍ରଦୂଷଣକାରୀ ଗ୍ୟାସ ନିର୍ଗମନକୁ ହ୍ରାସ କରିବେ ବୋଲି ପ୍ରକାଶ କରାଗଲା। ସେମିତି ଲିଙ୍ଗଗତ ସମାନତା ପାଇଁ ସହଯୋଗୀ ରାଷ୍ଟ୍ରମାନେ ପଦକ୍ଷେପ ନେବେ ବୋଲି ଘୋଷଣାପତ୍ର ଉଲ୍ଲେଖ କରିଛି। ବୋସ୍‌ନିଆ-ହର୍ଜଗୋଭିନା, ଜର୍ଜିଆ, ମାଲଡୋଭାର ସୁରକ୍ଷା ଏବଂ ପ୍ରତିରୋଧ ଶକ୍ତି ବୃଦ୍ଧି ପାଇଁ ନାଟୋ ମେଣ୍ଟ ସାହାଯ୍ୟ କରିବ। ଫିନ୍‌ଲାଣ୍ଡ ଓ ସ୍ୱିଡେନକୁ ମେଣ୍ଟଭୁକ୍ତ କରିବାକୁ ତୁର୍କୀର ବିରୋଧ ଦୃଷ୍ଟିରୁ ଉକ୍ତ ତିନିରାଷ୍ଟ୍ର ମଧ୍ୟରେ ତ୍ରିପକ୍ଷୀୟ ବୁଝାମଣା ହୋଇଥିଲା। ୱାସିଂଟନ ଚୁକ୍ତି ଅନୁସାରେ ସହଯୋଗୀ ରାଷ୍ଟ୍ରଗୁଡିକ ୨୦୧୪ରୁ ପ୍ରତିରକ୍ଷା ଖର୍ଚ୍ଚ ବୃଦ୍ଧି କରିବାକୁ କୁହାଯାଇଥିଲା। ୨୦୨୪ ସୁଦ୍ଧା ପ୍ରତ୍ୟେକ ସଦସ୍ୟ ରାଷ୍ଟ୍ର ବ୍ୟକ୍ତିଗତ ଏବଂ ମିଳିତ ପ୍ରତିରୋଧ ଶକ୍ତି ବୃଦ୍ଧି କରିବେ। ନାଟୋର ୪୦ତମ ବାର୍ଷିକ ବୈଠକ ପାଇଁ ସ୍ପେନକୁ ଧନ୍ୟବାଦ ଦିଆଯାଇଥିଲା।

ମାଦ୍ରିଦ ଘୋଷଣାନୁଯାୟୀ ରୁଷ ଓ ଚୀନକୁ ମେଣ୍ଟର ବଡ ଶତ୍ରୁ ଭାବେ ଗ୍ରହଣ କରାଯାଇଥିଲା। ସଦସ୍ୟରାଷ୍ଟ୍ରମାନେ ୨୦୨୪ ସୁଦ୍ଧା ଜିଡିପିର ୨ ପ୍ରତିଶତ ପ୍ରତିରକ୍ଷା କ୍ଷେତ୍ରରେ ଖର୍ଚ୍ଚ କରିବାକୁ ନିଷ୍ପତ୍ତି ହୋଇଛି। ନାଟୋ ପାଇଁ ଅଧିକ ଆର୍ଥିକ ସହଯୋଗ ଯୋଗାଇ ଦେବାକୁ କୁହାଯାଇଛି। ଗ୍ରୀନ ହାଉସ ଗ୍ୟାସ ୨୦୩୦ସୁଦ୍ଧା ୪୫ପ୍ରତିଶତ ଏବଂ ୨୦୫୦ ସୁଦ୍ଧା ଶୂନ୍ୟସ୍ତରକୁ ଆଣିବାକୁ ମତପ୍ରକାଶ ପାଇଛି। ଆସନ୍ତା ୧୫ ବର୍ଷରେ ୧ ବିଲିଅନ ୟୁରୋ ପାଣ୍ଠି ସୃଷ୍ଟି କରି ଷ୍ଟାର୍ଟଅପ୍ କ୍ଷେତ୍ରରେ ବିନିଯୋଗ କରାଯିବ। ମାରିଟାନିଆ ଏବଂ ଟ୍ୟୁନିସିଆ ପରି ସହଯୋଗୀ ରାଷ୍ଟ୍ରକୁ ନୂଆ ପ୍ୟାକେଜରେ ସହାୟତା ଦେବାଲାଗି କୁହାଯାଇଛି। ସାମରିକ ଦୃଷ୍ଟିରୁ ଆମେରିକାର ଏକଲକ୍ଷ ସେନା ନାଟୋ ମେଣ୍ଟଭୁକ୍ତ ୟୁରୋପର ରାଷ୍ଟ୍ରଗୁଡିକରେ ସୁରକ୍ଷା କାର୍ଯ୍ୟପାଇଁ ନିଯୁକ୍ତ ରହିଛନ୍ତି। ଆଗାମୀ ଦିନରେ ପୋଲାଣ୍ଡରେ ଏକ ଫରୱାର୍ଡ କମାଣ୍ଡ ପୋଷ୍ଟ ସ୍ଥାପନ କରାଯିବ। ଆମେରିକା ସେନା ରୋମାନିଆରେ ରହି ପୂର୍ବ ୟୁରୋପରେ କମାଣ୍ଡ ଟିମ୍‌କୁ କାର୍ଯ୍ୟରେ ଲଗାଇବ। ଯେଉଁମାନେ ପ୍ରଶିକ୍ଷଣ ପ୍ରଦାନ କରିବେ। ବଲ୍‌ଟିକ ସାଗର ନିକଟସ୍ଥ ସଦସ୍ୟ ରାଷ୍ଟ୍ରମାନଙ୍କ ସୁରକ୍ଷା ପାଇଁ ଅଧିକ ଧ୍ୟାନ ଦିଆଯିବ। ରୋଟାଠାରେ ଆମେରିକାର ଡେଷ୍ଟ୍ରୟର ସଂଖ୍ୟା ଚାରିରୁ ଛଅକୁ ବୃଦ୍ଧି କରାଯିବା ଲାଗି ସ୍ପେନ ସହ ବୁଝାମଣା ହେବ। ବ୍ରିଟେନରେ ନାଟୋର ଦୁଇ ସ୍କ୍ୱାଡ୍ରନ ଏଫ୍-୧୫ ବିମାନ ରଖାଯିବ। ଇଟାଲୀ ଏବଂ ଜର୍ମାନୀରେ ବାୟୁସେନାଙ୍କ ଶକ୍ତିବୃଦ୍ଧି କରାଯିବ। ୟୁରୋପରେ ନାଟୋର ୩ଲକ୍ଷ ସେନା ଆଗାମୀ ଦିନରେ କାର୍ଯ୍ୟ କରିବେ ବୋଲି ମହାସଚିବ ଷ୍ଟୋଲଟେନ୍‌ବର୍ଗ କହିଥିଲେ। ଚଳିତବର୍ଷର ବୈଠକରେ ତୁର୍କୀ ରାଷ୍ଟ୍ରପତି ରିସେପ ତୟିପ ଏର୍ଦୋଗାନ, ୟୁକ୍ରେନର ରାଷ୍ଟ୍ରପତି ଭୋଲୋଦିନର ଜିଲେନ୍‌ସ୍କି, ବ୍ରିଟେନର ପୂର୍ବତନ ପ୍ରଧାନମନ୍ତ୍ରୀ ବୋରିସ ଜନସନ, ଆମେରିକାର ରାଷ୍ଟ୍ରପତି ଜୋ ବାଇଡେନ, ଡେନମାର୍କ ପ୍ରଧାନମନ୍ତ୍ରୀ ମେଟେ ଫ୍ରେଡରିକସେନ, ୟୁରୋପୀୟ ସଂଘର ଅଧକ୍ଷା ଉର୍ସୁଲା ଭନ ଡେର ଲିୟେନ, ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରୋନ, ଜର୍ମାନୀର ଚାନସେଲର ଓଲାଫ ସ୍କଲଜଙ୍କ ସମେତ ଅନେକ ରାଷ୍ଟ୍ରମୁଖ୍ୟ ଯୋଗଦେଇଥିଲେ। ତେବେ ଅଷ୍ଟ୍ରେଲିଆ, ଅଷ୍ଟ୍ରିଆ, ସାଇପ୍ରସ, ଫିନ୍‌ଲାଣ୍ଡ, ଜର୍ଜିଆ, ଆୟର୍ଲାଣ୍ଡ, ଜାପାନ, ମାଲ୍‌ଟା, ନ୍ୟୁଜିଲାଣ୍ଡ, ଦକ୍ଷିଣ କୋରିଆ ନିମନ୍ତ୍ରିତ ରାଷ୍ଟ୍ରଭାବେ ଯୋଗ ଦେଇଥିଲେ। ଜୋର୍ଡାନ, ମାରିଟାନିଆ ଏବଂ ବୋସନିଆର ମନ୍ତ୍ରୀ ଯୋଗଦେଇଥିଲା ବେଳେ ଜିଲେନସ୍କି ଆଭାସୀ ବ୍ୟବସ୍ଥାରେ ଯୋଗଦେଇଥିଲେ। ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରପ୍ରତି ଅଧିକ ଦୃଷ୍ଟିଦେବାକୁ ନାଟୋ ମେଣ୍ଟ ଦକ୍ଷିଣ କୋରିଆ, ଜାପାନ, ଅଷ୍ଟ୍ରେଲିଆ ଏବଂ ନ୍ୟୁଜିଲାଣ୍ଡକୁ ଏଥରକ ବୈଠକକୁ ନିମନ୍ତ୍ରିତ କରିଥିବା କଥା କୁହାଯାଇଛି। ଆଗାମୀ ଦିନରେ ନାଟୋ କେବଳ ୟୁରୋପରେ ସୀମିତ ନରହି ଏସିଆ ସମେତ ଅନ୍ୟାନ୍ୟ ମହାଦେଶରେ ମଧ୍ୟ ନିଜର ପ୍ରଭାବକୁ ବୃଦ୍ଧି କରିବାରେ ସମ୍ଭାବନା ଦେଖାଯାଉଛି। ୧୯୪୯ରେ ମାତ୍ର ୧୨ ରାଷ୍ଟ୍ରକୁ ନେଇ ଗଠିତ ଏହି ମେଣ୍ଟରେ ଏବେ ୩୦ ରାଷ୍ଟ୍ର ଯୋଗଦେଲା ପରେ ଆଗାମୀ ଦିନରେ ଏହାର ସଂପ୍ରସାରଣର ସମ୍ଭାବନା ଦେଖାଯାଉଛି। ଚୀନର ପ୍ରଭାବ ଦୃଷ୍ଟିରୁ ଦକ୍ଷିଣ କୋରିଆ ନାଟୋରେ ଯୋଗଦେଲେ ଏସିଆର ଅନେକ ରାଷ୍ଟ୍ର ଧୀରେ ଧୀରେ ଯୋଗ ଦେବେ ବୋଲି ଆଶା କରାଯାଉଛି। ତେବେ ନାଟୋର ଏପ୍ରକାର ସଂପ୍ରସାରଣ ରୁଷ-ଚୀନ-ଇରାନ ମେଣ୍ଟ ପାଇଁ ସହଜରେ ଗ୍ରହଣୀୟ ହେବ ନାହିଁ, ବରଂ ୟୁରୋପ ପରି ଆଗାମୀ ଦିନରେ ଏସିଆରେ ନାଟୋଶକ୍ତିର ହସ୍ତକ୍ଷେପ ବଢିବ, ଏଥିରେ ସନ୍ଦେହ ନାହିଁ।

*ଭାରତୀୟ ସମ୍ବାଦ ସେବା(ଭାସ୍)*
*ଭୁବନେଶ୍ୱର-୭୫୧୦୦୩*

# ଚୋର ଗଳାପରେ ପଛରେ ଗୋଡେଇ ଲାଭ କଣ ?



ପ୍ରଦୀପ୍ତ ଆଚାର୍ଯ୍ୟ

ଚୋର ଗଳାପରେ ପଛରେ ଗୋଡେଇ ଲାଭ କଣ ? ରୁଚିକା କଣ ଆଉ ଫେରି ଆସିବ। ତା ମାଆ ଧାରଣାରେ ବସିଛନ୍ତି। ତାଙ୍କ ଚକ୍ଷୁର ଲୋତକ ଧାର କଣ ଆଉ ଶୁଷ୍କ ହୋଇ ପାରିବ। କେଉଁ ଆନ୍ଦୋଳନକାରୀ, କେଉଁ ବିକ୍ଷୋଭକାରୀ, କେଉଁ ପୋଲିସ, କେଉଁ ପ୍ରଶାସନ ଫେରାଇ ଦେଇ ପାରିବେ ତାଙ୍କର ଏତେ ବଡ ଅଲିଅଳି କନ୍ୟାକୁ। କେତେ ଆଶା କେତେ ସ୍ୱପ୍ନ, କ୍ଷଣିକରେ ଚୁରମାର ହୋଇଗଲା ତାଙ୍କର। ଏଥିପାଇଁ ଦାୟୀ କିଏ ? କଲେଜ କର୍ତ୍ତୃପକ୍ଷ, ନା ପ୍ରଶାସନ, ନା ବିଧି ବ୍ୟବସ୍ଥା, ନା ଦୁର୍ବଳ କାନୁନ, ନା ବିଶୃଙ୍ଖଳ ଛାତ୍ର ସମାଜ, ନା ସେ ନିଜେ ? କିଛିଦିନ ପର୍ଯ୍ୟନ୍ତ ହଇଚଇ, ଖୋଳତାଡ, ତଦନ୍ତ, ଧାରଣା, ବିକ୍ଷୋଭ, ପୋଷ୍ଟମର୍ଟମ ରିପୋର୍ଟ, ସିବିଆଇ ତଦନ୍ତ ସବୁ ଚାଲିବ। ଦୋଷୀ ଯଦି ପ୍ରଭାବଶାଳୀ ବ୍ୟକ୍ତିଙ୍କ କନ୍ୟାରତ୍ନ ହୋଇଥିବେ, ତାହେଲେ କିପରିକା ନ୍ୟାୟ ମିଳିବ, ତାହା ସର୍ବଜନବିଦିତ। କିଛି ଦିନ ପରେ ଜନ ମାନସରୁ ଏ ଦୁର୍ଘଟଣା ସମ୍ପୂର୍ଣ୍ଣ ନିଶ୍ଚିହ୍ନ ହୋଇ ଯାଇଥିବ। ଆଗରୁ ଅନେକ ରୁଚିକା ଯାଇଛନ୍ତି, ଏବେ ଜଣେ ଗଲା, ଆଗକୁବି ଅନେକ ବି ଯିବେ, ଏହା ନିଃସନ୍ଦେହ! ସିନିୟର ଛାତ୍ରୀଙ୍କ ର୍ୟାଗିଙ୍ଗରେ ଅତିଷ୍ଠ ହୋଇ, ମାନସିକ ଭାରସାମ୍ୟ ହରାଇବା ପରେ, ଆତ୍ମହତ୍ୟା ପରି ଏକ ଚରମ ପଦକ୍ଷେପ ନେବା, ଏକ ସାଧାରଣ ଘଟଣା ନୁହେଁ। ଏ ପୃଥିବୀରେ ଜୀବନ ପ୍ରତି ଆକର୍ଷଣ, ବୋଧହୁଏ ମାନବର ଶ୍ରେଷ୍ଠ ଆକର୍ଷଣ। କିନ୍ତୁ କେଉଁ ପରିସ୍ଥିତିରେ ରୁଚିକା, ନିଜର ଦୁର୍ଲଭ ଜୀବନକୁ ଶେଷ କରିଦେବା ପାଇଁ ଏପରି ଏକ ଦୃଢ ନିଷ୍ପତି ଗ୍ରହଣ କଲା, ତାହା ହିଁ ବିଚାର୍ଯ୍ୟ। ଅସହାୟତା ଏବଂ ଦୁର୍ବଳ ମାନସିକତା ଏହାର ମୁଖ୍ୟ କାରଣ। ଅବକ୍ଷୟ ମୁଖୀ ସମାଜ ଓ ସାମାଜିକ ବ୍ୟବସ୍ଥା ମଧ୍ୟରେ, କାହାରି ଦୟା ଉପରେ ନିର୍ଭର ନକରି, ନିଜେ ବଂଚିବା ନିମନ୍ତେ, ନିଜେ ହିଁ ସଂଗ୍ରାମ କରିବାକୁ ପଡିବ। "ସରଭାଇଭାଲ ଇଜ୍ ଦ ଫିଟେଷ୍ଟ"। କାନୁନ ପୋଲିସ କଣ ଆମକୁ ସବୁ ବେଳେ ଜଗି ବସିବେ? ର୍ୟାଗିଙ୍ଗ ଶିକାରୀ ମାନେ କେବଳ ନିରୀହ ମାନଙ୍କୁ ଶରବ୍ୟ କରିଥାନ୍ତି। ଦୃଢମନା ଓ ଅନ୍ୟାୟର ପ୍ରତିବାଦ କରି ପାରୁଥିବା ପିଲା ମାନଙ୍କ ଉପରେ ନଜର ପକାଇବାକୁ ସେମାନେ ସାହସ କୁଳାଇ ପାରନ୍ତି ନାହିଁ। ଥରେ ବିବେକାନନ୍ଦ ରାସ୍ତାରେ ଗଲାବେଳେ ଦେଖିଲେ, କେତେଗୁଡିଏ ଲୋକ ରାସ୍ତା ଉପରେ ଜୋରରେ ଦୌଡୁଛନ୍ତି। ତାଙ୍କୁ ଅଟକାଇ କାରଣ ପଚାରିବାରୁ, ସେମାନେ କହିଲେ ଯେ, ତାଙ୍କୁ ଏକ ହନୁ ମାଙ୍କଡ ଗୋଡାଉଛି। ବିବେକାନନ୍ଦ ସେମାନଙ୍କୁ କହିଲେ, ଠିଆହୁଅ। ସେମାନେ ଠିଆ ହୋଇଯିବା ପରେ, ହନୁଟି ଆଉ ନଗୋଡାଇ ଗୋଟିଏ ଜାଗାରେ ବସି ପଡିଲା। ତାପରେ ସେ କହିଲେ ବର୍ତମାନ ତୁମେମାନେ ତାକୁ ଗୋଡାଅ। ଲୋକ ମାନେ ତାକୁ ଗୋଡାଇବା ଆରମ୍ଭ କରିବା ମାତ୍ରେ, ହନୁଟି ଭୟାତୁର ହୋଇ, ତତ୍‌କ୍ଷଣାତ ସେ ସ୍ଥାନରୁ ଦୌଡି ପଳାଇଗଲା। ତେଣୁ ମୃତ୍ୟୁ ପୂର୍ବରୁ ରୁଚିକା ଅନେକ କିଛି କରି ପାରିଥାନ୍ତା, ଯାହା ସେ କରିନାହିଁ। ମାଧ୍ୟମିକ ବିଦ୍ୟାଳୟ ସ୍ତରରେ, ବାଳିକା ମାନଙ୍କ ଆତ୍ମରକ୍ଷା କୌଶଳ ଶିକ୍ଷାଦାନ ମଧ୍ୟ ସେ ପ୍ରୟୋଗ କରି ପାରିଥାନ୍ତା, କର୍ତୃପକ୍ଷଙ୍କୁ ଜଣାଇବା ପାଇଁ ମଧ୍ୟ ସେ ସାହସ ସଂଚୟ କରି ପାରିନାହିଁ। ଅଭିଭାବକଙ୍କୁ ଏ ସମ୍ବନ୍ଧରେ ସେ କାହିଁକି ସୁଚନା ପ୍ରଦାନ କଲା ନାହିଁ? ସାଙ୍ଗ ସାଥୀ ମାନେ କଣ ଏ ନିର୍ଯ୍ୟାତନା ବାବଦରେ ଅଜ୍ଞ ଥିଲେ? ଏ ଘଟଣା ଅଭିଭାବକ, କର୍ତୃପକ୍ଷ ଏବଂ ର୍ୟାଗିଙ୍ଗର ଶିକାର ହେଉଥିବା ଛାତ୍ରଛାତ୍ରୀ ମାନଙ୍କ ପାଇଁ ଅନେକ ଶିକ୍ଷା ପ୍ରଦାନ କରୁଛି। ବେଳେ ବେଳେ ଅଭିଭାବକ ମାନେ ପିଲାଙ୍କୁ ଛାତ୍ରାବାସରେ ଛାଡି ଦେବା ପରେ, ସେମାନଙ୍କ ସହିତ ନିୟମିତ ଯୋଗାଯୋଗ ରଖନ୍ତି ନାହିଁ। ଏହା ଏକ ମସ୍ତବଡ ଭୁଲ। ଛାତ୍ରାବାସ କର୍ତୃପକ୍ଷଙ୍କର ଉଦାସୀନତା ଏବଂ ଖାମଖିଆଲି ମନୋଭାବ ଯୋଗୁ ବାରମ୍ବାର ଏପରି ଘଟଣାର ପୁନରାବୃତି ହେଉଅଛି। ଯଦି ସେମାନେ ଟିକିଏ ଅଧିକ ସଜାଗ ହୁଅନ୍ତେ, ତେବେ ଅନେକ ଅପ୍ରୀତିକର ପରିସ୍ଥିତିକୁ ଏଡାଇ ଦିଆ ଯାଇ ପାରନ୍ତା। ନିୟମ ପ୍ରଣୟନ ଏବଂ କାର୍ଯ୍ୟକାରିତା ଦୁଇଟିରେ ଆକାଶ ପାତାଳ ତଫାତ୍। ନିୟମ କାର୍ଯ୍ୟକାରୀ କରିବା ବ୍ୟକ୍ତିର ନିଷ୍ଠା ଓ ଆନ୍ତରିକତା ଏଦିଗରେ ସର୍ବାଗ୍ରେ ଆବଶ୍ୟକ। ପୂର୍ବାପେକ୍ଷା ଏ ଘଟଣା ଅନେକାଂଶରେ ହ୍ରାସ ପାଇଥିଲେ ମଧ୍ୟ, ଏଯାବତ୍ ତାହା ସଂପୂର୍ଣ୍ଣ ବିଲୋପ ହୋଇ ପାରିନାହିଁ। ର୍ୟାଗିଙ୍ଗକୁ ରୋକିବା ପାଇଁ, କୌଣସି ପ୍ରକାର ପ୍ରିୟାପ୍ରୀତି ଭାବ, ନମନୀୟ ଆଭିମୁଖ୍ୟ ଗ୍ରହଣ ନକରି, ଦୃଷ୍ଟାନ୍ତ ମୁଳକ କଠିନ ଦଣ୍ଡ ପ୍ରଦାନ, ଏ ଦିଗରେ ଏକ ଉଚିତ୍ ପଦକ୍ଷେପ ସାବ୍ୟସ୍ତ ହୋଇ ପାରନ୍ତା। ଚୋର ଗଳାପରେ ତା ପଛରେ ନଗୋଡାଇ, କିପରି ଚୋରି ନହେବ, ସେଥିପାଇଁ ଯଥେଷ୍ଟ ସର୍ତକତା ଅବଲମ୍ବନ କରିବା ବିଧେୟ। ଅଭିଭାବକ ମାନଙ୍କର ସଚେତନତା, କର୍ତୃପକ୍ଷଙ୍କର ସଜାଗତା ତଥା ଆନ୍ତରିକତା, ପ୍ରଶାସନର ନିୟନ କାର୍ଯ୍ୟକାରୀ କରାଇବାର ଦୃଢତା ଏବଂ ସର୍ବୋପରି ର୍ୟାଗିଙ୍ଗ ପ୍ରଭାବିତ ହେଉଥିବା ବ୍ୟକ୍ତିର ସାହସିକତା ଓ ଶାଣିତ ପ୍ରତିବାଦ ସ୍ୱର ତୀବ୍ର ହେଲେ, ଅନେକ ସାହାଯ୍ୟ ସହଯୋଗ ମିଳିବା ସହିତ, ଏ ଘୃଣ୍ୟ ପ୍ରଥା ସଂପୂର୍ଣ୍ଣ ବିଲୋପ ସାଧନ ହୋଇ ପାରନ୍ତାବୋଲି ଆଶା ଓ ବିଶ୍ୱାସ।

*ସମ୍ପାଦକ, ସମ୍ବାଦ ସାହିତ୍ୟ ଘର*
*କିଶନନଗର,କଟକ*
*ମୋ-୬୩୭୧୫୯୩୨୨୦*

# ସୋଲୋଗାମି



ଡାକ୍ତର ଶୁଭଶ୍ରୀ ମିଶ୍ର

କିଛି ଦିନ ତଳେ ଗୁଜୁରାଟର ବଡୋଦରାର କ୍ଷମା ବିନ୍ଦୁ ନାମକ ଜଣେ ଝିଅର ବିବାହ ବେଶ ଚର୍ଚ୍ଚା ସୃଷ୍ଟି କରିଥିଲା। କାରଣ ସେ ନିଜକୁ ହିଁ ବିବାହ କରିଥିଲେ। ବିବାହ ମଣ୍ଡପରେ ପହଞ୍ଚି ଅଗ୍ନି ଚାରିପାଖରେ ସାତ ଥର ବୁଲିଥିଲେ। ନିଜେ ନିଜକୁ ମାଳା ପିନ୍ଧାଇବା ସହିତ ନିଜ ମୁଣ୍ଡରେ ନିଜେ ସିନ୍ଦୁର ଲଗାଇଥିଲେ। ସୋସିଆଲ ମିଡ଼ିଆ ଏବଂ ସମ୍ବାଦପତ୍ରରେ ଏହି ଖବର ପ୍ରସାରଣ ହେବା ପରେ ଅନେକ ଏକଥା ଜାଣି ଆଶ୍ଚର୍ଯ୍ୟ ହୋଇଥିଲେ। କାରଣ ଭାରତରେ ଏହା ପ୍ରଥମ ଘଟଣା। କିନ୍ତୁ ଭାରତ ବାହାରେ ଏଭଳି ଘଟଣା ନୂଆ ନୁହେଁ। ନିଜକୁ ବିବାହ କରିବା ଭାରତରେ ନୂଆ ହେଲେ ବି ପାଶ୍ଚାତ୍ୟ ଦେଶଗୁଡ଼ିକରେ ଏହା ଏକ ପ୍ରକାର ଟ୍ରେଣ୍ଡ। ନିଜକୁ ବିବାହ କରିବାକୁ କୁହାଯାଏ ସୋଲୋଗାମି। ଆସନ୍ତୁ ଜାଣିବା ସୋଲୋଗାମି ବିଷୟରେ। ସୋଲୋଗାମିର ଅର୍ଥ ହେଉଛି ନିଜକୁ ବିବାହ କରିବା ବା ନିଜ ପ୍ରତି ବିଶ୍ୱସ୍ତ ରହିବା। ଏଭଳି ବିବାହକୁ ଅଟୋଗାମି ମଧ୍ୟ କୁହାଯାଏ। ସୋଲୋଗାମିରେ ବିଶ୍ୱାସ ରଖୁଥିବା ଲୋକଙ୍କ କହିବାନୁସାରେ ସେମାନେ ନିଜକୁ ଖୁବ ଭଲ ପାଆନ୍ତି ଏବଂ ନିଜ ସହିତ ସାରା ଜୀବନ ଖୁସିରେ ବଞ୍ଚିବାକୁ ଚାହାନ୍ତି। ଏମିତି ଲୋକମାନେ ଅନ୍ୟ କୌଣସି ବ୍ୟକ୍ତି ପରିବର୍ତ୍ତେ ନିଜକୁ ଜୀବନସାଥୀ ଭାବେ ବାଛିବାକୁ ପସନ୍ଦ କରନ୍ତି। ସୋଲୋଗାମି ବିବାହ ପରମ୍ପରା ଭାରତରେ ବୈଧ ନୁହେଁ। ୨୪ ବର୍ଷୀୟା କୁମାରୀ କ୍ଷମା ନିଜକୁ ନିଜେ ବାହା ହେବା ଆମ ଦେଶର ପ୍ରଥମ ଘଟଣା। ଏହା ପୂର୍ବରୁ ସୋଲୋଗାମି ଶବ୍ଦ ସମ୍ପର୍କରେ ବି ଅନେକ ଅଜ୍ଞ ଥିବେ। ଅବଶ୍ୟ ଦେଶ ବାହାରେ ଏଭଳି ଘଟଣା ପ୍ରଥମ ନୁହେଁ। ୧୯୯୩ରେ ଆମେରିକାର ଲିଣ୍ଡା ବେକର ସୋଲୋଗାମି କରିଥିଲେ। ନିଜକୁ ବାହା ହୋଇ ଲିଣ୍ଡା ବିବାଦ ଭିତରକୁ ଟାଣି ହୋଇଯାଇଥିଲେ। ସମଗ୍ର ବିଶ୍ୱରେ ଏହା ସେତେବେଳେ ଚର୍ଚ୍ଚାର ବିଷୟ ହୋଇଥିଲା। ପରେ ବ୍ରାଜିଲର ଜଣାଶୁଣା ମଡେ଼ଲ ୩୩ ବର୍ଷୀୟ ବୟସ୍କା କ୍ରିସ ଗାଲେରା ମଧ୍ୟ ସୋଲୋଗାମି କରିଥିଲେ। କିନ୍ତୁ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରି ବିବାହର ୯୦ ଦିନ ପରେ ସେ ପୁଣି ନିଜକୁ ନିଜେ ଛାଡ଼ପତ୍ର ଦେଇଥିଲେ। ଆଉ କାହା ସହ ପ୍ରେମରେ ପଡ଼ିଲା ପରେ ସେ ଛାଡ଼ପତ୍ର ନେଉଥିବା କହି ପୁଣି ବିବାହ ଭିତରକୁ ଆସିଥିଲେ।

ସେହିପରି ଇଟାଲୀର ଲାଉରା ମେସି ମଧ୍ୟ ସୋଲୋଗାମି କରି କମ ବିବାଦ ଘେରକୁ ଆସି ନଥିଲେ। ଶୁଭ୍ର ପୋଷାକ ପରିଧାନ କରି ଏକ ଦ୍ୱୀପରେ ଲାଉରା ନିଜେ ନିଜକୁ ବିବାହ କରିଥିଲେ। ଏହି ବିବାହରେ ସେ ୭୦ ଜଣଙ୍କୁ ସାକ୍ଷୀ ରଖିଥିଲେ। ବାହାଘରରେ କେକ କଟାଯାଇଥିଲା ଓ ସମୁହ ଡ୍ୟାନ୍ସ ମଧ୍ୟ କରାଯାଇଥିଲା ଏବଂ ଉଲ୍ଲେଖନୀୟ କଥା ହେଉଛି ବିଭାଘର ପରେ ଲାଉରା ହନିମୁନ ପାଇଁ ଇଜିପ୍ଟ ଯାଇଥିଲେ। କିନ୍ତୁ ଅନେର ପାଶ୍ଚାତ୍ୟ ଦେଶରେ ଏହି ପରମ୍ପରା ନୂଆ ନୁହେଁ। ସୋଲୋଗାମି ବିବାହ ଠିକ୍ ସେହିପରି ଭାବେ ହୋଇଥାଏ ଯେମିତି ରୀତିନୀତି ଅନୁସାରେ ପାରମ୍ପରିକ ବିବାହ ହୋଇଥାଏ। ଫରକ କେବଳ ଏତିକି ଯେ ସୋଲୋଗାମିରେ ଦୁଇ ଜଣ ନଥାନ୍ତି। ବରଂ ଏକୁଟିଆ ଝିଅ କିମ୍ବା ଏକୁଟିଆ ପୁଅ ବିବାହ ମଣ୍ଡପରେ ବସି ବିବାହ କରନ୍ତି। ବିବାହାର ଅନ୍ୟ ରୀତିନୀତି ଯେମିତି ଅଗ୍ନି ଚାରିପଟେ ବୁଲିବା, ଜୟମାଳା, ରିସେପସନ ଆଦି ମଧ୍ୟ ପାରମ୍ପରିକ ବିବାହ ସମାରୋହ ପରି ହୋଇଥାଏ। ସବୁ ଅତିଥି ଏବଂ ସାଙ୍ଗମାନଙ୍କୁ ମଧ୍ୟ ଆମନ୍ତ୍ରଣ କରାଯାଇଥାଏ। ଏମିତିକି ସୋଲୋଗାମି ବିବାହ ରଚିଥିବା ବ୍ୟକ୍ତି ଏକୁଟିଆ ହନିମୁନ ମଧ୍ୟ ଯାଆନ୍ତି। ଏମିତି ଅନେକ ଟ୍ରାଭେଲ ଏଜେନ୍ସି ଥାଆନ୍ତି ସୋଲୋ ହନିମୁନ ପ୍ୟାକେଜ ପ୍ରଦାନ କରିଥାନ୍ତି। ଆମେରିକାରୁ ସୋଲୋଗାମିର ଆରମ୍ଭ ହୋଇଥିଲା। ୧୯୯୩ରେ ଲିଣ୍ଡା ବାରକର ନାମକ ଜଣେ ମହିଳା ନିଜକୁ ବିବାହ କରିଥିଲେ। ସେହି ବିବାହରେ ୭୫ଜଣ ଅତିଥି ଉପସ୍ଥିତ ଥିଲେ। ଏହାପରେ ପରେ ଅନ୍ୟ ପାଶ୍ଚାତ୍ୟ ଦେଶଗୁଡ଼ିକରେ ମଧ୍ୟ ସୋଲୋଗାମୀ ଟ୍ରେଣ୍ଡ ବୃଦ୍ଧି ପାଇଥିଲା।

*ସ୍ତ୍ରୀ ଓ ପ୍ରସୂତୀ ବିଶେଷଜ୍ଞ*
*ଦୂରଭାଷ : ୯୮୬୧୪୬୩୪୦୬*

## ଧାରାବାହିକ ଉପନ୍ୟାସ

# ବିଧୁମଞ୍ଜୁଳ ରାତି ଓ ନୀଳପରୀ



ଡ. ମୌସୁମୀ ପରିଡା

ଭାଗ-୧୫




*(ପୂର୍ବପ୍ରକାଶ ଉତ୍ତାରୁ)*

ସେ ଜୀଇଁବ ତା ମନମୁତାବକ। ପାଦରୁ କାଢି ଦେଇଥିବ ଅନୁଶାସନର ବେଡି । ସେ ନିଜେ ହିଁ ନିଜଘରର ମାଲିକାଣୀ ସାଜିବ। ସେ ନିଜେ ହୁକୁମ୍ କରିବ ଆଉ ମନେମନେ ବେଜାଏ ହସିବ! ଏମିତି ଅନେକ ସ୍ୱପ୍ନ ଦେଖି ମନଭିତରେ ବିଭୋର୍ ହୁଏ। ଲାଗେ ତା ଜୀବନରେ ବି ଦିନେ ଭୋର୍ ଆସିବ। ଏ କାଳରାତ୍ରୀ ପାହିଯିବ ଆଉ ସୂର୍ଯ୍ୟକିରଣରେ ତା ସଂସାର ଉଜ୍ଜଳି ଉଠିବ। ଭାବିଷ୍ୟତ କଥା ଆଖି ଆଗେ ଭାସିଉଠେ ପାରର।

ଭାବନା ମଝିରୁ ମାଲିକାଣୀ ଡାକଦିଅନ୍ତି- "ଆଲୋ ଅଟା ଚକଟା ହୋଇନି। ପରିବା ବି କାଟିଦେ'। ଭାତରେ କାଲି ଗୋଟେ ଗୋଡି ବାହାରିଥିଲା ବଡବାବୁଙ୍କ ଥାଳିରୁ। ଚାଉଳତକ ବାଛି ସଫା କରିପକା। ଆଜି ଯେମିତି କିଛି ବାହାରିବନି। ମନଦେଇ କାମକର। ନହେଲେ ମାଲିକ ମୋ ଉପରେ ରାଗିବେ। କହିବେ ଭଲଝିଅକୁ ଦେଖି ଆଣିଛୁ ସାଥୀରେ କାମ କରିବାକୁ ଯେ, ସେ ଚାଉଳରୁ ଗୋଡି ବାଛିପାରୁନି! ତୋ ପାଇଁ ମୋତେ କେହି ଯେମିତି ଉଲୁଗୁଣା ନଦିଅନ୍ତି!" ସ୍ୱପ୍ନମାନଙ୍କୁ ସେଇଠି ଛାଡି ସେ ଚାଲିଯାଏ ରୋଷେଇଘରକୁ। ତା ଭିତରେ ହୁକୁମ୍ ଆସେ..ପାଣି ଗରମ କରି ଦେ'। ଏସବୁ ଜଂଜାଳ ଭିତରେ ସେ ଯନ୍ତ୍ର ମଣିଷ ପାଲଟି ବେଳେବେଳେ ନିଜକୁ ଭୁଲିଯାଏ।

କେବେକେବେ ବେଳଉଣ୍ଡି ସେ ଆସୁଥିଲା ଘରକୁ। ଦେଖିଯାଉଥିଲା ବାର୍ଦ୍ଧକ୍ୟରେ ପଡିଥିବା ନିଜ ମାଆଟିକୁ ଓ ଆଉ କାମକୁ ଯାଇ ପାରୁନଥିବା ରୋଗିଣା ସ୍ୱାମୀଙ୍କୁ। ବିକଳରେ ଧାଉଁଥିଲା ସରକାରୀ ଡାକ୍ତରଖାନା। ସେଠୁ ପୁଣି କବିରାଜ..। କେତେକଣ ଔଷଧପତ୍ର ଖୁଆଉଥିଲା। ହେଲେ ସୁସ୍ଥ ହେଉନଥିଲେ କେହି। ବିଭିନ୍ନ ପ୍ରକାରର ପରୀକ୍ଷା ନିରୀକ୍ଷା କରିସାରି ସେ ଡାକ୍ତରଙ୍କଠାରୁ ଜାଣିଲା ଯେ- ରାଜଯକ୍ଷ୍ମା ହୋଇଛି ମହେଶକୁ। ମାଆ ବି ଦିନକୁ ଦିନ ଦୁର୍ବଳ ହୋଇପଡୁଛି। ତା ପେଟକୁ ଆଉ ଦାନା ଯାଉନି। ସବୁ ବାହାରି ଆସୁଛି ପଦାକୁ, ପଥରୁଦ୍ଧା ନାଳଟିକୁ ହଠାତ୍ ଖୋଲିଦେବା ପରି!

ନିରୂପାୟ ହୋଇ ବଡ ବିକଳରେ ଧାଇଁଲା ମାଲିକଙ୍କ ଘରକୁ। ନିଜର ଦୁଃଖ ଜଣାଇ ନେହୁରା ହେଲା କିଛିଦିନ ଛୁଟିଦେବାକୁ। ଯେଉଁ ସମୟରେ ସେ ତା ମାଆ ଓ ସ୍ୱାମୀର ଅପରିହାର୍ଯ୍ୟ ଆବଶ୍ୟକତା! ମାଲିକ ଭାରି ଭଲଲୋକ। ଘରକୁ ଫେରିବାର ସମସ୍ତ ସୁବିଧା କରି ହାତରେ କିଛି ଟଙ୍କା ଧରାଇଦେଲେ। ପାର ଗ୍ରହଣ କରିବାକୁ ଅମଙ୍ଗ ହେଉଥିଲା ପ୍ରଥମେ । ହେଲେ ଆଗକୁ ଔଷଧପତ୍ର ପାଇଁ କାଳେ କିଛି ଦରକାର ପଡିବ ବୋଲି ସେତକ କାନିରେ ବାନ୍ଧିଲା ବାଧ୍ୟରେ। ଘରକୁ ଫେରି ଯାହା ଦେଖିଲା ତା ହୃଦୟ ସହିଲାନି। ମାଆକୁ ହଇଜା, ସ୍ୱାମୀକୁ ବି ଆଗରୁ ରାଜଯକ୍ଷ୍ମା।

ଦିନକୁ ଦିନ ସେମାନେ ଭଙ୍ଗା ଡାଳପରି ଶୁଖି ଶୁଖି ଆସୁଛନ୍ତି। ଅଥଚ ପାର ସେ ଅସାଧ୍ୟ ରୋଗକୁ ସେମାନଙ୍କଠାରୁ ଦୂରେଇ ପାରୁ ନାହିଁ। ଡାକ୍ତର କହି ସାରିଛନ୍ତି-ନା..ଆଉ ନୁହଁ। ହେଲେ ପାର୍ବତୀର ବିଶ୍ୱାସ ତା ସ୍ୱାମୀ ଓ ମାଆ ଦୁଇ ଜଣଯାକ ଭଲ ହୋଇଯିବେ। ଆଗ ଭଳି କାମକୁ ଯିବେ, ପର ପାଇଁ ଓ ନିଜ ପାଇଁ ଖଟିବେ। ତା ସଂସାରର ନାଆ ଆଗଭଳି ସୁଖ ଦୁଃଖ ସହି ଆଗକୁ ବଢିବ। ଚଉରାମୂଳେ ସଞ୍ଜଦେଇ ଲୁହଭରା ଆଖିରେ ସେ ଠାକୁରଙ୍କୁ ଡାକୁଛି। ତା ପରିବାରକୁ ବଂଚାଇବାକୁ କାକୁତି ମିନତି ହେଉଛି। ହେଲେ ସେମାନଙ୍କ ବିକଳ ଦେଖି ସେ ବିଶ୍ୱାସ ଭାଙ୍ଗିଯାଉଛି। ତା ପରିବାର କହିଲେ ତ ସେଇମାନଙ୍କୁ ବୁଝାଏ। ଆଜି ସେମାନେ ଏତେ କଷ୍ଟରେ ଅଛନ୍ତି, ସେ କିପରି ପରଘରେ ଖଟିପାରିବ ସେମାନଙ୍କୁ ଏବେଳେ ନଦେଖି, ନଚାହିଁ? ଅତର୍ଚ୍ଛା ହୋଇ ସେ ପୁଣି ଧାଇଁଲା ବଡ ଡାକ୍ତରଖାନା।

ମନଦେଇ ଦୁହିଁଙ୍କ ସେବା କଲା,ଔଷଧ ଖୁଆଇଲା। ମାଲିକାଣୀ ଓ ତାଙ୍କ ମାଆବାପ ବି ସେ ଅଦିନରେ ଖୁବ୍ ସାହାଯ୍ୟ କଲେ। କୋଳର ଛୁଆଟାର ବି ଠିକ୍‌ରେ ତତ୍ତ୍ୱ ନେଇ ପାରୁନଥିରୁ ସେ ବି ଅସୁସ୍ଥ ହୋଇପଡିଲା। ଏସବୁ ଜଂଜାଳ ଭିତରେ ଆକଣ୍ଠ ବୁଡି ଧୀରେଧୀରେ ତାର ଧୈର୍ଯ୍ୟବନ୍ଧ ଭାଙ୍ଗିଯାଉଥିଲା। ତା ମନୋବଳ ବି ଚହଲିଗଲା। ହସ୍ପିଟାଲ ବିଛଣାରେ ମାଆ ଓ ତା ସ୍ୱାମୀ ବେଶ୍ କିଛି ଦିନ ଲଢିଲେ ଜୀବନ ସହିତ। ତାର ତଥାପି ବିଶ୍ୱାସ ତୁଟିନଥିଲା । ହେଲେ ସେମାନଙ୍କ ଆୟୁଷ ନଥିଲା ସେତେବେଳକୁ।

ସେଦିନ ଗୋଟେ ଅଳସ ଅପରାହ୍ଣରେ ସେ ମହେଶର କାନପାଖେ ଚୁପି ଚୁପି କହିଲା- ଏଇ, ଶୁଣିପାରୁଚ ମତେ? ଟିକେ ଆଖି ଖୋଲ। ଏମିତି ଅସହାୟ କରି ଦିଅନା। ଏକା କିପରି ଲଢିବି ଭାଗ୍ୟ ସହିତ? ଉଠ..ଟିକେ। ଏମିତି କେତେଥର ଡାକିବା ପରେ ନିସ୍ତେଜ ଆଖିପତା ଯୋଡିକ ଧୀରେ ଧୀରେ ଖୋଲିଉଠିଲା କିଛି ସମୟ। ସତେଯେପରି କିଛି କହିବାକୁ ଚାହୁଁଥିଲା। ପାର ପଚାରିଲା- କିଛି କହିବ? ଟିକେ ଚେଷ୍ଟାକର। ଏଇ ଦେଖ, ତୁମ ପୁଅ। ଠିକ୍ ତୁମ ପରି ହୋଇଛି! ତାକୁ ଟିକେ କୋଳକୁ ନେବନି?

ମହେଶ ଆଖିରୁ ଝରିପଡିଲା ଦି'ବୁନ୍ଦା ଲୁହ। ଶୁଖିଲା ଓଠ ଦୁଇଟି କିଛି ସମୟପାଇଁ ଥରିଉଠିଲେ କଅଁଳପତ୍ର ପରି। ଦୁହେଁ କାନ୍ଦିଲେ..ବୁଝିପାରିଲେ ପରସ୍ପରକୁ। ଅଥଚ..ନା..ଅବ୍ୟର୍ଥ ପାଲଟିଗଲା ସେସବୁ। ସବୁତକ ଚେଷ୍ଟା ବିଫଳ ହୋଇଗଲା ପାରର।

*(କ୍ରମଶଃ)*

# ଆନିଭର୍ସରୀ

ଗୀତାଞ୍ଜଳି ମହାରଣା





ମତେ ଏସବୁ ବେକାର କଥା କୁହନି। ଏ ଆନିଭର୍ସରୀ, ବାର୍ଥ ଡେ, ଏ ସେଲିବ୍ରେସନ ସବୁ ଆର୍ଟିଫିସିଆଲ। ତମେ ଯଦି ମନ୍ଦିର ଯିବ ଯାଅ, କେକ କାଟିବା କଥା ହେଲେ ମୁଁ ଏ ଫାର୍ସ କରିପାରିବି ନି କହି ମଳୟ ଚାଲିଗଲେ। ବର୍ଷା ନିରାଶ ହେଇ ସୋଫା ଉପରେ ବସି ପଡିଲା, ନିଜର ଅନ୍ୟ କେତୋଟି ଆଶା ଆକାଂକ୍ଷାକୁ ବୁଝେଇ ଦେଲା ପରି ବର୍ଷା ସେମିତି ନିଜକୁ ବୁଝାଇ ଦେଲା। ତାଙ୍କୁ କଣ ଜବରଦସ୍ତ ଘରେ ରଖି ସେଲିବ୍ରେସନ କରିପାରିବି? ଯୋଉ ଦିନ ଦୁହେଁ ନିରୋଳାରେ ବସି ସେଇ ସ୍ମରଣୀୟ ଦିନକୁ ଆଲୋଚନା କରି ଦୁହେଁ ଖୁସିରେ ମସଗୁଲ ହେବେ ସେଦିନ ତାଙ୍କର ବିବାହ ବାର୍ଷିକ। ମୋଟା ମୋଟି ଭାବେ ଯୋଉ ଦିନ ସ୍ୱାମୀଙ୍କର ଫୁରସତ ସେଇଦିନ ହିଁ ତାଙ୍କର ବିବାହ ବାର୍ଷିକ ବୋଲି ବର୍ଷା ନିଜକୁ ବୁଝେଇ ଦିଏ।

ବର୍ଷରେ କିଛି ଫୁରସତ ଦିନ ଆସେ କିନ୍ତୁ ସେ ଦିନ ଗୁଡା ବିବାହର ବାଣ ରୋଷଣୀ, ଝିଲମିଲ ଲାଇଟରେ ରୋମାଞ୍ଚକର ହୁଏ ନାହିଁ..। ସ୍ୱାମୀଙ୍କର ଅଫିସ ପ୍ରୋବ୍ଲେମ୍, ଗାଁ ରେ ବାପା ମା, ବନ୍ଧୁ ବାନ୍ଧବ, ବେଭାର ଅନ୍ତର ଭିତରେ ଆଲୋଚନା ଚାଲେ। ଶେଷରେ ମଳୟଙ୍କ ପାଟିରୁ ବାହାରେ ତମେ ଏମିତି ହାତ ଖୋଲା କରି ଚାଲିଲେ କେମିତି ହବ, ଟିକେ ଆଡଜଷ୍ଟ କରି ଚାଲ। ଏ ସବୁ କଥାରେ ବର୍ଷାର କେତେଟା ପିଲାଳିଆମି ଇଚ୍ଛା ଅଣନିଶ୍ୱାସୀ ହେଇ ମରିଯାଏ। ଏଥିପାଇଁ ବୋଧେ ପୁରୁଣା ଦିନର ସ୍ମୃତିକୁ ଉଦ୍‌ଜୀବିତ କରି ରଖିବାକୁ ଏକ ନିର୍ଦ୍ଦିଷ୍ଟ ଦିନ ରଖାଯାଇଥାଏ।

ସେଦିନ ଦଶମ ବିବାହ ବାର୍ଷିକୀ ଥାଏ। ବର୍ଷା ନିଜେ ସଜ ସାଜ ହେଇ ମଳୟ ପାଇଁ ସାର୍ଟ ପ୍ୟାଣ୍ଟ ବାବହାର କରି ବେଡ ଉପରେ ରଖିଥାଏ। ମଳୟ ଗାଧେଇ ଆସି ଡ୍ରେସିଂ ଟେବୁଲ ଆଗରେ ମୁଣ୍ଡ କୁଣ୍ଡଉଛି ତ ପଛରୁ ବର୍ଷା ଆସି ଦୁଷ୍ଟ ଲତାଟି ପରି ଗୁଡେଇ ହେଇ ହାପି ଆନିଭର୍ସରି କହି ଫିଚ କିନା ଦାନ୍ତ ଦେଖେଇ ଦେଇ ଉଇଶ କଲା। ମଳୟ ଟିକେ କଣେଇ ଚାହିଁ କହିଲା ହୁଁ.............

ବର୍ଷା- ଆରେ ମତେ ଉଇସ ତ କର।

ମଳୟ- ହଉ ହେଲା ସେମ ଟୁ ୟୁ। ହେଲେ ମତେ ମନ୍ଦିର ଯିବା କଥା କହିବନି। ଅଫିସରେ ବହୁତ କାମ ଅଛି, ମୁଁ ଶୀଘ୍ର ଯିବି।

ବର୍ଷା- ଠିକ ଅଛି ଯାଅ କିନ୍ତୁ ରାତିରେ ଶୀଘ୍ର ଫେରି ଆସିବ। ବାହାରକୁ ଯିବା କଥା କହୁନି। ଘରେ ବସି ଆମ ବାହାଘର କ୍ୟାସେଟ ଦେଖିବା। ଝିଅକୁ ଶୋଇ ଦେଇଥିବି। ମୁଁ ମୋର ବାହାଘର ଶାଢୀ ପିନ୍ଧି ତୁମକୁ ଅପେକ୍ଷା କରି ଥିବି ତମେ ଆସିଲେ ସେରବାନି ପିନ୍ଧିବ।

ମଳୟ- ତମର ଏଇ ନିର୍ଲଜ ଫାର୍ସ ମତେ ଭଲ ଲାଗେନି।

ଏତେ ବର୍ଷ ହେଲାଣି ହେଲେ..... ବର୍ଷା ମଳୟ ପାଟିରେ ହାତ ଦେଇ କହିଲା ତମେ ବାହାଘରର ଦ୍ୱିତୀୟ ବର୍ଷରେ ମନା କରିବା ଦିନରୁ ମୁଁ କେବେ ଆନିଭର୍ସରୀ ସେଲିବ୍ରେସନ ପାଇଁ ବାଧ କରିଛି କୁହ? ପ୍ଲିଜ ଏଇ ଗୋଟେ ବର୍ଷ ତ କହୁଛି ସତ କହୁଛି ଆଉ କେବେ କହିବିନି। ମଳୟ ଟିକେ ମୁରୁକି ହସି ପଳେଇ ଗଲା।

ମଳୟ ମୁହଁରେ ନ ମାନିଲେ ବି ସେ ଜାଣିଛି ବର୍ଷା ତା ସହିତ ପାଦ ମିଳାଇ ହଁରେ ହଁ ଭରି ସାଇକେଲର ପଛ ଚକା ଆଗ ଚକାକୁ ଅନୁସରଣ କରି ଟାଣି ଘୋଷାରି ହେଇ ଚାଲି ନିଜକୁ ଲୁହ ଲୁହାଣ କରେ ସିନା କୌଣସି ଜିନିଷ ପାଇଁ କେବେ ମଳୟ ପାଖରେ ଜିଦି କରେନି। ଘରେ ସେ ଗୋଟେ ବୋଲି ଗେଲ୍ଲୀ ଝିଅ ଥିଲା। ଆଧୁନିକତାର ସ୍ପର୍ଶ ତାକୁ ବାଦ ପଡିନି। ବଡ ଧରଣର ପାର୍ଟି ଫଙ୍କସନରେ ତାର ପ୍ରତ୍ୟେକ ଜନ୍ମଦିନ ଝଲସି ଉଠୁଥିଲା। ଯେବେଠୁ ସେ ନିଜ ପରିବାର ବିପକ୍ଷରେ ଯାଇ ମଳୟ ହାତ ଧରିଛି ସେବେଠୁ ଏସବୁକୁ ସ୍ୱପ୍ନ ଭାବି ଭୁଲି ଯାଇଛି।

ମଳୟ ଅଫିସରେ ତରତର ହେଉଥାଏ ଶୀଘ୍ର କାମ ସାରି ଘରକୁ ଅସିବ। ଶୀତଳ ଅଗ୍ନିର ଦହନରେ ତାର ଶରୀର ବି ଜର୍ଜରିତ। ଅଫିସରେ କାମ ପ୍ରେସର ଏତେ ଥାଏ ଯେ ବିବାହର ଦ୍ୱିତୀୟ ବର୍ଷ ଠାରୁ ଏ ଦିନ କେବେ ଆସେ କେବେ ଯାଏ ସେ ଜାଣେନି କି ଜାଣିବାର ଇଚ୍ଛା ମଧ୍ୟ ନଥାଏ। କିନ୍ତୁ ଏଥର ବର୍ଷା ବାଧ କଲା ପରେ ମଳୟ ନିଜକୁ ଗୋଟେ ଥର ପାଇଁ ରାଜି କରେଇଛି। ତା ପରଠୁ ନିଜ ମନ ବି ଉଦବେଳିତ, ବର୍ଷାର ଭାବନାରେ ଉତ୍କଣ୍ଠିତ। ସେ ବେଳେବେଳେ ଭାବେ କେତେ ଭାଗ୍ୟବାନ ସେ ବର୍ଷାକୁ ପାଇ। ବର୍ଷା ପରି ହୀରା ଖଣ୍ଡେକୁ ପାଇ। ଚାହିଁ ବି ସମୟ ଦେଇ ପାରେନି। ପ୍ରେମ ବିବାହ ସିନା କରିଥିଲେ କିନ୍ତୁ ବିବାହ ପରେ ପ୍ରେମ ଯେମିତି ଫିଙ୍ଗି ଦେଇଥିଲା ମଳୟ କାହିଁ କେତେ ଦୂରକୁ। ବିବାହ ପରେ କେବଳ ଥିଲା ଶାରୀରିକ ସମ୍ପର୍କ ଆଉ ଜଞ୍ଜାଳ। ତଥାପି ବର୍ଷା କେବେ ଅଭିଯୋଗ କରିନି କି ମଳୟକୁ ଅବହେଳା କରିନି। ଏବେ ଏବେ ମଳୟ ଅନୁଭବ କରୁଚି ବ୍ୟାଚଲର ଲାଇଫର ଉତ୍କଣ୍ଠିତ, ଅନିୟନ୍ତ୍ରିତ ଗୋଟେ ଦୁଷ୍ଟ ମନକୁ।

*(କ୍ରମଶଃ)*

## ନିଜସ୍ୱ କବିତା

# ଦେଶ: ଛଳ



ତୃପ୍ତି ରଞ୍ଜନ ଦାସ

ତୁମେ କୁହ ଦେଶ ଟିଏ ତିନି ରଙ୍ଗି ଶାଢ଼ୀ ପିନ୍ଧିଥାଏ
ମୁଁ ଦେଖିଲି ତା'ପଣତରୁ ରକ୍ତ ଖାଲି ରକ୍ତ ଝରୁଥାଏ
ତମେ କୁହ ପକ୍ଷୀଟିଏ ଆକାଶ ର ମାଲିକାନା ନିଏ
ମୁଁ ଦେଖିଲି ସାହି-ଗଳି-ବସ୍ତି ଦେଖି ସେ ଦିଗ ଭାଙ୍ଗି ନିଏ
ବର୍ଷା ଟୋପା ପାଇଁ ଯେବେ ଏ ଆଖି ଆକାଶକୁ ଚାହେଁ
ଦୁଇ ପ୍ରହରିଆ ବିଜୁଳୀରେ ତା'ଆଖି ପତା ପୋଡ଼ି ଯାଏ
ତୁମେ କୁହ ଦୁଃଖବେଳେ ଭାଇ ପାଖେ, ଭାଇ ଠିଆ ହୁଏ
ହେଲେ କୋଉ ଭାଇ ଛଦ୍ମବେଶେ, ଭାଇର ମୁଣ୍ଡ କାଟୁ ଥାଏ?
ରାସ୍ତାରେ ନିଗିଡେ ଯେବେ ଗୋଟିଏ ବଂଶର ରକ୍ତ
ସ୍ୱର୍ଗରେ ଥାଇ କୋଉ ପିଢୀ, କ'ଣ କେବେ ଖୁସିହୁଏ ?
ଛଳନାରେ ଭାତୃ ହତ୍ୟାକରି ଯଦି କିଏ ଆନନ୍ଦିତ ହୁଏ
ଯୁଦ୍ଧଅନ୍ତେ ମାଆ ପରି ଦେଶ ଟିଏ ଝୁରି କାନ୍ଦୁଥାଏ....

*କଦୁଅପଡା, ଜଗିସଂହପୁର*

# ସକଳ ପ୍ରଣତି ଘେନ ମହାବାହୁ



ରମେଶ ଚନ୍ଦ୍ର ନାୟକ

ସକଳ ପ୍ରଣତି ଘେନ ମହାବାହୁ
ଯୋଡୁଅଛି ଦୁଇ ହାତ
ଦେଖୁଅଛ ଚକା ଆଖିରେ ପ୍ରଭୁହେ
କେତେ ଯେ ନାଥ ଅନାଥ।
ଷାଠିଏ ପଉଟି ଭୋଗ ଲୋଡା ହୁଏ
ନିତି ଦିନ ଯେ ତୁମକୁ
କେତେଯେ ଅନାଥ ଭୋକରେ ଶୁଅନ୍ତି
ଦେଖି ପାରୁନକି ତାଙ୍କୁ।
ପାଟ ପିତାମ୍ବରୀ ପିନ୍ଧୁଛ ପ୍ରଭୁ ହେ
ହେଉଅଛ ସୁନା ବେଶ
ଭିକାରି ଭକତ ଫୁଙ୍ଗୁଳା ଦେହରେ
ପାଉଅଛି କେତେ କ୍ଲେଶ।
ଦ୍ୱାପର ଯୁଗରେ ଦ୍ରଉପଦୀ ମାନ
ରଖିଲ ହେ ଚକ୍ରଧାରୀ
ଏ କଳି ଯୁଗରେ ବାଲ୍ୟ ଅବଳାକୁ
କିଆଁ କର ଏତେ ସରି।
ଦାନବ ସାଜିଣ ମାନବ ତାହାକୁ
କରୁଅଛି ଧରଷଣ
ରଖିବାକୁ ତା'ଙ୍କ ଲଜ୍ଜା ମହତକୁ
ଆସ ତୁମେ ନାରାୟଣ।

ସିଂହ ଦ୍ୱାରେ ତୁମ ଭକତ ପାଉଛି
ନିର୍ଯାତନା ଅପମାନ
ନୀରବ କାହିଁକି ସବୁତ ଦେଖୁଛ
ରହୁଛ ସଦା ମଉନ।
ଓହ୍ଲାଇ ଆସହେ ସିଂହାସନୁ ତୁମ
ଭକତକୁ ରକ୍ଷା କର
ନ ହେଲେ ଭକତ ଆଖିରୁ ପରା ହେ
ଶୁଖିବନି ଲୁହଧାର।
କରୁଛି ମୁଁ ଅଳି ଆହେ ବନମାଳୀ
ଜଣାଉଛି ଯୋଡ଼ି କରେ
ଶୁଭାଶିଷ ସୁଧା ପରଶ ହେ ଜଗା
ବିଶ୍ୱ ପ୍ରେମ ମାଧ୍ୟମରେ।

*କେଶରପୁର , ବକ୍ସି ବଜାର , କଟକ*
*ମୋ :- ୭୯୭୮୧୫୧୭୧୦*

# ନୂତନ ଅଧ୍ୟାୟ



ପ୍ରସେନଜିତ୍ ସେଠୀ

ମୋ ହୃଦୟର ସ୍ପନ୍ଦନରେ ତୁମେ ହିଁ ଭରିଥିଲ ମାଦକତା
ତୁମ ସାନ୍ନିଧ୍ୟରେ ଶାନ୍ତ ମନେ ମୋର ପୂର୍ଣ୍ଣ କଲ ଚପଳତା।
ତୁମ ସାଥେ ଫେଡ଼ିଥିଲି ଅନ୍ତହୀନ ନୈରାଶ୍ୟ ଓ ନିଃସଙ୍ଗତା
ଅହର୍ନିଶ ତୁମ ଭାବନାରେ ମନେ ଖେଳୁଥିଲା ଅସ୍ଥିରତା।।
କଳ୍ପନାରେ କଳିଥିଲି ତୁମ ପାଇଁ ପୁଷ୍ପମୟ ଉପବନ
ସୁଗନ୍ଧିତ ତା ପ୍ରାଙ୍ଗଣେ କାଟିବାକୁ ପ୍ରିୟା କ୍ଳାନ୍ତ ଅପରାହ୍ଣ।
ତୁମ ରୂପ ଲାବଣ୍ୟରେ ତନୁ ମନେ ଖେଳୁଥିଲା ଶିହରଣ
ତୁମ ଦର୍ଶନରେ ଅଦିନିଆ ଫଗୁଣର ହେଉଥିଲା ଆଗମନ।।
ଆଉ ନାହିଁ ଚପଳତା, ମାଦକତା କିମ୍ବା ସେହି ଶିହରଣ
ପ୍ରିୟା ତୁମ ବିନା ଶୁଷ୍କ ଉପବନ, କଣ୍ଟକିତ ଏ ପ୍ରାଙ୍ଗଣ।
ଫଗୁଣ ଅତୀତ ଆଜି, ନିଦାଘର ଝାଞ୍ଜି ବହେ ଘନ ଘନ
ଅନ୍ତହୀନ ନୈରାଶ୍ୟ ଓ ନିଃସଙ୍ଗତା ନିତ୍ୟ କରେ ବିଦ୍ୟମାନ।।
ହୁଏତ ମୋ ଜୀବନ ଅଧ୍ୟାୟରୁ ସରିଛି ତୁମ ଅଭିନୟ
ହେଲେ ତୁମ ସ୍ମୃତି ଲେଖନୀରେ ନିତ୍ୟ ପାଏ ନୂତନ ଅଧ୍ୟାୟ।

*ବାଲିଆ, ଗୋପୀନାଥପୁର, ଜଗତସିଂହପୁର*

# କବିତାର କଥା

(ଭାଗ-୭୭)



ଉମାକାନ୍ତ ରାଉତ



# ଶବ୍ଦ ଯେସନେ ମାୟାମୃଗ !

ନୀରବତାର ସୁଡଙ୍ଗରୁ ବାହାରି ଜୀବନକୁ ଆଉ ଟିକେ ପ୍ରେମାୟିତ କରିବାକୁ ଗୋଟିଏ ମାତ୍ର ଆଲିଙ୍ଗନରେ ସବୁ ପ୍ରଶ୍ନର ଉତ୍ତର ଖୋଜି ନେଇପାରନ୍ତି ପ୍ରେମ କାଙ୍ଗାଳୁଣୀ କବି ମାଧୁରୀ। ସେଥିପାଇଁ ବୋଧହୁଏ ଭୋଗନ୍ତି ଅଧା ଅଧା ନୀରବତା। ସେଥିପାଇଁ ପ୍ରେମର ଚୌହଦୀ ଉପରେ ଠିଆ ହୋଇ ଦୁଇ ହାତ ପ୍ରସାରି ଜିଜ୍ଞାସାଭରା ପ୍ରାର୍ଥନା କରନ୍ତି ମାଧୁରୀ - ଜୀବନ,ଜୀବନ ଭଳି ବାସୁ। ଯିଏ ଯାହାର ପ୍ରାପ୍ୟ ପାଉ। ଘର କୋଣରେ ସ୍ତ୍ରୀ ଲୋକଟିଏ ପ୍ରେମର ଗୀତ ଗାଉ।ନିଷ୍ଠୁର ହୃଦୟରେ ପ୍ରେମର ପଲ୍ଲବନ ଘଟୁ। ପ୍ରବାସରୁ ଫେରନ୍ତୁ ପ୍ରିୟ ପରିଜନମାନେ। ଝର୍କା କବାଟ ଖୋଲା ରହୁ। କଦମ୍ବ କଳିକା ଭଳି ଶିଶୁମାନେ ମୁକୁଳିତ ହୁଅନ୍ତୁ। ଉର୍ଦ୍ଧ୍ୱମୁଖୀ ହୁଅନ୍ତୁ ସ୍ୱପ୍ନମାନେ। ମୁହୂର୍ତ୍ତର ଭଗ୍ନାଂଶ ସମୟ ପାଇଁ ବି କେଉଁଠୁ କେବେ ଭାସି ନ ଆସୁ ହୃଦୟ ବିଦାରକ କାନ୍ଦଣାର ଲହର। ସବୁଠି ସବୁ ସମୟରେ ଛାଇଯାଉ ଅଧାଅଧା ନୀରବତା। ଜୀବନ ଜୀବନ ଭଳି ବାସୁ ବାସୁ ସାଜିଯାଉ ଜୀବନ୍ତ କବିତା!

ପୂର୍ବରୁ କୁହାଯାଇଛି ଯେ ଘାଟିଚଢା ରାସ୍ତାର ଅନ୍ଧ ବଙ୍କାଣି ଭଳି ମୋଡ଼ ଭାଙ୍ଗୁଥିବା ମୁହୂର୍ତ୍ତ ହିଁ ଭାଗ୍ୟର ଅନ୍ୟନାମ।

ହେଲେ କବି ମାଧୁରୀ କହନ୍ତି – ସବୁ ମୋଡ଼ରେ ସେ ହିଁ ରହିଥାଏ। ଯୁଆଡ଼େ ବି ଯାଏଁ, ସେ ହିଁ ଚାଲୁଥାଏ.........ସେ ହିଁ ଆସେ ସବୁ ମୋଡ଼ରେ ତାଙ୍କ ଏକ୍ଲାପଣର ଦୀର୍ଘଶ୍ୱାସ ହୋଇ। ଯେତେ ଯେତେ ଯିବାକୁ କହିଲେ ସେତେ ସେତେ ପାଖକୁ ପାଖକୁ ଆସେ ସେ। ସତ୍ତା ନିଶ୍ଚିହ୍ନ ହେଇଗଲେ ସିଏ ମରୁବାଲିରେ ବି ସ୍ତୁପଟିଏ ହୋଇ ଠିଆହୁଏ! ନିଏ ଗୋଟେ ନବଜନ୍ମ: ତାହା ହୁଏ ତାଙ୍କ ଛାତିରୁ ଚିରି ହୋଇ ଆସିଥିବା ଗୋଟେ ନୂଆ ନଈ! ସେଇ ସ୍ୱଚ୍ଛ ପୃଥିବୀର ନଦ ନଦୀ ଗିରି ଶୃଙ୍ଗ ଅକ୍ଷାଂଶ ଦ୍ରାଘିମା ସବୁ କିଛି ତାଙ୍କ ଦେହର ମାନଚିତ୍ରରେ ଛାଇ। ତେଣୁ ସିଏ ଲିଭିଯିବେ କେମିତି କିପାଇଁ? ସୁତରାଂ ପ୍ରେମ କେବେ ଲିଭିବାର ନୁହେଁ। ପ୍ରେମ କେବେ ହଜିବାର ନୁହେଁ।

'ସେଇ ଦିନମାନ'କୁ ଦେଖିଲା ପରେ ଏ ଲେଖକର ଇଚ୍ଛା ହେଲା ଗାଇ ଦେବାକୁ --

ଏଇମାତ୍ର ଦୁଇ ଦିନ ତଳେ
ହୃଦୟର ଦିଆନିଆ ହେଲା
ତିରିଶ ବର୍ଷ ଡାଏରୀ
ଲୋଚାକୋଚା ପ୍ରତିଟି ପୃଷ୍ଠାରେ
ତମ ନାଆଁ କିଏ ସେ ଲେଖିଲା?

ପ୍ରେମର ସାନ୍ଦ୍ରତା କେଉଁ ସ୍ତରକୁ ଛୁଇଁଲେ ତାହା ସାର୍ବଜନୀନ ହୋଇପାରେ ତା'ର ପ୍ରମାଣ 'ତଥାସ୍ତୁ କର ଈଶ୍ୱର' ..... ସମସ୍ତ ବିଯୁକ୍ତତା ଓ ସଂକୀର୍ଣ୍ଣତା ଉର୍ଦ୍ଧ୍ୱରେ ପ୍ରେମର ଏକ ଦିସ୍ତା ଦସ୍ତାବିଜ୍।

ନିଜ ଭିତରେ ଅବିରତ ମହକୁଥିବା ଗାଆଁର ପ୍ରେମକୁ ଭୋଗୁଥିବା କବି ସ୍ମୃତି ରୋମନ୍ଥନ କରୁକରୁ ପିଛିଲା ସମୟକୁ ଗୁମୁରି ଗୁମୁରି 'ଗାଁ ମୋର' ରେ ସ୍ୱର୍ଗତ୍ୱକ୍ତି କରନ୍ତି -

"ଏବେ ଗାଁ କହିଲେ
ମୁଠେ ଦୀର୍ଘଶ୍ୱାସ
ବନ୍ଦଫରୁଆର ଗନ୍ଧ।"

ପ୍ରେମିକକୁ ଝରାପତ୍ରର ଅଭିମାନ କରିଦେବା କ'ଣ କମ୍ କଥା? ନଥାଇ ବି ଥିବାର ପ୍ରତ୍ୟୟ ସାଜୁଥିବା ଜଣେ ଅଦୃଶ୍ୟ ଈଶ୍ୱରଙ୍କୁ ବିନା ଠିକଣାର ଚିଠି ଓ ଶବ୍ଦ ସଂସାରର ଅତିଥି ସଜାଇ ଆବାହନର ମୁଦ୍ରାରେ ଅଧା ଅଧା ନୀରବତା ଭୋଗି ପାରନ୍ତି କବି ମାଧୁରୀ। ପୁଣି ତାଙ୍କର ପ୍ରେମ, ପ୍ରାର୍ଥନା ଓ ଅଥୟପଣରୁ ତାଙ୍କୁ ମୁକ୍ତି ଦେଇ, ତା'ର ନୀରବତାକୁ ଆଭୂଷଣ କରି ପିନ୍ଧନ୍ତି ପ୍ରେମର ମହକ ବାଣ୍ଟୁଥିବା କବି ମାଧୁରୀ।

ହେଲେ, କବିତା କାହିଁ?

ଝଡ଼ ପରର ପୃଥିବୀ ଉପରେ ପ୍ରେମର ଧ୍ୱଜା ଉଡ଼େଇବାକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ ହୋଇ ସାରିଥିବା ପ୍ରେମପାଗଳିନୀ କବିଙ୍କ ଆଗରେ ଶବ୍ଦମାନେ ମାୟାମୃଗ ପରି କେଡ଼େ ଛଟକରେ ଧାଉଁଛନ୍ତି ସିନା, କବିତା?

ସବୁ କ୍ଷତର ଗାଢ଼ତା, ସବୁ ରାତିର ଉଜାଗର, ସମସ୍ତ ପ୍ରତୀକ୍ଷା, ସବୁ ଯନ୍ତ୍ରଣା ଆଉ ସକଳ ପ୍ରାର୍ଥନା ପରେ ବି କବିତାର ଖୋଜ୍‌ରେ ଅଛନ୍ତି କବି। ଏତେସବୁ ସଜାବଟ୍, ଏତେସବୁ ଶବ୍ଦର ଭିଆଣ, ଏତେସବୁ ପ୍ରେମର ଚିତ୍ରାକ୍ଷର, ଏତେସବୁ ନିରନ୍ତର ଅନୁସନ୍ଧାନ ପରେ ବି ତାଙ୍କର ଆକଣ୍ଠ ଶୋଷ ମେଣ୍ଟେଇବାକୁ ସିଏ କ'ଣ ପାଇସାରିଲେଣି କବିତା? ଏହାର ପ୍ରମାଣ 'ଅଧା ଅଧା ନୀରବତା'।

ତାଙ୍କର ସେଇ ନୀରବତାର ସ୍ୱର ନିରବଧି ଅନୁରଣିତ କରୁଥାଏ ---

"ଆଃ, ଭରିଦେ ମୋର ଆକଣ୍ଠ ଶୋଷ
ମନ,ପ୍ରାଣ,ଆତ୍ମାକୁ ମାତ୍ର
ଗୋଟିଏ ଛୁଆଁ
ମୋ' ପୀଡ଼ା ଆଉ ଉଲ୍ଲାସର
ସେଇ ଗୋଟିଏ କାରଣ ହିଁ
ହୋଇ ତୁ' ଥା' ........।"

ଆହାଃ! ସବୁ କବିତା ପରେ ବି କ'ଣ କବିତାର ଦେଖା ମିଳିଲା!!!

*(କ୍ରମଶଃ)*

*କଥା ହୁଅନ୍ତୁ : ୯୪୩୭୨୬୭୧୨୫*



# ଏକମାତ୍ର

EKAMAATRA

ଅନୁସନ୍ଧାନ ପରେ ଖବର

ପରିକ୍ରମା






# ବିକଳାଙ୍ଗ ବୃଦ୍ଧ,ବୃଦ୍ଧାଙ୍କ ଭତ୍ତା ଟଙ୍କା ଆତ୍ମସାତ; ବ୍ଲକ ପ୍ରଶାସନ ଚୁପ୍

**ନବରଙ୍ଗପୁର :** ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକ୍ ଅମଳାଭଟା ଗ୍ରାମ ପଞ୍ଚାୟତରେ ଗୋଟିଏ ପରେ ଗୋଟିଏ କାର୍ନାମା ପର୍ଦ୍ଦାଫାଶ ହେବାରେ ଲାଗିଛି। ସପ୍ତାହ ଭିତରେ ଦୁଇଟି କଳଙ୍କ ଧରାପଡିଛି,ଏହି ଗ୍ରାମ ପଞ୍ଚାୟତ ହିତାଧିକାରୀଙ୍କ ଚାଉଳ ପରେ ହିତାଧିକାରୀଙ୍କ ମାସିକ ଭତ୍ତା ଟଙ୍କା ମଧ୍ୟ ଗ୍ରାମ ପଞ୍ଚାୟତ ନିର୍ବାହୀ ଅଧିକାରୀ ଏହି ପଞ୍ଚାୟତ ଅନ୍ତର୍ଗତ କୃଷ୍ଣଗୁଡ଼ାର ବିକଳାଙ୍ଗ ବୃଦ୍ଧ ବୃଦ୍ଧାଙ୍କ ଟିପ ଚିହ୍ନ ମାରି ଦେଇ ଭତ୍ତା ଟଙ୍କା ଦେଇ ନ ଥିବା ଅଭିଯୋଗ ଶୁଣିବାକୁ ମିଳୁଛି। ଟିପ ଚିହ୍ନ ମାରି ଭତ୍ତା ଟଙ୍କା ଆଣି ଦେବି କହି ଉଭାନ ହୋଇଯାଇଛନ୍ତି। ଦୁଇମାସର ଭତ୍ତା ଟଙ୍କା ଦେବାକୁ କହି ସରଳ ନିରୀହ ଅଶିକ୍ଷିତର ସୁଯୋଗ ନେଇ ଆଦିବାସୀଙ୍କ ଭତ୍ତା ଟଙ୍କା ଆତ୍ମସାତ କରିଥିବା ଶୁଣିବାକୁ ମିଳୁଛି। କୃଷ୍ଣଗୁଡ଼ା ଗ୍ରାମର ବିକଳାଙ୍ଗ ୩୦ ଜଣ ବୃଦ୍ଧ ବୃଦ୍ଧା ମାନଙ୍କ ମଧ୍ୟରୁ ପଦଲାମ ଜାନୀ ,ପ୍ରତିମା କର୍କରା, ପାର୍ବତୀ ଗୌଡ ୨୦୨୧ ଅକ୍ଟୋବର ରୁ ବର୍ତ୍ତମାନ ୯ମାସ ର ଭତ୍ତା ଟଙ୍କା ପାଇନାହାନ୍ତି। ସୁନାଧର ଗୌଡ ଅର୍ଚ୍ଛିତ୍



ଗୌଡ ୬ ମାସର ପାଇନାହାନ୍ତି। ଆଦିତ୍ୟ ଜାନୀ୫ମାସ ମଞ୍ଜୁଳା ଗୌଡ ବିକଳାଙ୍ଗ ୫ମାସ ହେଲା ୭ଶହ ପାଇନଥିବା ବେଳେ,ପ୍ରକାଶ କର୍କରା ବିକଳା ଙ୍ଗ ୩ ମାସର ପାଇ ନାହାନ୍ତି । ସୁନାମଣୀ କର୍କରା ୩ମାସ ଶିବ କର୍କରା ୨ମାସ ପାଇ ନ ଥିବା ଅଭିଯୋଗ ହୋଇଛି ।ଭତ୍ତା ଟଙ୍କା ପାଇଁ ବ୍ୟାଙ୍କ ଠାରୁ ପଞ୍ଚାୟତ ଦୌଡ଼ି ଦୌଡ଼ି ନୟାନ୍ତ ହେଲେଣି ହେଲେ ଏ ମାନଙ୍କ ଗୁହାରି ଶୁଣୁ ନାହାନ୍ତି ବ୍ଲକ ପ୍ରଶାସନ। ରାଜ୍ୟ ସରକାର ଏମାନଙ୍କ ପାଇଁ ମଧୁବାବୁ ଭତ୍ତା କେନ୍ଦ୍ର ଓ ରାଜ୍ୟ ର ଦେଉଥିବା ବେଳେ, ଭାଷଣ ବାଜିରେ ରାଜ୍ୟ ସରକାର କେନ୍ଦ୍ର ସରକାର ଫୁଟାଣି ମାରୁଛନ୍ତି। ବାରମ୍ବାର ଯେଉଁଠାରେ ସରକାରଙ୍କ ଯୋଜନା ଅପହଞ୍ଚ ହୋଇଛି ସେଠାରେ ପହଞ୍ଚିବାକୁ ନିର୍ଦ୍ଦେଶ ଦେଇଛନ୍ତି। ହେଲେ ଏହି ବିକଳାଙ୍ଗ ମାନଙ୍କ ଭତ୍ତା ଟଙ୍କା ଆତ୍ମସାତ କୁ ଦେଖିଲେ ସରକାରଙ୍କ ଯୋଜନା କିଭଳି କାର୍ଯ୍ୟକାରୀ ହେଉଛି, ତାହା ଆଖି ଜଳ ଜଳ କରି ଦେଖା ଯାଉଛି। ରାଜ୍ୟ ସରକାର ୨୦୧୯ଠାରୁ ମୋ ସରକାର ଅଧିନରେ ୫ଟି କାର୍ଯ୍ୟକାରୀ କରିଛନ୍ତି। ଶାସନ କ୍ଷେତ୍ର ରେ ସ୍ୱଚ୍ଛତା ଆଣିବାକୁ ହେଲେ, ଏହି ମୋ ସରକାର ଯୋଜନାର କାର୍ଯ୍ୟକାରୀ ଦେଖିବାକୁ ହେଲେ, ଏହି ପଞ୍ଚାୟତକୁ ଗଲେ ସବୁ ଜିଲ୍ଲା ସ୍ତରୀୟ ବାବୁ ତାଲିମ ପାଇ ଯିବେ ବୋଲି ଆଲୋଚନା ଚାଲିଛି। ଏ ନେଇ ଆମେ ଗ୍ରାମ ପଞ୍ଚାୟତ ନିର୍ବାହୀ ଅଧିକାରୀକୁ ପଚାରିବାରୁ ଯେଉଁମାନେ ଭତ୍ତା ଟଙ୍କା ପାଇନାହାନ୍ତି, ସେମାନେ ପଞ୍ଚାୟତକୁ ଆସିଲେ ପାଇବେ ବୋଲି କଥା ବଙ୍କେଇ ଦେଲେ। ଅପରପକ୍ଷରେ ତୁରନ୍ତ ଭତ୍ତା ଟଙ୍କା ଆତ୍ମସାତ କରିଥିବା ଅଧିକାରୀଙ୍କୁ ଉପଯୁକ୍ତ ଦଣ୍ଡ ଦେବା ସହ ତୁରନ୍ତ ଭତ୍ତା ଟଙ୍କା ପାଇବାର ବ୍ୟବସ୍ଥା କରିବା ସହିତ ବିକଳାଙ୍ଗ ବୃଦ୍ଧ ବୃଦ୍ଧା ସମେତ ଗ୍ରାମ ପଞ୍ଚାୟତବାସୀ ଜିଲ୍ଲାପାଳ ସୁତନ୍ତ୍ର ଦୃଷ୍ଟି ଦେବାକୁ ଅନୁରୋଧ କରିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ‘ଭଉଣୀ ପାଉଣା ...

ଘୋଷଣା ପରେ ବିଦେଶରେ ଥାଇ ବି ନବୀନ ଭାଇ ମୋତେ ଫୋନ୍ କରିଥିଲେ। ଏଥିରେ ମୁଖ୍ୟମନ୍ତ୍ରୀ ଦ୍ରୌପଦୀ ମୁର୍ମୁଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ମାନିତ କରିଥିଲେ। ମୁଖ୍ୟମନ୍ତ୍ରୀ ଏହି କାର୍ଯ୍ୟକ୍ରମରେ ସମସ୍ତଙ୍କୁ ଏନଡିଏର ରାଷ୍ଟ୍ରପତି ପ୍ରାର୍ଥୀ ଦ୍ରୌପଦୀ ମୁର୍ମୁଙ୍କୁ ଭୋଟ୍ ଦେବା ଲାଗି ନିବେଦନ କରିବା ସହ ଦଳ ବାହାରେ ଅନ୍ୟମାନଙ୍କ ସମର୍ଥନ ଲାଗି ବି ଚେଷ୍ଟା କରାଯିବ ବୋଲି କହିଥିଲେ। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତ ମଧ୍ୟ ଉପସ୍ଥିତ ଥିଲେ। ଏଣେ ବିଜେପି ସାଂସଦ ଓ ବିଧାୟକମାନେ ମଧ୍ୟ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏନଡିଏର ରାଷ୍ଟ୍ରପତି ପ୍ରାର୍ଥୀ ଦ୍ରୌପଦୀ ମୁର୍ମୁଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରିଥିଲେ।

### ଆଜି ମୁଁ ଯାହା ...

ପ୍ରଧାନମନ୍ତ୍ରୀ ଓ ପାର୍ଟିର କୋଟି କୋଟି କର୍ମକର୍ତ୍ତାଙ୍କୁ କୃତଜ୍ଞତା ଜଣାଉଛି। ଘରକୁ ଝିଅ ଆସିଲେ ଘର ଯେଭଳି ଉତ୍ସବ ମୁଖର ହୁଏ ସେହିଭଳି ଆଜି ଉତ୍ସବମୁଖର ବାତାବରଣ ଥିଲା, ଏଥିପାଇଁ ମୁଁ ଓଡ଼ିଶା ନିକଟରେ କୃତଜ୍ଞ। ଦେଶର ବିଭିନ୍ନ ରାଜ୍ୟ ବୁଲିବା ବେଳେ ଆଶାରୁ ଅଧିକ ଜନସମର୍ଥନ ଓ ଭଲ ପାଇବା ଦେଖି ଅନୁଭବ ହେଉଛି, ଆମ ପାର୍ଟି ପ୍ରତି ଲୋକଙ୍କର ଅନେକ ଅପେକ୍ଷା ଅଛି, ସେଥିପାଇଁ ଆମକୁ ଅଧିକରୁ ଅଧିକ ପରିଶ୍ରମ କରି ଲୋକଙ୍କ ସେବାରେ ନିୟୋଜିତ ହେବାକୁ ପଡ଼ିବ। ସେହିପରି ରାଜ୍ୟ ଅତିଥି ଭବନରେ ସାଂସଦ ଓ ବିଧାୟକ ଦଳ ବୈଠକରେ ରାଜ୍ୟ ସଭାପତି ସମୀର ମହାନ୍ତି କହିଥିଲେ ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସର୍ବଦା ଓଡ଼ିଶାକୁ ଗୁରୁତ୍ୱ ଦେଇଛନ୍ତି। ରାଜ୍ୟପାଳଠାରୁ ଆରମ୍ଭ କରି କେନ୍ଦ୍ରମନ୍ତ୍ରୀ ପଦବୀରେ ଆଜି ଓଡ଼ିଆ ସମ୍ମାନିତ। ଓଡ଼ିଶାର ଜଣେ ସାଧାରଣ ଆଦିବାସୀ ପରିବାରର ଦ୍ରୌପଦୀ ମୁର୍ମୁଙ୍କୁ ଗରିମାମୟ ରାଷ୍ଟ୍ରପତି ପଦବୀ ପାଇଁ ମନୋନୀତ କରାଯାଇଛି। ଓଡ଼ିଶାକୁ ଏହି ସର୍ବୋଚ୍ଚ ସମ୍ମାନ ପ୍ରଦାନ କରିଥିବାରୁ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ। ସୂଚନାଯୋଗ୍ୟ, ରାଷ୍ଟ୍ରପତି ନିର୍ବାଚନ ପାଇଁ ପ୍ରଚାରରେ ଆସିଥିବା ଶ୍ରୀମତୀ ମୁର୍ମୁଙ୍କୁ ଭୁବନେଶ୍ୱର ବିମାନବନ୍ଦରରେ ପାରମ୍ପରିକ ବାଦ୍ୟଯନ୍ତ୍ର, ନୃତ୍ୟ ସହ ହଜାର ହଜାର ଶୁଭେଚ୍ଛୁଙ୍କ ଜନସମାଗମରେ ଭବ୍ୟ ସ୍ୱାଗତ କରାଯାଇଥିଲା। ରାଜ୍ୟ ଅତିଥି ଭବନରେ ବିଜେପିର ସମସ୍ତ ବିଧାୟକ ଓ ସାଂସଦମାନେ ଉପସ୍ଥିତ ଥିଲେ।

### ଜାପାନର ...

ଜେଜେବାପା ୧୯୫୭ରୁ ୧୯୬୦ ମଧ୍ୟରେ ଜାପାନର ପ୍ରଧାନମନ୍ତ୍ରୀ ଥିଲେ। ଆବେଙ୍କ ବାପା ବିଦେଶ ମନ୍ତ୍ରୀ ଥିଲେ। ସିଞ୍ଜୋ ଆବେଙ୍କ ବାପାଙ୍କ ମୃତ୍ୟୁ ପରେ ୧୯୯୩ରେ ଆବେ ସାଧାରଣ ନିର୍ବାଚନ ଲଢ଼ିଥିଲେ। ସେବେଠାରୁ ସେ ଜାପାନ ରାଜନୀତିରେ ଜଣେ ପ୍ରଭାବଶାଳୀ ବ୍ୟକ୍ତିତ୍ୱ ବନିଥିଲେ। ସିଞ୍ଜୋ ଆବେ ୨ ଥର ଜାପାନର ପ୍ରଧାନମନ୍ତ୍ରୀ ହୋଇଛନ୍ତି। ୨୦୦୬ରୁ ୨୦୦୭ ଏବଂ ୨୦୧୨ରୁ ୨୦୨୦ ପର୍ଯ୍ୟନ୍ତ ସିଞ୍ଜୋ ଆବେ ପ୍ରଧାନମନ୍ତ୍ରୀ ଥିଲେ। ୨୦୦୬ରେ ସେ ପ୍ରଥମ ଥର ପାଇଁ କ୍ଷମତାକୁ ଆସିଥିଲେ। ୫୨ ବର୍ଷରେ ସେ ଜାପାନର ସର୍ବକନିଷ୍ଠ ଯୁଦ୍ଧ ପରବର୍ତ୍ତୀ ପ୍ରଧାନମନ୍ତ୍ରୀ ଥିଲେ। ଅର୍ଥାତ୍ ସିଞ୍ଜୋ ଆବେ ହେଉଛନ୍ତି ପ୍ରଥମ ସର୍ବକନିଷ୍ଠ ପ୍ରଧାନମନ୍ତ୍ରୀ ଯିଏ କି ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଜନ୍ମ ହୋଇଛନ୍ତି। ଏହାର ବର୍ଷକ ପରେ ଆବେ ଇସ୍ତଫା ଦେଇଥିଲେ। କିନ୍ତୁ ୨୦୧୨ରେ ଆବେଙ୍କ ଏଲଡିପି (ଲିବରାଲ ଡିମୋକ୍ରାଟିକ୍ ପାର୍ଟି) ବିପୁଳ ବିଜୟ ହାସଲ କରିଥିଲା। ଏଥିସହ ଆବେ ପୁଣିଥରେ ଜାପାନର ପ୍ରଧାନମନ୍ତ୍ରୀ ହେଲେ। ସିଞ୍ଜୋ ଆବେ ତାଙ୍କ ଆବେନୋମିକ୍ସ ପଲିସି ପାଇଁ ବେଶ୍ ଜଣାଶୁଣା। ଜାପାନର ଅର୍ଥନୀତି ସୁଦୃଢ଼ କରିବା ପାଇଁ ଆବେଙ୍କର ଏହି ଆବେନୋମିକ୍ସ ପଲିସି ଖୁବ୍ ଗୁରୁତ୍ୱପୂର୍ଣ୍ଣ ଥିଲା। ୨୦୧୨ରୁ ୨୦୨୦ ପର୍ଯ୍ୟନ୍ତ ପ୍ରାୟ ୮ ବର୍ଷ ପଦରେ ରହି ଆବେ ଦେଶର ସବୁଠୁ ଦୀର୍ଘଦିନର ପ୍ରଧାନମନ୍ତ୍ରୀ ହୋଇପାରିଛନ୍ତି। ସିଞ୍ଜୋ ଆବେ ସ୍ୱାସ୍ଥ୍ୟ ସମସ୍ୟା ପାଇଁ ୨୦୨୦ରେ ଇସ୍ତଫା ଦେଇଥିଲେ। ସିଞ୍ଜୋ ଆବେ ଆକି ଆବେଙ୍କୁ ବିବାହ କରିଛନ୍ତି। ସେମାନଙ୍କର କୌଣସି ସନ୍ତାନ ନାହାଁନ୍ତି।

### ଭିତ୍ତିଭୂମି ବଢ଼ିବ ...

ବିଗତ ବର୍ଷ ପରି ଚଳିତ ଆର୍ଥିକ ବର୍ଷର ବଜେଟକୁ ନ୍ୟାସନାଲ ଇ-ବିଧାନ ଆପ୍ଲିକେସନ ଜରିଆରେ ସଂପୂର୍ଣ୍ଣ ଇଲେକ୍ଟ୍ରୋନିକ ମାଧ୍ୟମରେ ଉପସ୍ଥାପନ ହୋଇଛି। ବିଗତ କିଛି ବର୍ଷ ମଧ୍ୟରେ ସ୍ୱାସ୍ଥ୍ୟ କ୍ଷେତ୍ରରେ ସରକାରୀ ବ୍ୟୟ ବୃଦ୍ଧି ପାଇଛି। ଜନସ୍ୱାସ୍ଥ୍ୟ ସେବା ପାଇଁ ୧୨ ହଜାର ୬ ଶହ ୨୪ କୋଟି ଟଙ୍କା ବ୍ୟୟବରାଦର ପ୍ରସ୍ତାବ ରହିଛି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ପାଇଁ ୨ ହଜାର ୬ ଶହ ୬୪ କୋଟି, ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟସେବା ମିଶନରେ ୨ ହଜାର ୩ ଶହ ୨୫ କୋଟି, ଜାତୀୟ ସ୍ୱାସ୍ଥ୍ୟ ମିଶନ ୨ ହଜାର ୧ ଶହ ୫୬ କୋଟି ଏବଂ ସ୍ୱାସ୍ଥ୍ୟ ଓ ଭେଷଜ ଶିକ୍ଷାରେ ୩ ଶହ ୧୨ କୋଟି ଟଙ୍କା ବ୍ୟୟ ବରାଦର ପ୍ରସ୍ତାବ ରଖାଯାଇଛି। ୨୦୨୨-୨୩ ଆର୍ଥିକ ବର୍ଷ ପାଇଁ କୃଷି ବଜେଟ ନିମନ୍ତେ ୨୧ ହଜାର ୧ ଶହ ୬୬ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି। ଚାଷୀ ମାନଙ୍କର ସାମଗ୍ରିକ କଲ୍ୟାଣ ନିମନ୍ତେ ‘କାଳିଆ ଯୋଜନା’ରେ ୧ ହଜାର ୮୭୪ କୋଟି ଟଙ୍କାର ବ୍ୟୟ କରାଯାଇଛି । ଶିକ୍ଷା ଓ ଦକ୍ଷତା ବିକାଶ କ୍ଷେତ୍ର ପାଇଁ ମୋଟ ୨୭ ହଜାର ୩୨୪ କୋଟି ଟଙ୍କା ଆବଣ୍ଟନ କରାଯାଇଛି। ୨୦୨୧-୨୨ ଆର୍ଥିକ ବର୍ଷ ପାଇଁ ପୁଞ୍ଜି ବ୍ୟୟ ବରାଦ ଅଟକଳ ୩୮ ହଜାର ୭ ଶହ ୩୨ କୋଟି ଟଙ୍କା: ଯାହା ସାମଗ୍ରିକ ରାଜ୍ୟ ଘରୋଇ ଉତ୍ପାଦର ୫.୪ ପ୍ରତିଶତ ଅଟେ। ସେହିପରି ‘ମିଶନ ଶକ୍ତି’ ଅଭିଯାନର ଗତି ବଜାୟ ରଖିବା ପାଇଁ ମିଶନ ଶକ୍ତି ବିଭାଗ ପାଇଁ ୨ ହଜାର କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି। ଯେଉଁଥିରେ ମହିଳା ସ୍ୱଂୟ ସହାୟକ ଗୋଷ୍ଠୀ ଓ ସେମାନଙ୍କର ସଂଘକୁ ଆର୍ଥିକ ସହାୟତା ପାଇଁ ୭ ଶହ ୭୩ କୋଟି ଓ ମହିଳା ସ୍ୱଂୟ ସହାୟକ ଗୋଷ୍ଠୀମାନଙ୍କ ପାଇଁ ଗୃହ ନିର୍ମାଣ ଲାଗି ୧ ଶହ ୭୬ କୋଟି ଟଙ୍କା ରହିଛି। ୨୦୨୨-୨୩ ଆର୍ଥିକ ବର୍ଷରେ ଐତିହ୍ୟ ସହର ପୁରୀର ବିକାଶ ପାଇଁ ‘ଅଭଡା’ ଯୋଜନାରେ ୧ ହଜାର ୩ ଶହ ୨୫ କୋଟି ଟଙ୍କା, ଲିଙ୍ଗରାଜ ମନ୍ଦିରର ଚତୁଃପାର୍ଶ୍ୱରେ ପ୍ରାୟ ୬୫ ଏକରରୁ ଉର୍ଦ୍ଧ୍ୱ ଜମି ପଥଚାରୀଙ୍କ ଲାଗି ଉନ୍ମୁକ୍ତ କରିବା ନିମନ୍ତେ ଏକାମ୍ର ଯୋଜନାରେ ୨ ଶହ କୋଟି ଏବଂ ସମଲେଇ ଯୋଜନାରେ ୨ ଶହ କୋଟି ଟଙ୍କା ବ୍ୟୟ ବରାଦର ପ୍ରସ୍ତାବ ରହିଛି। ବିଶ୍ୱସ୍ତରୀୟ ଭିତ୍ତିଭୂମି ପ୍ରତିଷ୍ଠା, ଶିଳ୍ପ, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ଏବଂ ଷ୍ଟାର୍ଟ ଅପକୁ ପ୍ରୋତ୍ସାହିତ କରିବା ପାଇଁ ମୋଟ ୧ ହଜାର ୨୬୯ କୋଟି ଆବଣ୍ଟନ ପ୍ରସ୍ତାବ ଦିଆଯାଇଛି। ଇପିକଲକୁ ଅନୁଦାନ ଭାବରେ ୯୫ କୋଟି, ଶିଳ୍ପ ଭିତ୍ତିଭୂମି ବିକାଶ ପାଇଁ ଇଡ୍କୋକୁ ୧୯୭ କୋଟି, ଚଳଚ୍ଚିତ୍ର ବିକାଶ ପାଇଁ ଓଏଫ୍‌ଡିସିକୁ ୫୦ କୋଟି ସହାୟତା ଦିଆଯାଇଛି। ଯଦି ମୁଣ୍ଡପିଛା ଋଣ କଥା କହିବା ତାହାଲେ ୩୧ ମାର୍ଚ୍ଚ, ୨୦୨୨ ଶେଷ ସୁଦ୍ଧା ରାଜ୍ୟର ମୁଣ୍ଡ ପିଛା ଋଣ ୨୨,୦୪୨ ଟଙ୍କା ଥିବାବେଳେ ମୁଣ୍ଡ ପିଛା ଆୟ ୧ ଲକ୍ଷ ୨୭ ହଜାର ଟଙ୍କା। ତେବେ ୧୯୯୯-୨୦୦୦ ବର୍ଷରେ ରାଜ୍ୟର ମୁଣ୍ଡପିଛା ଋଣ ୪ ହଜାର ୯୧୮ ଟଙ୍କା ଥିବାବେଳେ ମୁଣ୍ଡପିଛା ଆୟ ୧୩,୦୧୨ ଟଙ୍କା ଥିଲା। ଏହା ସ୍ପଷ୍ଟ ଦୃଶ୍ୟମାନ ଯେ ୧୯୯୯-୨୦୦୦ ମସିହାରେ ଆମର ମୁଣ୍ଡ ପିଛା ଆୟ ମୁଣ୍ଡ ପିଛା ଋଣର ୨.୬୫ ଗୁଣ ଥିବା ବେଳେ, ବର୍ତ୍ତମାନ ମୁଣ୍ଡ ପିଛା ଆୟ ବୃଦ୍ଧି ପାଇ ମୁଣ୍ଡ ପିଛା ଋଣର ୫.୮ ହେଲାଣି। ମୁଣ୍ଡ ପିଛା ଋଣର ଓଡ଼ିଶା ସମସ୍ତ ରାଜମାନଙ୍କ ମଧ୍ୟରେ ନିମ୍ନତମ ଅଟେ। ଏହା ଆରବିଆଇ ପ୍ରକାଶନ “ଷ୍ଟେଟ ଫାଇନାନ୍ସ : ଏ ଷ୍ଟଡି ଅଫ୍ ବଜେଟ୍, ୨୦୨୧-୨୨”ରେ ପ୍ରକାଶିତ ହୋଇଛି। ୨୦୨୨-୨୩ ଆର୍ଥିକ ବର୍ଷର ମୋଟ ରାଜସ୍ୱ ପ୍ରାପ୍ତି ୧ ଲକ୍ଷ ୬୩ ହଜାର ୯ ଶହ ୬୭ କୋଟି ଟଙ୍କା ଏବଂ ରାଜସ୍ୱ ବ୍ୟୟ ୧ ଲକ୍ଷ ୪୫ ହଜାର ୭ ଶହ ୨୭ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଛି। ରାଜସ୍ୱ ବଳକା ସାମଗ୍ରିକ ରାଜ୍ୟ ଘରୋଇ ଉତ୍ପାଦର ୨.୫ ପ୍ରତିଶତ ହେବ ଓ ବିତ୍ତୀୟ ନିଅଣ୍ଟ ୩ ପ୍ରତିଶତରେ ସୀମିତ ରହିବ। ବର୍ଷ ଶେଷରେ ଋଣ ଭାର ସାମଗ୍ରିକ ରାଜ୍ୟ ଘରୋଇ ଉତ୍ପାଦର ୧୫.୬ ପ୍ରତିଶତ ହେବାର ଆକଳନ କରାଯାଇଛି। ରାଜ୍ୟ ସରକାର ବହୁ ବର୍ଷୀୟ ବଜେଟ୍ ପ୍ରସ୍ତୁତି ପ୍ରକ୍ରିୟାର ଅଂଶ ସ୍ୱରୂପ ଏକ “ମିଡିୟମ-ଟର୍ମ ଫିସ୍କାଲ ଫ୍ରେମୱାର୍କ (ଏମଟିଏଫ୍ଏଫ୍)” ପ୍ରସ୍ତୁତ କରୁଛି ଏବଂ ଏହା ସହ ବିଭିନ୍ନ ପ୍ରକାଶର ଦସ୍ତାବିଜ ଯଥା- ଆର୍ଥିକ ଋଣ ଉପରେ ଆର୍ଥିକ କୌଶଳ ରିପୋର୍ଟ ସ୍ଥିତି ଏବଂ ବିସ୍ତୃତ ଆର୍ଥିକ ବିପଦ ବିବୃତ୍ତି ଅନ୍ତର୍ଭୁକ୍ତ। ଯାହା ଭାରତୀୟ ରିଜର୍ଭ ବ୍ୟାଙ୍କ ଏବଂ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି ଦ୍ୱାରା ବ୍ୟାପକ ଭାବରେ ପ୍ରଶଂସିତ ହୋଇଛି। ରାଜ୍ୟର ଆର୍ଥିକ ପରିଚାଳନକୁ ପଞ୍ଚଦଶ ଅର୍ଥ କମିଶନ ମଧ୍ୟ ଭୂୟସୀ ପ୍ରଶଂସା କରିଛନ୍ତି। ଏହି ସମସ୍ତ ପ୍ରକ୍ରିୟାକୁ ସମଗ୍ର ଦେଶରେ ସର୍ବୋତ୍ତମ ଅଭ୍ୟାସ ଏବଂ ସୁଶାସନ ପଦକ୍ଷେପ ଭାବରେ ସ୍ୱୀକୃତି ମିଳିଛି।

### କେବେ ଭାଙ୍ଗିବ ...

ଜମି ଦଲାଲ ମାନଙ୍କର ରାଜ୍ ଚାଲିଛି। ନକଲି ବିକ୍ରେତାଙ୍କୁ ଆଣି ଜମି ରେଜିଷ୍ଟ୍ରେସନ କରାଇବା ଏମାନଙ୍କର ଅଭ୍ୟାସରେ ପରିଣତ ହୋଇଯାଇଛି। ଏ ନକଲି ନରୋତ୍ତମଙ୍କୁ ପଗଡ଼ି ପିନ୍ଧାଇ ନକଲି ଆଧାର କାର୍ଡ ଦେଖାଇ ଜମି କିଣାବିକା କରାଯାଇଛି। ଯାହାର ପ୍ରକୃତ ରହସ୍ୟ ପ୍ରକୃତ ଜମି ମାଲିକ ନରୋତ୍ତମ ଆର. ଆଇ. ଅଫିସ ମେଦିନିପୁରକୁ ମାଲଗୁଜାରି ବାନ୍ଧିବାକୁ ଯାଇ ଜାଣି ପାରିଲେ ଯେ ତାଙ୍କ ଜମି ବିକ୍ରି କରିଦିଆଯାଇଅଛି, ତେଣୁ ତୁମ ନାମରେ ମାଲ ଗୁଜାରି ନିଆଯାଇ ପାରିବ ନାହିଁ। ହତବାକ ନରୋତ୍ତମ ତାଙ୍କ ପୁତ୍ର ମାନଙ୍କୁ ସାଙ୍ଗରେ କଥାବାର୍ତ୍ତା ହୋଇ ଭବାନୀପାଟଣା ଥାନାରେ ଏଫ୍. ଆଇ.ଆର୍ ନଂ-୦୨୬୩ ତାରିଖ-୦୫.୦୭.୨୦୨୨ଦିନ ଦର୍ଜ କରାଇବା ପରେ ଘଟଣାଟି ଆମ ଜିଲ୍ଲା ପ୍ରତିନିଧିଙ୍କ ଗୋଚରକୁ ଆସିଲା। ଏହାର କିଛି କାଗଜ ପତ୍ର ହସ୍ତଗତ ହେଲା ପରେ ଖବରଟିକୁ ପ୍ରକାଶ କଲେ। ଯେଉଁଥିରେ ଦଲିଲର ଟିପ ଚିହ୍ନ ଓ ଦେଇଥିବା ଏଫ୍ .ଆଇ. ଆର୍ ର ଟିପ ଚିହ୍ନ ନକଲି ବୋଲି ବାରି ହୋଇ ଯାଉଛି। ଫୋନ ନଂ ଓ ବୟସ ମଧ୍ୟ ଠିକ ନାହିଁ। କିଛି ଦିନ ତଳେ ଜମି ଦଲାଲଙ୍କ କବଜାରେ କଳାହାଣ୍ଡି ତହସିଲ ଅଫିସ ଶୀର୍ଷକ ଏହି ଖବର କାଗଜରେ ପ୍ରକାଶ ହୋଇଥିବା ବେଳେ ଏହା ଦ୍ୱିତୀୟ ଖବର। ଅର୍ଥାତ୍ ପ୍ରଶାସନିକ ତତ୍ପରତା ଅଭାବରୁ ଏଭଳି କାର୍ଯ୍ୟ ମାନ ଦିନକୁ ଦିନ ଘଟାଇବା ପାଇଁ ଲୋକମାନେ ପ୍ରୋତ୍ସାହନ ପାଉଛନ୍ତି ଓ ଏସବୁରେ ସରକାରୀ ବାବୁମାନେ ସମ୍ପୃକ୍ତ ଅଛନ୍ତି ବୋଲି ଅନୁମାନ କରାଯାଏ। ଏ ଜିଲ୍ଲାରେ ବହୁତ ଅଫିସରେ ଦୀର୍ଘ ୨୫ ରୁ ୩୦ ବର୍ଷ ଧରି ସ୍ଥାୟୀ ଆସନ ଜମାଇ ଗାଦି ମାଡ଼ି ବସିଥିବା ବେଳେ ପ୍ରଶାସନ ସ୍ଥାଣୁ ଅବସ୍ଥାରେ ପହଞ୍ଚିଛି। ଜିଲ୍ଲା ନିବନ୍ଧକ ଅଫିସରେ କଳା ଚଷମା ପିନ୍ଧିଥିଲେ କର୍ମଚାରୀମାନେ ଚଷମାଟିକୁ କାଢ଼ିଦେବାକୁ ପରାମର୍ଶ ଦେଉଥିବାବେଳେ କିଭଳି ଭାବେ ଜଣେ ଓ ମଫସଲ ଲୋକକୁ ପଗଡ଼ି ପିନ୍ଧି ଫୋଟ ଉଠାଇବାକୁ ଅନୁମତି ଦେଲେ ଓ ଆଧାର କାର୍ଡରେ ଥିବା ଜନ୍ମ ତାରିଖକୁ ଅଣଦେଖା କଲେ । ଏସବୁ କ୍ଷେତ୍ରରେ ଅନୁମାନ କରାଯାଏ ଓ ଜନସାଧାରଣ ଜିଲ୍ଲା ନିବନ୍ଧକ ଅଫିସକୁ ସନ୍ଦେହ ଘେରରେ ଦେଖିବା ଆରମ୍ଭ କଲେଣି। ଭବାନୀପାଟଣା ସଦର ଥାନାର ଏଫ୍. ଆଇ.ଆର୍ ରିପୋଟ ନଂ-୦୨୬୩ ମୁତାବକ ଅଧିନିୟମ ଆଇ.ପି.ସି ୧୮୬୦ ଧାରା ୪୧୯,୪୨୦, ୪୬୫,୪୬୬, ୪୬୮, ୪୭୦, ୪୭୧, ୧୨୦(ବି) ଓ ଧାରା ୩୪ରେ ମକଦମା ରୁଜୁ କରାଯାଇଅଛି। ଏହିପରି କାର୍ଯ୍ୟ ପ୍ରତି ଅଣଦେଖା କଲେ ଆଗକୁ ଜନସାଧାରଣ ରାଜରାସ୍ତାକୁ ଓହ୍ଲେବାକୁ ପ୍ରସ୍ତୁତ ହେଉଛନ୍ତି। ଯଦି ଏହି ଜମି ଦଲାଲଙ୍କ ଉପରେ ପ୍ରଶାସନ କଠୋର କାର୍ଯ୍ୟାନୁଷ୍ଠାନ ନ ନିଅନ୍ତି ତେବେ ଆଗକୁ ପରିସ୍ଥିତି ଆହୁରି ସଙ୍ଗୀନ ହୋଇପଡିବାର ଆଶଙ୍କା ଦେଖାଦେଲାଣି।

### ହୁସିଆର ...

ଦୈନିକ ଦୁଇ ତିନିଟି ଦୁର୍ଘଟଣା ହେଉଛି। ରାଜଧାନୀର ପ୍ରମୁଖ ରାସ୍ତାରେ ବଡ ବଡ ବୋର୍ଡ ସବୁ ସଡକକୁ ଦଖଲ କରିଥିବାର ଦେଖାଯାଏ, ଯେଉଁଥିରେ ଲେଖାଯାଇଥାଏ ‘ୱାର୍କ ଅନ୍ ପ୍ରୋଗ୍ରେସ୍’ ଅର୍ଥାତ୍ କାର୍ଯ୍ୟ ଅଗ୍ରସର ହେଉଛି। ହେଲେ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ସରୁନି କାମ। ଏଥିପାଇଁ ଲୋକଙ୍କୁ ଅନେକ ଅପଦସ୍ତ ହେବାକୁ ପଡୁଛି। ବାସ୍ତବିକ କଥା ହେଉଛି ଲୋକଙ୍କ ଅସନ୍ତୋଷ ଓ ବାରମ୍ବାର ଅଭିଯୋଗ ପରେ ମିଡିଆରେ ଖବର ପ୍ରକାଶ ପାଇବା ପରେ ଘଟଣାଗୁଡିକୁ ଗୁରୁତ୍ୱ ଦିଆଯାଉଛି। କେବଳ ଉପରୋକ୍ତ ସ୍ଥାନ ନୁହେଁ; ରାଜଧାନୀର ପ୍ରମୁଖ ରାସ୍ତା, ଗଳି, ସାହି, ବସ୍ତିର ସ୍ଥିତି ବିପଦ୍‌ଜନକ ସ୍ଥିତିରେ। କେଉଁଠି ରାସ୍ତା କାମ ତ କେଉଁଠି ସ୍ୱରେଜକାମ ପାଇଁ ଦୀର୍ଘ ଦିନ ଧରି ଅର୍ଦ୍ଧ ନିର୍ମିତ ଅବସ୍ଥାରେ ପଡି ରହିଛି। ସବୁ ଆଇନ ଅର୍ଡରକୁ ବେଖାତିର କରି ଠିକା ସଂସ୍ଥା ମନଇଛା କାମ କରିବାର ବାରମ୍ବାର ଅଭିଯୋଗ ସତ୍ତ୍ୱେ ନା ସରକାର କୌଣସି ପଦକ୍ଷେପ ନେଉଛନ୍ତି, ନା ବ୍ୟବସ୍ଥାରେ କିଛି ପରିବର୍ତ୍ତନ ଆସୁଛି। ରାଜଧାନୀବାସୀ ହନ୍ତସନ୍ତ ହେବାଟା ସାର ହେଉଛି। ତେବେ କୌଣସି ବଡଧରଣର ଅଘଟଣ ଘଟିବା ପୂର୍ବରୁ ଏସବୁ ଅବ୍ୟବସ୍ଥା ଉପରେ ସରକାର ତଥା ପ୍ରଶାସନ ହସ୍ତକ୍ଷେପ କରିବା ଆବଶ୍ୟକ ବୋଲି ବୁଦ୍ଧିଜୀବୀ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି।

### ବଡ଼ କଲେଜରେ ...

ଡିପ୍ଲୋମାରେ ୧୦ ହଜାର ୯୧୭ ଓ ଘରୋଇ ଡିପ୍ଲୋମା କଲେଜରେ ୫୩ ହଜାର ୪୦୦ ସିଟ୍ ରହୁଥିଲା। ସେହିପରି ସରକାରୀ ଆଇଟିଆଇରେ ୧୮ ହଜାର ୨୫୮ ସିଟ୍ ଓ ଘରୋଇ ଆଇଟିଆଇରେ ୭୭ ହଜାର ୧୮୪ ସିଟ ବ୍ୟବସ୍ଥା କରାଯାଉଥିଲା। ଏଥିସହ ପାଖାପାଖି ୧୦ ହଜାର ସିଟ୍ ସିବିଏସଇ ଓ ଆଇସିଏସଇ ସ୍କୁଲରେ ରହୁଥିଲା। ତେବେ ଗତବର୍ଷ ଚାହିଦା ବଢିବାରୁ ଜୁନିଅର କଲେଜଗୁଡ଼ିକୁ ୨୦ ପ୍ରତିଶତ ସିଟ୍ ବୃଦ୍ଧିର ଅନୁମତି ମିଳିଥିଲା। ଗତ ଶିକ୍ଷା ବର୍ଷର ବର୍ଦ୍ଧିତ ସିଟ୍ ସଂଖ୍ୟା ଅନୁସାରେ ହିଁ ଚଳିତବର୍ଷ ନାମଲେଖା ହେବ। ହେଲେ ଏଯାଏଁ ସିବିଏସଇ ଓ ଆଇସିଏସଇ ରେଜଲ୍ଟ ବାହାରିନି। ସେମାନଙ୍କ ପାସ୍ ହାର ଅଧିକ ରହିଲେ, ଜୁନିଅର କଲେଜଗୁଡ଼ିକରେ ସିଟ୍ ବୃଦ୍ଧିର ଆବଶ୍ୟକତା ପଡ଼ିପାରେ। ଏଥିସହ ପଡ଼ୋଶୀ ଛତିଶଗଡ଼, ବିହାର ଓ ଝାଡ଼ଖଣ୍ଡ ଛାତ୍ରଛାତ୍ରୀଙ୍କର ବି ଓଡ଼ିଶା କଲେଜ ପସନ୍ଦ। କୋଭିଡ ପରେ ପ୍ରଥମ ଥର ପାଇଁ ଅଫଲାଇନ ପରୀକ୍ଷା ହୋଇଥିଲା। ଆଉ ସେଥିରେ ବି ରେଜଲ୍ଟ ରେକର୍ଡ କରିଛି। ପାଠପଢା ଧୀରେ ଧୀରେ ଟ୍ରାକକୁ ଫେରୁଥିବା ବେଳେ, ଭଲ କଲେଜଟିଏ ପାଇଁ ଏବେ ଛାତ୍ରଛାତ୍ରୀଙ୍କୁ ସଂଘର୍ଷ କରିବାକୁ ପଡିବ।

### ପୃଥିବୀର ...

ଫରେଷ୍ଟ ଦ୍ରୁତ ଗତିରେ ନଷ୍ଟ ହେବାରେ ଲାଗିଛି। ପୂର୍ବରୁ ପରିବେଶ ସୁରକ୍ଷା ପାଇଁ ଯେଉଁ ଅଭିଯାନ ଜାରି ରହିଥିଲା, ତାହା ବି ଦୁର୍ବଳ ପଡ଼ିଯାଇଛି। ବୋଲସୋନାରୋ ଜଙ୍ଗଲର ସୁରକ୍ଷା ପରିବର୍ତ୍ତେ ରାଜସ୍ୱ ଆୟ ପାଇଁ ଜଙ୍ଗଲ ପଦା କରିବାକୁ ଉତ୍ସାହିତ କରୁଛନ୍ତି। ଜଙ୍ଗଲ ସଫା କରି ଚାଷକୁ ସମୃଦ୍ଧ ପାଇଁ ସେ ଜୋର ଦେଉଛନ୍ତି। ଏହାଦ୍ୱାରା ଆମାଜନ୍ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଦାରିଦ୍ର୍ୟ ଦୂରୀକରଣ ହୋଇପାରିବ ବୋଲି ତାଙ୍କ ଯୁକ୍ତି। ବିବାଦ ଘେରକୁ ଆସିବା ପରେ ରାଷ୍ଟ୍ରପତି ବୋଲସୋନାରୋ ଜଙ୍ଗଲ ସୁରକ୍ଷା ନିମନ୍ତେ ଅନେକ ଏକ୍ସିକ୍ୟୁଟିଭ୍ ଅର୍ଡର ପାସ୍ କରାଇଥିଲେ। କିନ୍ତୁ ପରେ ସରକାରୀ କାର୍ଯ୍ୟକ୍ରମ ପାଇଁ ସେ ପାଣ୍ଠି ଯୋଗାଣ କମାଇ ଦେଇଥିଲେ। ପରବର୍ତ୍ତୀ ମୁହୂର୍ତ୍ତରେ ସେ ଜଙ୍ଗଲ ଅଞ୍ଚଳରେ ବାଣିଜ୍ୟିକ ଖନନ ଓ ଚାଷକୁ ପ୍ରୋତ୍ସାହିତ କରିଥିଲେ। ୨୦୨୧ ଅକ୍ଟୋବରରେ କିଛି ଜଳବାୟୁ ଓକିଲ ବୋଲସୋନାରୋଙ୍କ ବିରୋଧରେ ତଦନ୍ତ ପାଇଁ ଅନ୍ତର୍ଜାତୀୟ ଆପରାଧିକ କୋର୍ଟ (ଆଇସିସି)କୁ ଅନୁରୋଧ କରିଥିଲେ। ଆମାଜନ୍ ଉପରେ ରାଷ୍ଟ୍ରପତି ଜାଣିଶୁଣି ଆକ୍ରମଣ କରୁଥିବା ସେମାନେ ଅଭିଯୋଗ କରିଥିଲେ। ବୋଲସୋନାରୋଙ୍କ ଏଭଳି କାର୍ଯ୍ୟ ମାନବତା ପ୍ରତି ଘୋର ଅପରାଧ ବୋଲି ସେମାନେ ଦର୍ଶାଇଥିଲେ। ଆମେରିକୀୟ ଅଭିନେତା ଲିଓନାର୍ଡୋ ଡିକାପ୍ରିଓ ଆମାଜନ୍ ଜଙ୍ଗଲ ନଷ୍ଟକୁ ନେଇ ଦୁଃଖପ୍ରକାଶ କରିଥିଲେ। ଏହା ଉପରେ ଅଙ୍କୁଶ ଲଗାଇବା ପାଇଁ ସେ ଆହ୍ୱାନ ଦେଇଥିଲେ। କିନ୍ତୁ ଚଳିତବର୍ଷ ମେ ମାସରେ ରାଷ୍ଟ୍ରପତି ବୋଲସୋନାରୋ ଡିକାପ୍ରିଓଙ୍କ ଉପରେ ପ୍ରବଳ ବର୍ଷିଥିଲେ। ମୁହଁ ବନ୍ଦ କରିବାକୁ ତାଙ୍କୁ ତାଗିଦ କରିଥିଲେ। କିଛି ବୈଜ୍ଞାନିକ ଆକଳନ କରିଛନ୍ତି ଯେ ଅକ୍ଟୋବରରେ ବ୍ରାଜିଲରେ ରାଷ୍ଟ୍ରପତି ନିର୍ବାଚନ ଥିବାରୁ ଜଙ୍ଗଲ ନଷ୍ଟ ମାତ୍ରା ବୃଦ୍ଧି ପାଇବ। କାରଣ ପୂର୍ବ ୩ଟି ନିର୍ବାଚନରେ ସମାନ ଘଟଣା ଦେଖିବାକୁ ମିଳିଥିଲା।

# ମାଟ୍ରିକ ପାସ୍‌ହାରରେ ଜଗତସିଂହପୁର ଜିଲ୍ଲା ରାଜ୍ୟରେ ୧ନଂ

**ଜଗତ୍‌ସିଂହପୁର :** ଚଳିତ ବର୍ଷ ପ୍ରକାଶ ପାଇଥିବା ମାଟ୍ରିକ ଫଳାଫଳରେ ଜଗତସିଂହପୁର ଜିଲ୍ଲା ସମଗ୍ର ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରିବା ଘଟଣା ଜିଲ୍ଲାବାସୀଙ୍କ ପାଇଁ ଏକ ଖୁସିର ଲହରି ଆଣି ଦେଇଛି। ଜଗତସିଂହପୁର ଜିଲ୍ଲାରେ ୯୬.୩୬% ପରୀକ୍ଷାର୍ଥୀ କୃତକାର୍ଯ୍ୟ ହୋଇଥିବା ଘଟଣା ଜିଲ୍ଲା ଶିକ୍ଷା ଅଧିକାରୀ ନିରଞ୍ଜନ ବେହେରା ସୂଚନା ପ୍ରଦାନ କରିଛନ୍ତି। ଚଳିତ ବର୍ଷ ଜିଲ୍ଲାରେ ଆଗବର୍ଷ ଅପେକ୍ଷା ପରୀକ୍ଷା ଫଳାଫଳ ବେଶ ବୃଦ୍ଧି ଘଟିଛି। ଏବର୍ଷ ଏ-୧ ରେ ୨୧୪ଜଣ, ଏ-୨ ରେ ୨୦୪୬ଜଣ, ବି-୧ ରେ ୪୦୮୨ ଜଣ, ବି-୨ ରେ ୩୭୩୪, ସି ଗ୍ରେଡ୍‌ରେ ୨୨୩୬, ଡି ଗ୍ରେଡରେ ୭୬୩, ଇ ଗ୍ରେଡରେ ୧୪୪ ଜଣଙ୍କୁ ମିଶାଇ ୧୩୨୧୯ ଜଣ କୃତକାର୍ଯ୍ୟ ହୋଇଥିବା ବେଳେ ମାତ୍ର ୬୮ଜଣ ଫେଲ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୬୭୫୩ଜଣ ବାଳକ ପାସ କରିଥିବା ବେଳେ ୬୪୬୬ଜଣ ବାଳିକା ମାଟ୍ରିକ ପାସ କରିଛନ୍ତି। ଜିଲ୍ଲାର ୨୬୭ ଗୋଟି ଉଚ୍ଚ ବିଦ୍ୟାଳୟ ମଧ୍ୟରୁ ୧୩୭୧୮ ପରୀକ୍ଷା ଦେଇଥିବା ବେଳେ ୪୩୧ ଜଣ ପରୀକ୍ଷା ଦେଇନଥିବା କୁ ନେଇ ତଦନ୍ତ ବି ଚାଲୁଛି। ଏପରିକି ମାଟ୍ରିକ ପରୀକ୍ଷା ଫଳାଫଳରେ ବହୁ ପରୀକ୍ଷାର୍ଥୀ ଅସନ୍ତୁଷ୍ଟ ପ୍ରକାଶ କରିବା ପରିବର୍ତ୍ତେ ସନ୍ତୁଷ୍ଟ ହେବାକୁ ନେଇ ବୁଦ୍ଧିଜୀବି ମହଲରେ ଆଲୋଚନା ହେଉଛି।

# ଏରସମା ବ୍ଲକ କାର୍ଯ୍ୟାଳୟରେ ଜିଲ୍ଲାପାଳଙ୍କ ମିଳିତ ଜନଅଭିଯୋଗ ଶୁଣାଣି ଶିବିର



**ଜଗତ୍‌ସିଂହପୁର :** ଜିଲ୍ଲା ପ୍ରଶାସନ ପକ୍ଷରୁ ଏରସମା ବ୍ଲକ କାର୍ଯ୍ୟାଳୟ ଠାରେ ମିଳିତ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶିବିରରେ ଜିଲ୍ଲାପାଳ ପାରୁଲ ପଟୱାରୀ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ଆପତି ଅଭିଯୋଗର ଶୁଣାଣି କରିଥିଲେ। ଏହି ଶିବିରରେ ସମୁଦାୟ ୧୧୧ଟି ଅଭିଯୋଗ ପଞ୍ଜୀକୃତ ହୋଇଥିବା ବେଳେ ସେଥିମଧ୍ୟରୁ ବହୁ ଲୋକଙ୍କ ବ୍ୟକ୍ତିଗତ ସମସ୍ୟା ଓ ଗ୍ରାମ୍ୟ ଗୋଷ୍ଠୀଗତ ସମସ୍ୟା ଥିବା ବେଳେ ବହୁ ଲୋକ ମଧ୍ୟ ଇନ୍ଦିରାଆବାସ ଯୋଜନାରୁ ବାଦ ପଡିଥିବାକୁ ନେଇ ବି ଅଭିଯୋଗ କରିଥିଲେ। ସେହିପରି ବହୁ ଲୋକ ରାସନକାର୍ଡରୁ ବଂଚିତ ହେବା, ରେଡକ୍ରସ ପାଣ୍ଠିରୁ ଆର୍ଥିକ ସହାୟତା ନିମନ୍ତେ ନିବେଦନ ଓ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସାହାଯ୍ୟ ପାଇଁବି ଆବେଦନ କରିଥିଲେ। ଏହି ମିଳିତ ଜନଅଭିଯୋଗ ଶୁଣାଣି ଶିବିରରେ ଉପଜିଲ୍ଲାପାଳ ଧର୍ମେନ୍ଦ୍ର ମଲ୍ଲିକ, ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ଦୀପକ ଜେନା, ବିଡିଓ କୈଳାଶ ଚନ୍ଦ୍ର ବେହେରା, ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ମହାପାତ୍ର, ଜିଲ୍ଲା ପରିଷଦ ରୁଦ୍ରନାରାୟଣ ଦାସ, ଜିଲ୍ଲାସ୍ତରୀୟ ସମସ୍ତ ଅଧିକାରୀ ଓ ବ୍ଲକ ସ୍ତରୀୟ ସମସ୍ତ ଅଧିକାରୀ ଉପସ୍ଥିତ ରହି ଜନସାଧାରଣଙ୍କ ଆପତି ଅଭିଯୋଗର ଶୁଣାଣି କରିଥିଲେ।

# ଲୀଳାମୟ ମହାପ୍ରଭୁଙ୍କ ଘୋଷଯାତ୍ରା ପାଳିତ



**ଜଗତ୍‌ସିଂହପୁର :** କାଳିଆ ସାଆନ୍ତଙ୍କ ରଥଯାତ୍ରା ଦୀର୍ଘ ୨ବର୍ଷ ଧରି କୋଭିଡ ମହାମାରି ପାଇଁ ବିନା ଭକ୍ତରେ ରଥଯାତ୍ରା ପାଳିତ ହେଉଥିବା ବେଳେ ଚଳିତ ବର୍ଷ ହଜାର ହଜାର ଭକ୍ତମାନଙ୍କୁ ନେଇ ରଥଯାତ୍ରା ଖୁବ୍ ଶାନ୍ତି ଶୃଙ୍ଖଳାର ସହିତ ସବୁ ସ୍ଥାନରେ ପାଳିତ ହୋଇଯାଇଛି। ଜଗତସିଂହପୁର ବ୍ଲକ ଅଧୀନସ୍ଥ ସିଦ୍ଧଳ ବଳଦେବଜୀଉଙ୍କ ପବିତ୍ର ରଥଯାତ୍ରା ଖୁବ୍ ଆନନ୍ଦ ଉଲ୍ଲାସରେ ପାଳନ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ସଚ୍ଚିଦାନନ୍ଦ ସାହୁ ଠାକୁର ରାଜାର ଦାୟିତ୍ୱ ନିର୍ବାହ କରି ପୂଜାପାଠ କରିବା ସହ ଛେରାପହଁରା କାର୍ଯ୍ୟ ସମ୍ପାଦନ କରି ରଥଟଣା କାର୍ଯ୍ୟ ଆରମ୍ଭ କରିଥିଲେ। ଚଳିତ ବର୍ଷ ହଜାର ହଜାର ସଂଖ୍ୟାରେ ଭକ୍ତମାନେ ଭାଗନେଇ ଦୌଡି ଟାଣି ଖୁବ୍ ଶାନ୍ତିଶୃଙ୍ଖଳାର ସହିତ ସମାପନ ଶେଷ କରିଥିଲେ। ଜିଲ୍ଲାପାଳ ପ୍ରଶାସନ ପକ୍ଷରୁ ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ ଆରକ୍ଷୀ ବାହିନୀକୁ ନିୟୋଜିତ କରାଯାଇଥିଲା। ଏପରିକି ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସୂଚନା କେନ୍ଦ୍ର ଖୋଲାଯାଇ ରଥଯାତ୍ରା ବିଶେଷାଙ୍କ ବିକ୍ରୟ କରାଯିବା ସହିତ ଭକ୍ତମାନଙ୍କୁ ଧାରା ବିବରଣୀ ପ୍ରଦାନ କରାଯାଇଥିଲା। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ, ଅତିରିକ୍ତ ତହସିଲଦାର ଦିବ୍ୟଶ୍ରୀ ମଲ୍ଲିକ ଓ ଆରକ୍ଷୀ ନିରୀକ୍ଷକ ସୁକାନ୍ତ କୁମାର ପ୍ରଧାନ ଯୋଗଦେଇ ଭକ୍ତମାନଙ୍କ ଗ୍ରହଣରେ ଦଉଡି ଟାଣି ରଥଚକ ଗଡାଇଥିଲେ। ବିରିଡି ବ୍ଲକ ଅନ୍ତର୍ଗତ ଶିବପୁର ଗ୍ରାମରେ ଦୀର୍ଘ ୪୨ବର୍ଷ ଧରି ଟଣା ଯାଉଥିବା ରଥ ଖୁବ୍ ଆକର୍ଷଣୀୟ ହୋଇଥିଲା। ଏହି ଠାକୁରଙ୍କର ଛେରା ପହଁରା ବାବାଜୀ ଚରଣ ଜେନା କରୁଥିବା ବେଳେ ସମସ୍ତ ଗ୍ରାମବାସୀ ଏଥିରେ ସହଯୋଗ କରିଥିଲେ। ଆଗାମୀ ସୁନାବେଶ ଦିନବି ଠାକୁରଙ୍କର ସୁନାବେଶ କରାଯିବ ବୋଲି ଶ୍ରୀ ଜେନା ପ୍ରକାଶ କରିଛନ୍ତି। ସେହିପରି ରଘୁନାଥପୁର ବ୍ଲକ ଅନ୍ତର୍ଗତ ଛପଡା, ଏରଡଙ୍ଗା, ବିଦ୍ୟାଧରପୁର, ତରିକୁନ୍ଦ, ବଡତିହଡା, ତଅଁରା, ରେଢୁଆ, ଅଢେଇକୂଳ, ଗୁଆଳିପୁର, ଚିକିଣିଆ, ତାରପୁର, ପୁରଣଓଡପଡା, ଜଗନ୍ନାଥପୁର, ଧରାଧରପୁର ଓ ରଘୁନାଥପୁର ବଜାରରେ ଖୁବ୍ ଶାନ୍ତିଶୃଙ୍ଖଳାର ସହିତ ରଥଯାତ୍ରା ଅନୁଷ୍ଠିତ ହୋଇଥିଲା।

# ଦୁଇ ମନ୍ତ୍ରୀଙ୍କ ଦ୍ୱାରା ଆଦର୍ଶ ବିଦ୍ୟାଳୟର ଶିଳାନ୍ୟାସ



**ଅସ୍ତରଙ୍ଗ :** ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ସରିପୁର ଠାରେ ରାଜ୍ୟ ସରକାରଙ୍କ ଆଦର୍ଶ ବିଦ୍ୟାଳୟର ଶିଳାନ୍ୟାସ ଦୁଇ ମନ୍ତ୍ରୀଙ୍କ ଦ୍ୱାରା ଶେଷ ହୋଇଛି। ଆୟୋଜିତ ଉତ୍ସବରେ ରାଜ୍ୟ ବିଦ୍ୟାଳୟ ଓ ଗଣ ଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, କ୍ରୀଡା ଓ ଗୃହ ରାଷ୍ଟ୍ର ମନ୍ତ୍ରୀ ତୁଷାର କାନ୍ତି ବେହେରା,ଜଗତସିଂହପୁର ସାଂସଦ ଡ଼ଃ ରାଜଶ୍ରୀ ମଲ୍ଲିକ, ପୁରୀ ଜିଲ୍ଲା ପରିଷଦ ଉପାଦକ୍ଷ ସ୍ୱାଧୀନ କୁମାର ନାୟକ,ପୂର୍ବତନ ଜିଲ୍ଲା ପରିଷଦ ଅଧକ୍ଷ ଜ୍ୟୋତିମୟ ଦଳାଇ, ଜିଲ୍ଲା ପରିଷଦ ସଭ୍ୟା ସରସ୍ୱତୀ ସ୍ୱାଇଁ, ବନିତା ବେହେରା,ଅସ୍ତରଙ୍ଗ ବ୍ଲକ ଅଧକ୍ଷା, ସରପଞ୍ଚ ସମିତି ସଭ୍ୟା ପ୍ରମୁଖ ଯୋଗ ଦେଇଥିଲେ ।ଶିକ୍ଷାର ଗୁଣାତ୍ମକ ବିକାଶ ପାଇଁ ରାଜ୍ୟ ସରକାର ଏକ ଐତିହାସିକ ପଦକ୍ଷେପ ନେଇଛନ୍ତି ବୋଲି ଦୁଇ ମନ୍ତ୍ରୀ କହିଥିଲେ। ଉକ୍ତ ଆଦର୍ଶ ବିଦ୍ୟାଳୟ ଦୁଇ ମାସ ହେଲା ଏହି ବ୍ଲକ ଅଧିନ ସୁରେନ୍ଦ୍ର ନାଥ ବିଦ୍ୟାପୀଠ ସୁନ୍ଦର ଠାରେ ଅସ୍ଥାୟୀ ଭାବେ ୮୪ ଜଣ ଛାତ୍ର ଛାତ୍ରୀଙ୍କୁ ନେଇ ଚାଲୁଅଛି। ଆଦର୍ଶ ବିଦ୍ୟାଳୟ ଟି ୧୮ ମାସ ମଧ୍ୟରେ ନିର୍ମାଣ କାର୍ଯ୍ୟ ଶେଷ କରାଯିବ ପାଇଁ ମନ୍ତ୍ରୀ ଶ୍ରୀ ଦାଶ ଗଣମାଧ୍ୟମଙ୍କୁ ସୂଚନା ଦେଇଥିଲେ। ଛାତ୍ରାବାସ ଡିସେମ୍ବର ୨୪ ମଧ୍ୟରେ ଶେଷ ହେବାକୁ ଥିବାବେଳେ ୧୦୦ ଶଯ୍ୟା ବିଶିଷ୍ଟ ଛାତ୍ରୀନିବାସ ନିର୍ମାଣ କରାଯିବ ବୋଲି ମନ୍ତ୍ରୀ ପ୍ରକାଶ କରିଥିଲେ। ଯୁଦ୍ଧକାଳୀନ ଭିତ୍ତିରେ ଆସନ୍ତା ଶିକ୍ଷା ବର୍ଷ ପୂର୍ବରୁ ନିର୍ମାଣ କାର୍ଯ୍ୟ ଶେଷକରାଯିବ ବୋଲି ମନ୍ତ୍ରୀ ସୂଚନା ଦେଇଥିଲେ। ବିଦ୍ୟାଳୟର ନିର୍ମାଣ କାର୍ଯ୍ୟ ପୂର୍ତ୍ତ ଓ ଗୃହ ନିର୍ମାଣ ବିଭାଗ ଦାଇତ୍ୱ ନେଇଥିବା ବେଳେ, ଏହାର ପ୍ରାରମ୍ଭିକ ବ୍ୟୟ ଅଟକଳ ମୂଲ୍ୟ ୭ କୋଟି ୭୩ ଲକ୍ଷ ୫ ହଜାର ରହିଛି। ଅନ୍ୟ ମାନଙ୍କ ମଧ୍ୟରେ ପୂର୍ତ୍ତ ବିଭାଗ କେ, କୁମାର ହେମ୍ବ୍ରମ, ସହକାରୀ ନିର୍ବାହୀ ଯନ୍ତ୍ରୀ,କନିଷ୍ଠ ଯନ୍ତ୍ରୀ ରବୀନ୍ଦ୍ର କୁମାର ଦଣ୍ଡପତି ,ବ୍ଲକ ଶିକ୍ଷାଧିକାରୀ ମନ୍ଦରଧର ମହାନ୍ତି ,ଆଦର୍ଶ ବିଦ୍ୟାଳୟର ଅଧକ୍ଷା ସଂଗୀତା ମଲ୍ଲିକ, ଶିକ୍ଷକ ସତ୍ୟ ରଞ୍ଜନ ଯେନା, ମାନସ ସ୍ୱାଇଁ, ଶ୍ରୀକାନ୍ତ ସାହୁ, ମାମିନା ବେହେରା ଓ ପୂର୍ତ୍ତ ବିଭାଗ କର୍ମଚାରୀ ପ୍ରଭାକର ମୁଦୁଲି ଉପସ୍ଥିତ ଥିଲେ।

# କଥା ସାହିତ୍ୟର ସମ୍ରାଟ ଫକୀର ମୋହନ



ଅକ୍ଷୟ କୁମାର ରାଉତ

ବିଚିତ୍ର ଏ ପୃଥିବୀ । କିଏ ଧନୀ ତ କିଏ ଦରିଦ୍ର, କିଏ ରାଜା କିଏ ପ୍ରଜା, କିଏ ସବଳ କିଏ ଦୁର୍ବଳ । ଦୁର୍ବଳ ଉପରେ ସବଳର ଅତ୍ୟାଚାର ଜୀବଜଗତର ଏକ ପ୍ରଧାନ ପ୍ରକୃତି । ଛାଗ-ଶାର୍ଦ୍ଦୁଳ, ମୂଷିକ-ମାର୍ଜାର, ସର୍ପ-ଦର୍ଦ୍ଦୁର ଓ ଶ୍ୱେନ-କପୋତର ସମ୍ପର୍କରୁ ଏହି ପ୍ରକୃତିର ଯଥେଷ୍ଟ ପରିଚୟ ପାଉ । ଏହି ପ୍ରକୃତି, ଜଗତର ପ୍ରତ୍ୟେକ ପ୍ରାନ୍ତ, ପ୍ରତ୍ୟେକ କ୍ଷେତ୍ର ଓ ପ୍ରତ୍ୟେକ ଅନ୍ଧିସନ୍ଧିରେ ଦେଖିବାକୁ ମିଳେ । ମାନବ ସମାଜରେ ଯେଉଁମାନେ ଶକ୍ତିଶାଳୀ, ସେମାନେ ଶାର୍ଦ୍ଦୁଳ ପରି ଭୟଙ୍କର ଏବଂ ସର୍ପ ପରି ମାରାତ୍ମକ । ଏହି ସବଳ ବ୍ୟକ୍ତିମାନେ ଦୁର୍ବଳ ମାନଙ୍କ ଉପରେ ଅତ୍ୟାଚାର କରି ସେମାନଙ୍କୁ ନାନା ଭାବରେ ଶୋଷଣ କରି ନିଜର ସ୍ୱାର୍ଥବାସନ ଚରିତାର୍ଥ କରନ୍ତି । ଚାଲିଥିଲା ଓଡିଆ ଜାତି, ଭାଷା ଓ ଶିକ୍ଷା ଉପରେ ଅକଥନୀୟ ଅତ୍ୟାଚାର । ଇଷ୍ଟଇଣ୍ଡିଆ କମ୍ପାନୀ ସାଙ୍ଗକୁ ବଙ୍ଗାଳୀମାନେ ନାନା କୃତିମ ଉପାୟରେ ଓଡିଶାର ଜମିବାଡିକୁ ନିଲାମ କରୁଥିଲେ । ଷଡଯନ୍ତ୍ର କରି ଓଡିଆ ଭାଷାକୁ ଲୋପ କରି ବଙ୍ଗଳା ଭାଷା ପ୍ରଚଳନ କରିବାକୁ ଆପ୍ରାଣ ଉଦ୍ୟମ ଚଳାଇଥିଲେ



। ଏହି ପରି ଏକ ଘଡିସନ୍ଧି ମୁହୂର୍ତ୍ତରେ, ଜନ୍ମନେଲେ ଓଡିଆ କଥା ସାହିତ୍ୟର ସମ୍ରାଟ, ଅଦ୍ୱିତୀୟ ଔପନ୍ୟାସିକ ଫକୀର ମୋହନ ସେନାପତି ।

୧୮୪୩ ମସିହା ଜାନୁୟାରୀ ମାସ ୧୩ ତାରିଖ ମକର ସଂକ୍ରାନ୍ତି ମାଘ, କୃଷ୍ଣ ତ୍ରୟୋଦଶୀ, ଶୁକ୍ରବାର ପୂର୍ବାହ୍ନରେ ଓଡିଶାର ବାଲେଶ୍ୱର ଜିଲ୍ଲା ମଲ୍ଲିକାଶପୁର ନାମକ ଗ୍ରାମରେ ଖଣ୍ଡାୟତ କୁଳରେ ଜନ୍ମ ଗ୍ରହଣ କରିଥିଲେ । ପିତାଙ୍କ ନାମ ଲକ୍ଷ୍ମଣ ଚରଣ ସେନାପତି ମାଆ ତୁଳସୀ ଦେଇ । ଅତି ଶୈଶବରୁ ପିତାମାତାଙ୍କୁ ହରାଇ ଫକୀର ମୋହନ ନିଜ ପିତାମହୀ କୁଚିଳା ଦେଈଙ୍କ ଦ୍ୱାରା ଲାଳିତପାଳିତ ହୋଇଥିଲେ । ଫକୀର ମୋହନଙ୍କର ପିତୃମାତୃ ଦତ ନାମ ଥିଲା ବ୍ରଜ ମୋହନ । ଦୁଃସାଧ ରୋଗରେ ପୀଡିତହୋଇ ଜୀବନ ସଙ୍କଟରେ ପଡିବାରୁ କୁଚିଳାଦେଈ ପୀର ଠାକୁରଙ୍କୁ ସମର୍ପଣ କରିଦେଇଥିଲେ । ବ୍ରଜ ମୋହନ ହେଲେ ଫକୀର ମୋହନ ।

ବଡ ବାପାଙ୍କ ଅତ୍ୟାଚାର ପେଟର ଭୋକକୁ ପଛରେ ପକାଇ ଫକୀର ମୋହନ ମନଦେଇ ପାଠପଢ଼ିଲେ । ଚାହାଳୀ ପାଠ ଶେଷକରି ପାର୍ଶି ଅବୈତନିକ ସ୍କୁଲ ପାଠ ପଢ଼ିଲେ । ପଢ଼ା ଛାଡି ଜାହାଜାତି କାରବାରରେ ଯୋଗଦେଲେ । ଜାହାଜାତି କାର୍ଯ୍ୟ ବନ୍ଦ ହେବାରୁ କଚେରୀରେ ନିମକ୍ ମାହାଲ ସିରସ୍ତାରେ କାର୍ଯ୍ୟକଲେ । ବଙ୍ଗଳା ଶିକ୍ଷା ପରେ ଓଡିଆ ଓ ବଙ୍ଗଳାର କଚେରୀ ସିରସ୍ତାରେ କାର୍ଯ୍ୟକଲେ । ବାରବାଟୀ ବଙ୍ଗୋକ୍ଳ ବିଦ୍ୟାଳୟରେ ପାଠପଢ଼ା ସମୟରେ ବିଦ୍ୟାଳୟର ଦରମା ଦେଇନପାରି ପଢ଼ାଛାଡି ଦେଲେ । ବାରବାଟୀ ସ୍କୁଲ ସମ୍ପାଦକ ଶିବନ୍ଦ୍ର ସୋମ, ଫକୀର ମୋହନଙ୍କୁ ଡକାଇ ସେଇ ସ୍କୁଲର ତୃତୀୟ ଶିକ୍ଷକ ପଦରେ ନିଯୁକ୍ତ କରିଦେଲେ । ଦରମା ମାସିକ ଅଢ଼େଇ ଟଙ୍କାରୁ ବୃଦ୍ଧିହୋଇ ପାଂଚଟଙ୍କା ହେଲା । ସେ ଶିକ୍ଷାଦାନ ସହିତ ଜ୍ଞାନାର୍ଜନ ପାଇଁ ବିଭିନ୍ନ ବହି ପଢ଼ାପଢ଼ି କରୁଥିଲେ । ଏହି ସମୟରେ ବାଲେଶ୍ୱର ମିସନେରି ବିଦ୍ୟାଳୟରେ ଦଶଟଙ୍କା ବେତନରେ ପ୍ରଧାନ ଶିକ୍ଷକ ପଦବୀରେ ନିଯୁକ୍ତି ହେଲେ (ଖ୍ରୀ.ଅ. ୧୮୬୪) । ମିସନ୍ ବିଦ୍ୟାଳୟ ଓ ମିସନ୍ ବାଳିକା ବିଦ୍ୟାଳୟ ଗୋଟିଏ ବଡ ବଙ୍ଗଳାରେ ହେଉଥିଲା । ବାଳିକା ବିଦ୍ୟାଳୟରେ ବିଶ୍ୱନାଥ ଶତପଥୀ ନାମରେ ଜଣେ ପଣ୍ଡିତ ଥିଲେ । ବିଦ୍ୟାଳୟ ଚାଲିଥିଲା ସମୟରେ ଶାରଦା ନାମ୍ନୀ ଗୋଟିଏ ଛାତ୍ରୀର ଆବଶ୍ୟକ ପଡିବାରୁ ଫକୀରମୋହନ ପଣ୍ଡିତ ବିଶ୍ୱନାଥଙ୍କ ନିକଟକୁ ଏକ ଲେଖା ପଠାଇଥିଲେ ।

ପଣ୍ଡିତ ବିଶ୍ୱନାଥ ଲେଖିଥିଲେ - "ଲଜ୍ଜାବତୀ ନେଚ୍ଛତି ତନ୍ତ୍ର ଗନ୍ତୁମ୍"

ଫକୀର ମୋହନ ସେହି ଲେଖାକୁ ପୂରଣ କରିବାକୁ ପଣ୍ଡିତଙ୍କୁ କହିଲେ । ତତ୍‌କ୍ଷଣାତ୍ ମୁହେଁ ମୁହେଁ ପଣ୍ଡିତ କହିଲେ ।

"ଉତୁଙ୍ଗ ବକ୍ଷାହି ନିତମ୍ୱ ଗୁର୍ବୀ
ନବୀନ ଧାରାଧର ଚାରୁକେଶା
ସଦୈବ ହାସ୍ୟାମୃତ ପୂର୍ଣ୍ଣବକ୍ତ୍ରା
ଲଜ୍ଜାବତୀ ନେଚ୍ଛତି ତନ୍ତ୍ର ଗନ୍ତୁମ୍

ଏହି ପଣ୍ଡିତଙ୍କଠାରୁ ଫକୀର ମୋହନ ପ୍ରେରଣା ପାଇ ଲେଖାଲେଖି କରିବାକୁ ଆଗ୍ରହ ପ୍ରକାଶ କରିଥିଲେ । ପଶି ସାହେବ ଓ ମେୟଶ ସାହେବଙ୍କୁ ଫକୀରମୋହନ ବଙ୍ଗଳା ପଢ଼ାଉଥିଲେ । ପଶି ସାହେବ, ସିରସ୍ତାରେ ଫକୀର ମୋହନଙ୍କୁ ମୁନ୍‌ସି କାର୍ଯ୍ୟରେ ନିଯୁକ୍ତ ଦେଲେ । କିନ୍ତୁ ଏହି କାର୍ଯ୍ୟରେ ଲେଖା ପଢ଼ା ଆଦି କର୍ମ ଓ ବିଦ୍ୟାନୁଶୀଳନରେ ବାଧା ଉପୁଜିବାରୁ ପୁନର୍ବାର ମିସନ୍ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପଦକୁ ଫେରି ଆସିଲେ । ବିଦ୍ୟାଳୟର ସମ୍ପାଦକ ଇ.ସି.ବି ହାଲମ୍ ଏକ ଓଡିଆ ବ୍ୟାକରଣ ରଚନା କରିଥିଲେ । ଏହି ସମୟରେ ମିସନ୍ ବିଦ୍ୟାଳୟର ତିନିଜଣ ପିଲା ସମଗ୍ର ଉତ୍କଳରେ ସର୍ବଶେଷ ସ୍ଥାନ ଅଧିକାର କରି ବୃତି ପାଇବାକୁ ଯୋଗ୍ୟ ହେବାରୁ ହାଲମ ସାହେବ ଫକୀର ମୋହନଙ୍କ ବେତନ ପଚିଶ ଟଙ୍କାକୁ ବୃଦ୍ଧି କରିଦେଇଥିଲେ । ହାଲମ ସାହେବ ଫକୀରମୋହନଙ୍କୁ ବାଲେଶ୍ୱର ଜିଲ୍ଲାପାଳ ଜନ୍ ବୀମ୍‌ସଙ୍କ ସହିତ ପରିଚୟ କରାଇଦେଲେ । ବଙ୍ଗାଳୀ ଓ ଓଡିଆ ମଧ୍ୟରେ ଗୋଷ୍ଠୀ ବିବାଦ ଲାଗି ରହିଥିଲା । ବିମ୍‌ସ ସାହେବଙ୍କ ସହାୟତା ହେତୁ ବଙ୍ଗାଳୀମାନେ ଫକୀର ମୋହନଙ୍କର କ୍ଷତିକରିପାରୁ ନଥିଲେ । ବାଲେଶ୍ୱରରେ ସ୍ତ୍ରୀଶିକ୍ଷାର ପ୍ରଚାର, ଓଡିଆ ଭାଷାର ପ୍ରତିରକ୍ଷା ଏବଂ ଓଡିଆ ଭାଷାର ପୃଷ୍ଟିସାଧନ କାର୍ଯ୍ୟରେ ବୀମ୍‌ସ ସାହେବ ଫକୀରମୋହନଙ୍କୁ ବହୁ ସାହାଯ୍ୟ କରିଥିଲେ । ହାଲମ ସାହେବ ଫକୀର ମୋହନଙ୍କ ଦରମା ତିରିଶ ଟଙ୍କାକୁ ବଢ଼ାଇ ଦେଇଥିଲେ ।

୧୮୬୬ ଖ୍ରୀଷ୍ଟାବ୍ଦରେ ଓଡିଶାରେ ନଅଙ୍କ ଦୁର୍ଭିକ୍ଷ ପଡିଥିଲା । ଏହି ସମୟରେ ରେଭେନ୍‌ସା ସାହେବ ଓଡିଶାର ନୂତନ କମିଶନର ଭାବରେ କାର୍ଯ୍ୟଭାର ଗ୍ରହଣ କରିଥିଲେ । ଅମଲାମାନଙ୍କ ଭୁଲ ପରାମର୍ଶ ଉପରେ ବିଶ୍ୱାସ କରି ରେଭେନ୍‌ସା ସାହେବ କୌଣସି ପ୍ରତିଷେଧକ ବ୍ୟବସ୍ଥା କରିପାରିନଥିଲେ । ସେ ସମୟରେ ଗମନାଗମନ ବା ରେଳପଥର ସୁବିଧା ନଥିଲା । ଦୁର୍ଭିକ୍ଷ ସମୟରେ ବାହାରୁ ଖାଦ୍ୟ ଯୋଗାଣ ସମ୍ଭବ ନହେବାରୁ ଓଡିଶାର ଏକ ତୃତୀୟାଂଶ ଲୋକ ମୃତ୍ୟୁମୁଖରେ ପଡିଥିଲେ । ଦେଶବାସୀଙ୍କ ସାଂଘାତିକ ଦୂରବସ୍ଥା ଲକ୍ଷ୍ୟକରି ଫକୀର ମୋହନ ଦୁଃଖରେ ଅଭିଭୂତ ହୋଇ ପଡିଥିଲେ । ତେଣୁ ସେ ଆକାଶ ତଳେ ବିଲ ମଧ୍ୟରେ ଆସନ ପାରି ଲୋକମାନଙ୍କ ପ୍ରାଣରକ୍ଷା ପାଇଁ ପରମେଶ୍ୱରଙ୍କୁ ପ୍ରାର୍ଥନା କରୁଥିଲେ । ଦୁର୍ଭିକ୍ଷ ପରେ ତାଙ୍କର ପାଳନକର୍ତ୍ରୀ ଜେଜେମା କୁଚିଳା ଦେଈଙ୍କର ଜ୍ୟେଷ୍ଠ ମାସରେ ଚଉସ୍ତରୀ ବର୍ଷରେ ଦେହାବସାନ ଘଟିଲା ।

ଏହି ସମୟରେ ଓଡିଶା ବୋଲି କୌଣସି ସ୍ୱତନ୍ତ୍ର ପ୍ରଦେଶ ନଥିଲା । ସମ୍ବଲପୁର ପ୍ରଭୃତି ବହୁ ଓଡିଆ ଅଂଚଳ ମଧ୍ୟପ୍ରଦେଶରେ ଥିଲା, ଗଞ୍ଜାମ ଓ କୋରାପୁଟ ପ୍ରଭୃତି ଅଂଚଳ ମାନ୍ଦ୍ରାଜ ପ୍ରଦେଶରେ ଥିଲା । ବଙ୍ଗ, ବିହାର, ଆସାମ ଓ ଓଡିଶାକୁ ଘେନି ଗୋଟିଏ ପ୍ରଦେଶରେ ଥିଲା । କଟକ, ପୁରୀ, ବାଲେଶ୍ୱର ଓ ଅନୁଗୁଳ ଘେନି ଓଡିଶା ଡିଭିଜନ୍ ବୋଲି କୁହାଯାଉଥିଲା । ବଙ୍ଗାଳୀମାନେ ନାନା କୃତିମ ଉପାୟରେ ଓଡିଶାର ଜମିଦାରୀକୁ ନିଲାମ କରୁଥିଲେ । ଷଡଯନ୍ତ୍ର କରି ଓଡିଆ ଭାଷାକୁ ଲୋପକରି ବଙ୍ଗାଳି ଭାଷା ବିଦ୍ୟାଳୟରେ ପ୍ରଚଳନ କରିବା ଆପ୍ରାଣ ଉଦ୍ୟମ ଚଳାଇଥିଲେ । ଓଡିଆ ଭାଷା ସାହିତ୍ୟ ପ୍ରତି ବଙ୍ଗାଳୀମାନଙ୍କ ତାଚ୍ଛଲ୍ୟ ଫକୀର ମୋହନଙ୍କ ହୃଦୟକୁ ବଡ ଆଘାତ ଦେଉଥିଲା । ଏହି ସବୁ ପରିସ୍ଥିତି ମଧ୍ୟରେ ଫକୀର ମୋହନ ଅନୁଭବ କଲେ, ଓଡିଆ ସାହିତ୍ୟ ଓ ମାତୃଭାଷାର ଉନ୍ନତି ନ ଘଟିଲେ ଓଡିଆମାନେ ଚିରକାଳ ପଡୋଶୀମାନଙ୍କ ଦ୍ୱାରା ଲାଞ୍ଛିତ ଓ ଅବହେଳିତ ରହିବେ । ଫକୀରମୋହନ ମାତୃଭାଷାର ଉନ୍ନତି ସକାଶେ କିଛି କିଛି ଚୌପଦୀ ରଚନା କରି ତାଙ୍କ ଗ୍ରାମର କୃଷ୍ଣଲୀଳା ଯାତ୍ରା ଦଳ ମାଧ୍ୟମରେ ଗାଇବାକୁ ଦେଲେ । ଈଶ୍ୱରଚନ୍ଦ୍ର ବିଦ୍ୟାସାଗରଙ୍କ ବଙ୍ଗଳା "ଜୀବନ ଚରିତ" ଓଡିଆରେ ଅନୁବାଦ କରି ଛପାଇଥିଲେ । ଫକୀର ମୋନ ୧୮୬୮ ଖ୍ରୀଷ୍ଟାବ୍ଦରେ ବାଲେଶ୍ୱରଠାରେ ଏକ ଛାପାକଳ ପ୍ରତିଷ୍ଠା କଲେ ଏବଂ ଏକ ଓଡିଆ ସାପ୍ତାହିକ ପତ୍ରିକା ପ୍ରକାଶ କରିଥିଲେ । ଏହି ପତ୍ରିକାର ସାହିତ୍ୟ ବିଷୟକ ଅଂଶର ନାମ ଥିଲା 'ବୋଧଦାୟିନୀ' ଏବଂ ସମ୍ବାଦ ବିଷୟକ ଅଂଶର ନାମ ଥିଲା 'ବାଲେଶ୍ୱର ସମ୍ବାଦବାହିକା' । ଏହି ପତ୍ରିକାରେ ଫକୀରମୋହନ କ୍ଷୁଦ୍ର ଗଳ୍ପ 'ଲଛମନିଆ' ପ୍ରକାଶ କରିଥିଲେ ।

ବଙ୍ଗଦେଶର କାନ୍ତିଚନ୍ଦ୍ର ଭଟ୍ଟାଚାର୍ଯ୍ୟ ନାମକ ଜଣେ ବଙ୍ଗାଳୀ ଓଡିଆକୁ ଅତି ବିକୃତ ଉଚ୍ଚାରଣ କରି, ଓଡିଆ ଏକ ଭାଷା ନୁହେଁ,ଏହି ମର୍ମରେ 'ଓଡିଆ ସ୍ୱତନ୍ତ୍ରଭାଷା ନୟ' ଏକ ପୁସ୍ତକ ଲେଖିଥିଲେ । ବଙ୍ଗାଳୀମାନେ ଏହାକୁ ହିଁ ସମ୍ବଳକରି ଓଡିଶା ଭାଷାକୁ ସରକାରଙ୍କ ହୁକୁମ ମାଧ୍ୟମରେ ଉଠାଇଦେଇଥିଲେ । ବାଲେଶ୍ୱରରୁ ଫକୀରମୋହନ ଓ କଟକରୁ ଗୌରୀଶଙ୍କର ରାୟ ଓଡିଆମାନଙ୍କୁ ସଂଗଠିତ କରି ସରକାରଙ୍କଠାରେ ଦରଖାସ୍ତ କରିବାରୁ ସରକାରଙ୍କଠାରୁ ଆସିଲା ହୁକୁମ - "ଓଡିଶାର ସମସ୍ତ ବିଦ୍ୟାଳୟରୁ ବଙ୍ଗଭାଷୀ ସମ୍ପୂର୍ଣ୍ଣ ରୂପେ ଉଠାଇ ଦିଆଯାଉ ଏବଂ ଓଡିଆ ଭାଷାର ବହୁଳ ପ୍ରଚାର ନିମନ୍ତେ ସ୍ଥାନେ ସ୍ଥାନେ ସ୍କୁଲ ସ୍ଥାପିତ ହେଉ" । ଫକୀର ମୋହନଙ୍କ ପ୍ରଚେଷ୍ଟ ଫଳରେ ରେମୁଣାଠାରେ ଏକ ମଧ୍ୟ ଇଂରାଜୀ ବିଦ୍ୟାଳୟ ପ୍ରତିଷ୍ଠା ହୋଇ ପାରିଥିଲା । ଏହି ସମୟରେ ଫକୀର ମୋହନ "ଭାରତବର୍ଷର ଇତିହାସ" ନାମକ ପୁସ୍ତକ ଲେଖି ଦୁଇ ଭାଗରେ ପ୍ରକାଶ କରିଥିଲେ । ଉତ୍କଳ ପ୍ରେସ୍‌ରେ ପ୍ରଥମଭାଗ ୧୮୬୯ ଏବଂ ଦ୍ୱିତୀୟଭାଗ ୧୮୭୦ରେ ପ୍ରକାଶ ପାଇଲା । ଏଥିପାଇଁ ସେ ସ୍କୁଲ ଇନ୍‌ସପେକ୍ଟରଙ୍କଠାରୁ ସାତଶ'ଟଙ୍କା ଓ ରେଭେନ୍‌ସା ସାହେବଙ୍କଠାରୁ ତିନିଶ' ଟଙ୍କା ପୁରସ୍କାର ପାଇଥିଲେ ।

ଫକୀର ମୋହନଙ୍କ ୧୮୭୨ ମସିହାରେ ପତ୍ନୀ ବିୟୋଗ ଘଟିଲା । ତାଙ୍କୁ ମାତ୍ର ୨୯ ବର୍ଷ । ତେଣୁ ସେ ଦ୍ୱିତୀୟ ପତ୍ନୀ ଭାବେ ୧୨ ବର୍ଷ ବୟସର କୃଷ୍ଣକୁମାରୀଙ୍କୁ ବିବାହ କଲେ । ଏହି ସମୟରେ ବାଲେଶ୍ୱର କଲେକ୍ଟର ଜନ୍ ବୀମସ୍ ସାହେବଙ୍କ ପ୍ରସ୍ତାବ ଅନୁସାରେ ଗଡ଼ଜାତର ସୁପରିଟେଣ୍ଡେଟ୍, ଫକୀର ମୋହନଙ୍କୁ ନୀଳଗିରିର ଦେୱାନ ରୂପେ ନିଯୁକ୍ତି କଲେ । ତେଣୁ ଫକୀରମୋହନ ନୀଳଗିରିର ରାଣୀଙ୍କ ନାମରେ 'ନିର୍ମଳା ହାଟ' ଏବଂ ଏକ ସଂସ୍କୃତ ଟୋଲ ବସାଇଥିଲେ । ନଡିଆ, କୋବି, ତୁତ ଓ ଚା ଚାଷର ଉନ୍ନତି ସାଧନ କରିଥିଲେ ।

ଫକୀରମୋହନ ବଙ୍ଗଳା ଦକ୍ଷିଣ ପଶ୍ଚିମ ବିଭାଗର ସ୍କୁଲ ଇନ୍‌ସପେକ୍ଟର ଆର୍.ଏଲ୍.ମାର୍ଟିନ ସାହେବଙ୍କୁ ୧୮୭୫ରେ ଦେଖାକରିବାକୁ ଯାଇଥିଲେ । ହିନ୍ଦୁସ୍ଥାନୀ ଦରୱାନ୍ ସହିତ ଇଂରାଜୀ କଥାବାର୍ତା କରିନପାରିବାରୁ ନିଜକୁ ଅପମାନିତ ବୋଧକଲେ । ତେଣୁ ସେ ବାଲେଶ୍ୱରର ମୋତିଗଞ୍ଜ ବଜାରର ଦକ୍ଷିଣ ପ୍ରାନ୍ତର ଏକ ପୋଖରୀ ପାଖରେ ଥିବା ପକ୍‌କା ଉପରେ ବସି ନିଜଚେଷ୍ଟାରେ ଇଂରାଜୀ ଶିକ୍ଷାକଲେ । ଡିକ୍‌ସିନାରୀ ମାହାର୍ଯ୍ୟରେ ଆରବିଆନ୍ ନାଇଟ୍, ରବିନସନ୍ କ୍ରୁଶୋ, ହିଷ୍ଟରି ଅଫ୍ ବେଙ୍ଗଲ, ବାଇବଲ, ସେକ୍‌ସେପିଅର ଟେଲ ପ୍ରଭୃତି ବହି ପଢ଼ି ଇଂରାଜୀ ଶିକ୍ଷା କରିଥିଲେ । ଡ଼ୋଙ୍କାନାଳର ଆସିଷ୍ଟାଣ୍ଡ ମ୍ୟାନେଜର ଥିବା ସମୟରେ ତାଙ୍କର ପ୍ରଥମ ପୁଅ ଜନ୍ମହେବାର ଛମାସରେ ମୃତ୍ୟୁବରଣ କଲା । ଏହି ଦୁଃଖରେ ପତ୍ନୀକୁ ମାନସିକ ଯନ୍ତ୍ରଣାରୁ ଉଦ୍ଧାର କରିବା ନିମନ୍ତେ ରାମାୟଣ ବୋଲିବାର ଆୟୋଜନ କଲେ । ପତ୍ନୀ କୃଷ୍ଣକୁମାରୀ କିଛି ବୁଝିପାରନ୍ତିନି । ତେଣୁ ସଂସ୍କୃତ ବାଲ୍ମୀକି ରାମାୟଣକୁ ଓଡିଆରେ ରଚନା କଲେ । ଫକୀରମୋହନଙ୍କ ବାଳକାଣ୍ଡ ୧୮୮୦ ଖ୍ରୀ.ଅ, ଅଯୋଧ୍ୟାକାଣ୍ଡ ୧୮୮୪ ଖ୍ରୀ.ଅ, ଆରଣ୍ୟକାଣ୍ଡ ୧୮୮୫ ଖ୍ରୀ.ଅ, କିଷ୍କିନ୍ଧ୍ୟାକାଣ୍ଡ ୧୮୮୫ ଖ୍ରୀ.ଅ, ସୁନ୍ଦରକାଣ୍ଡ ୧୮୮୭ ଖ୍ରୀ.ଅ, ଲଙ୍କାକାଣ୍ଡ ୧୮୯୦ ଖ୍ରୀ.ଅ ଏବଂ ଉତରାକାଣ୍ଡ ୧୮୯୫ ଖ୍ରୀ.ଅ ରେ ଉତ୍କଳ ପ୍ରେସରେ ମୁଦ୍ରିତ ହୋଇଥିଲା । ଫକୀରମୋହନ ସଂସ୍କୃତ ମହାଭାରତକୁ ଓଡିଆରେ ଅନୁବାଦ କରି ବ୍ୟାସକବି ଉପାଧି ପାଇଥିଲେ । ଫକୀର ମୋହନ ଓଡ଼ିଶାର ଛବିଶ ଗଡ଼ଜାତ ମଧ୍ୟରୁ ପ୍ରାୟ ଅଧିକାଂଶ ଗଡ଼ଜାତର ଦେୱାନ ଥିଲେ । କେନ୍ଦୁଝର ମହାରାଜାଙ୍କର ଦେୱାନ (୧୮୮୭) ପଦରେ ଫକୀର ମୋହନ ନିଯୁକ୍ତି ହେଲେ । ୧୮୯୧ ଖ୍ରୀ.ଅ.ରେ ଭୂୟାଁ ଧରଣୀଧର ନାୟକଙ୍କ ନେତୃତ୍ୱରେ ପ୍ରଜାମେଳି ଆନ୍ଦୋଳନ ହେଲା । ଫକୀର ମୋହନ ଭୂୟାଁମାନଙ୍କ ଦ୍ୱାରା ବନ୍ଦୀ ହେଲେ । କୌଶଳ ସହକାରେ ଫକୀରମୋହନ କେନ୍ଦୁଝର ରାଜାଙ୍କ ନିକଟକୁ ଉପାୟ ଲେଖି ପଠାଇବାରୁ ରାଜାଙ୍କର ସୈନ୍ୟମାନେ ଧରଣୀଧର ପ୍ରଭୃତିଙ୍କୁ ବନ୍ଦୀ କରି ଫକୀର ମୋହନଙ୍କୁ ଉଦ୍ଧାର କଲେ । ହାତୀ ଉପରେ ବସି ଭଦ୍ରକରୁ ଆନନ୍ଦପୁର ଆସିବା ବାଟରେ ଉତ୍କଳର ଯେତେ ସାହିତ୍ୟିକ ଓ ପ୍ରଧାନଲୋକଙ୍କର ଗୁଣାବଳିକୁ କବିତା ଆକାରରେ ଲେଖିଥିଲେ । ଏହି ବହିଟି ସେ 'ଉତ୍କଳ ଭ୍ରମଣ' ନାମ ଦେଇଥିଲେ ।(୧୯୦୨ ଖ୍ରୀ.ଅ.)

୧୮୯୪ ଖ୍ରୀ.ଅ ରେ ଫକୀର ମୋହନଙ୍କ ପତ୍ନୀ କୃଷ୍ଣକୁମାରୀ ମୃତ୍ୟୁ ଲାଭ କରନ୍ତେ, ଫକୀରମୋହନ ନିଜର ଦୁଃଖ ଓ ମନର ବେଦନାକୁ 'ପୁଷ୍ପମାଳ' ଓ 'ଉପହାର' ନାମକ ଦୁଇଟି କବିତା ପୁସ୍ତକରେ ପ୍ରକାଶ କରିଥିଲେ । କଟକ, ବାଖରାବାଦରେ ଥିବା ସମୟରେ 'ଅବସରବାସରେ' ଏକ କବିତା ପୁସ୍ତକ ପ୍ରକାଶ କରିଥିଲେ । ପୂର୍ଣ୍ଣଚନ୍ଦ୍ରଙ୍କ ମାଧ୍ୟମରେ ସେ ଉପନିଷଦକୁ ଓଡିଆରେ ଅନୁବାଦ କରିଥିଲେ । 'ରେବତୀ' ନାମକ ଗଳ୍ପ ବିଶ୍ୱନାଥ କରଙ୍କ ଉତ୍କଳ ସାହିତ୍ୟ ପତ୍ରିକାରେ ପ୍ରକାଶ କରିଥିଲେ । 'ଛ ମାଣ ଆଠଗୁଣ୍ଠ' ଉପନ୍ୟାସଟି ୧୯୦୨ ଖ୍ରୀ.ଅ.ରେ ଫକୀରମୋହନ ପ୍ରକାଶ କରିଥିଲେ । 'ଅପୂର୍ବ ମିଳନ' ବା 'ଲଛମା' ନାମରେ ଏକ ଉପନ୍ୟାସ ଛଦ୍ମନାମ ଧୂର୍ଜଟି ନାମରେ, ଉତ୍କଳ ସାହିତ୍ୟର ଧାରାବାହିକ ଭାଗରେ ପ୍ରକାଶ ପାଇଥିଲା ଓ ପରେ ପୁସ୍ତକ ଭାବରେ ପ୍ରକାଶ ପାଇଥିଲା । ସେ ସମୟରେ ବାଲେଶ୍ୱରରେ 'ମାମୁଁ', 'ପ୍ରାୟଶ୍ଚିତ', ନାମକ ଦୁଇଟି ଉପନ୍ୟାସ, ବୌଦ୍ଧାବତାର' ନାମକ କାବ୍ୟ, 'ଗଳ୍ପସ୍ୱଳ୍ପ' ଓ ଆତ୍ମଜୀବନ ଚରିତ ପ୍ରକାଶ କରିଥିଲେ ।

୧୯୧୬ରେ ଫକୀର ମୋହନ ବାମଣ୍ଡାର 'ସରତରଙ୍ଗିଣୀ ସାରସ୍ୱତ ସମିତି' ଦ୍ୱାରା 'ସରସ୍ୱତୀ' ଉପାଧିରେ ଭୂଷିତ ହୋଇଥିଲେ । ୧୯୧୭ ମସହାରେ ଫକୀର ମୋହନ ଉତ୍କଳ ସମ୍ମିଳନୀର ସଭାପତି ଆସନ ଅଳଂକୃତ କରିଥିଲେ । ୧୯୧୮ ଖ୍ରୀ.ଅ. ଜୁନ୍ ମାସ ୧୪ ତାରିଖରେ ସାଢ଼େ ପଂଚସ୍ତରୀ ବର୍ଷ ବୟସରେ ଇହଲୀଳା ସମ୍ୱରଣ କଲେ ।

*ପାରଦ୍ୱୀପଗଡ଼*
*କୁଜଙ୍ଗ, ଜଗତ୍‌ସିଂହପୁର*
*ଦୂରଭାଷ : ୯୯୩୭୬୯୧୪୭୫*







# ସମାଜସେବୀଙ୍କୁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧନା



## ଦ୍ରୌପଦୀ ମୁର୍ମୁ ଓ ଆନ୍ଧ୍ର ରାଜ୍ୟପାଳଙ୍କୁ ସାକ୍ଷାତ

ଭୁବନେଶ୍ୱର : ସମାଜସେବୀ ଲିଙ୍ଗରାଜ ସାହୁଙ୍କୁ ସମ୍ମାନ ସୂଚକ ଡକ୍ଟରେଟ୍ ଉପାଧି ପାଇବା ପରେ ବିଭିନ୍ନ ଅନୁଷ୍ଠାନ ଓ ବ୍ୟକ୍ତି ବିଶେଷ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଏଥିପାଇଁ ଶ୍ରୀ ସାହୁ ସେମାନଙ୍କୁ କୃତଜ୍ଞତା ଜଣାଇଛନ୍ତି । ଶ୍ରୀ ସାହୁ ଏହି ଅବସରରେ ରାଷ୍ଟ୍ରପତି ପ୍ରାର୍ଥି ଦ୍ରୌପଦୀ ମୁର୍ମୁ, ଆନ୍ଧ୍ର ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନଙ୍କୁ ସାକ୍ଷାତ କରି ଶୁଭାଶିଷ ନେଇଥିଲେ । ଶ୍ରୀ ସାହୁ ବେଙ୍ଗାଲୁରୁ ଫେରିବା ବେଳେ ବେଙ୍ଗାଲୁରୁ ରେଲୱେ ଷ୍ଟେସନ୍‌ଠାରେ ବରିଷ୍ଠ ସାମ୍ବାଦିକ ତଥା ସର୍ବଭାରତୀୟ ପେଶାଦାର ସାମ୍ବାଦିକ ସଂଘର ସଂଗଠକ ମଞ୍ଜୁନାଥ ଶର୍ମା ସମ୍ବର୍ଦ୍ଧନା କରିଥିଲେ । ସେହିପରି ଏକାମ୍ର ସାଂସ୍କୃତିକ ପ୍ରକାଶନୀ ପକ୍ଷରୁ ବିଧାୟକ ସୁରେଶ କୁମାର ରାଉତରାୟ, କେଦାରନାଥ ଗବେଷଣା ପ୍ରତିଷ୍ଠାନର ସଭାପତି ଅବସରପ୍ରାପ୍ତ ପ୍ରଶାସକ ରଘନାଥ ମିଶ୍ର ଓ ସମସ୍ତ କର୍ମକର୍ତା, ପୁଲିସ କମିସନର ସୌମେନ୍ଦ୍ର ପ୍ରୀୟଦର୍ଶୀ, ସାହିତ୍ୟିକ ସାତକଡ଼ି ହୋତା, ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ବିମଳେନ୍ଦୁ ମହାନ୍ତି, ପୂର୍ବତନ ମୁଖ୍ୟ ଶାସନ ସଚିବ ସହଦେବ ସାହୁ, ପୂର୍ବତନ ପ୍ରଶାସକ ଅଲେଖ ଚରଣ ସାହୁ, ପୂଜ୍ୟପୂଜା ସାଂସ୍କୃତିକ ପରିଷଦର ସଭାପତି ତଥା ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ ଶତପଥି ଓ କର୍ମକର୍ତା, ବିଧାୟକ ଅନନ୍ତ ନାରାୟଣ ଜେନା, ରାଜ୍ୟ ଆଇନଜୀବୀ ପରିଷଦର ସଭ୍ୟ ସିତାଂଶୁ ମୋହନ ଦ୍ୱିବେଦୀ ଓ ଆତ୍ମ ପ୍ରକାଶ ମହାନ୍ତି ଓ ସମାଜସେବୀ ଡ. ବିପିନ ମିଶ୍ର ପ୍ରମୁଖ ସମ୍ବର୍ଦ୍ଧିତ କରିଥିଲେ ।

# ‘ନୂଆ ଜାତୀୟ ଶିକ୍ଷା ନୀତି ଏକ ଦାର୍ଶନିକ ଦସ୍ତାବିଜ’

**ବାରାଣସୀ :** ଜାତୀୟ ଶିକ୍ଷା ନୀତିର ମୂଳ ଆଧାର ଶିକ୍ଷାକୁ ଏକ ସଂକୀର୍ଣ୍ଣ ଚିନ୍ତାଧାରାରୁ ବାହାର କରିବା ଏବଂ ଏହାକୁ ଏକବିଂଶ ଶତାବ୍ଦୀର ଆଧୁନିକ ଚିନ୍ତାଧାରା ସହିତ ଯୋଡିବା ବୋଲି ଗୁରୁବାର ଉତ୍ତର ପ୍ରଦେଶର ବାରାଣସୀ ଠାରେ ତିନିଦିନିଆ ‘ଅଖିଳ ଭାରତୀୟ ଶିକ୍ଷା ସମାଗମ’କୁ ଉଦଘାଟନ କରିବା ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି । ରାଷ୍ଟ୍ରୀୟ ଶିକ୍ଷା ନୀତିର କ୍ରିୟାନ୍ୱୟନ ପାଇଁ ବିଚାରବିମର୍ଷ କରିବା ଦିଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ସମ୍ବୋଧନ କରିଛନ୍ତି ଯେ ରାଷ୍ଟ୍ରୀୟ ଶିକ୍ଷା ନୀତିରେ ଶିଶୁଙ୍କ ପ୍ରତିଭା ଏବଂ ସେମାନଙ୍କର ଇଚ୍ଛାନୁସାରେ କୁଶଳୀ କରାଯିବା ଉପରେ ଗୁରୁତ୍ୱ ଦିଆଯାଇଛି । ରାଷ୍ଟ୍ରୀୟ ଶିକ୍ଷା ନୀତି ଯୁବ ବର୍ଗଙ୍କୁ କୁଶଳୀ, ଆତ୍ମବିଶ୍ୱାସ, ପ୍ରାକ୍ଟିକାଲ, କାଲକୁଲେଟିଭ୍ କରିବା ଦିଗରେ କାର୍ଯ୍ୟ କରୁଛି । ଆମର ଶିକ୍ଷା ବ୍ୟବସ୍ଥା କେବଳ ଡିଗ୍ରୀଧାରୀ ଯୁବକ ପ୍ରସ୍ତୁତ କରିବା ନୁହେଁ ବରଂ ଦେଶକୁ ଆଗକୁ ନେବା ପାଇଁ ଦରକାର ଥିବା ମାନବ ସମ୍ବଳ ଦେଶକୁ ପ୍ରଦାନ କରୁ । ଏହି ସଂକଳ୍ପନାର ନେତୃତ୍ୱ ଆମର ଶିକ୍ଷକ ଏବଂ ଶିକ୍ଷାନୁଷ୍ଠାନକୁ କରିବାର ଆବଶ୍ୟକତା ରହିଛି । ସେ କହିଛନ୍ତି, ଶିକ୍ଷା ନୀତି ଦ୍ୱାରା ଏବେ ମାତୃଭାଷାରେ ଶିକ୍ଷାଦାନର ରାସ୍ତା ବାହାର



କରାଯାଉଛି । ଏହି କ୍ରମରେ ସଂସ୍କୃତ ଭଳି ପ୍ରାଚୀନ ଭାରତୀୟ ଭାଷାକୁ ବି ଆଗକୁ ବଢ଼ାଯାଉଛି । ଜାତୀୟ ଶିକ୍ଷା ନୀତି ପାଇଁ ଦେଶର ଶିକ୍ଷା ବ୍ୟବସ୍ଥାର ଢାଂଚାଗତ ପରିବର୍ତ୍ତନ ପାଇଁ କାମ କରାଯାଇଛି । ଆଜି ଦେଶରେ ବ୍ୟାପକ ଭାବେ ନୂଆ କଲେଜ, ନୂଆ ବିଶ୍ୱବିଦ୍ୟାଳୟ ଖୋଲାଯିବା ସହ ଆଇଆଇଟି ଏବଂ ଆଇଆଇଏମର ସ୍ଥାପନା କରାଯାଉଛି । ଏହି ସମାରୋହରେ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗ ଦେଇ କହିଛନ୍ତି ଅସମ୍ଭବର ସ୍ୱପ୍ନ ଦେଖିବା ଏବଂ ସେହି ସ୍ୱପ୍ନକୁ ପୂରଣ କରିବା ହିଁ ଭବିଷ୍ୟତର ସଫଳତାର ପୁଞ୍ଜି । ନୂଆ ଜାତୀୟ ଶିକ୍ଷା ନୀତି-୨୦୨୦ ଏକ ଦାର୍ଶନିକ ଦସ୍ତାବିଜ । ସମ୍ବିଧାନ ପରେ ଜାତୀୟ ଶିକ୍ଷା ନୀତି ଏଭଳି ଏକ ଦସ୍ତାବିଜ ; ଯାହାକୁ ସମଗ୍ର ଦେଶରେ ଅନେକ ସ୍ତରରେ ବିଚାରବିମର୍ଷ, ଚର୍ଚ୍ଚା କରାଯିବା ସହ ଜନଭାଗିଦାରୀର ରୂପ ଦିଆଯାଇଛି । ସମ୍ବିଧାନ ସମତୁଲ୍ୟ ଜାତୀୟ ଶିକ୍ଷା ନୀତି ଆମ ଦେଶର ଅସୁବିଧା, ଦ୍ୱନ୍ଦରୁ ମୁକ୍ତି ହେବାର ବିଚାର ସହ ଆତ୍ମବିଶ୍ୱାସ ଓ କାର୍ଯ୍ୟରେ ଭାରତୀୟ ହେବାର ଗର୍ବ ଅନୁଭବ ପ୍ରଦାନ କରେ । ଭାରତରେ ୧୫ ବର୍ଷରୁ ୨୫ ବର୍ଷ ଯୁବ ବର୍ଗଙ୍କ ସଂଖ୍ୟା ବିଶ୍ୱରେ ଅଧିକ । ଦେଶରେ ପାଖାପାଖି ୨୫ କୋଟି ଯୁବବର୍ଗ ଥିବା ବେଳେ ଆସନ୍ତା ୨୫ ବର୍ଷ ଆମ ପାଇଁ ମହତ୍ୱପୂର୍ଣ୍ଣ । ଅମୃତ କାଳ ସମୟରେ ଭାରତକୁ ଜ୍ଞାନ ଆଧାରିତ ଅର୍ଥନୀତି ଭାବରେ ପ୍ରତିଷ୍ଠା କରିବା ପାଇଁ ଜାତୀୟ ଶିକ୍ଷା ନୀତି ହେଉଛି ଏକ ମାର୍ଗଦର୍ଶକ । ଏହି ସମୟରେ ଯୁବବର୍ଗଙ୍କ କ୍ଷମତା, ଉର୍ଜାକୁ ସମ୍ପୂର୍ଣ୍ଣ ଭାବରେ ଉପଯୋଗ କରିବା ତଥା ଜ୍ଞାନ ଓ ଶିକ୍ଷାରେ ପୂରା ଦୁନିଆରେ ନେତୃତ୍ୱ ନେବା ହେଉଛି ଜାତୀୟ ଶିକ୍ଷା ନୀତିର ଦିଗଦର୍ଶନ । ସେହିପରି ବିଶ୍ୱବିଦ୍ୟାଳୟ ଗୁଡ଼ିକ କେବଳ ବିଦ୍ୟାର୍ଥୀ ଓ ଶିକ୍ଷାର୍ଥୀଙ୍କ ଜୀବନକୁ ଉତମ କରିବା ନୁହେଁ ବରଂ ରାଷ୍ଟ୍ରର କଲ୍ୟାଣ କରିବା ହିଁ ଉଦ୍ଦିଷ୍ଟ । ସେହିପରି ଆମର ଭାରତୀୟ ଜ୍ଞାନ ପରମ୍ପରା ଆଧାରରେ ଦେଶର ଶିକ୍ଷା ବ୍ୟବସ୍ଥାକୁ ଭବିଷ୍ୟତର ସ୍ୱର୍ଣ୍ଣିମ ଆକାର ଦେବାକୁ ହେବ । ଏକବିଂଶ ଶତାବ୍ଦୀ ଜ୍ଞାନର ଶତାବ୍ଦୀ । ଏହି ସମୟରେ ଯୁବ ବର୍ଗଙ୍କୁ କେବଳ ନିଯୁକ୍ତି ଖୋଜିବା ନୁହେଁ ବରଂ ନିଯୁକ୍ତିଦାତା ହେବା ପାଇଁ ପ୍ରୋତ୍ସାହନ ଦେବାକୁ ହେବ । ଐତିହାସିକ ସହର ବାରାଣସୀରେ ଶିକ୍ଷା ଜଗତର ଏଭଳି ଭବ୍ୟ ସମ୍ମିଳନୀ ହେବା ଏବଂ ପ୍ରଧାନମନ୍ତ୍ରୀ ମୋଦି ସମସ୍ତଙ୍କ ମାର୍ଗଦର୍ଶନ ସାଜିବା ଖୁସିର ବିଷୟ ।

## ଆଦିବାସୀଙ୍କୁ ବିସ୍ଥାପିତ ପ୍ରସଙ୍ଗ

# ମୁଖ୍ୟ ସଚିବଙ୍କୁ ଅନୁସୂଚିତ ଜନଜାତି ଆୟୋଗଙ୍କ ଜବାବ ତଲବ

**ଭୁବନେଶ୍ୱର :** ରାଜ୍ୟରେ ବିଭିନ୍ନ ପ୍ରକଳ୍ପ ସ୍ଥାପନ ପାଇଁ ଆଦିବାସୀଙ୍କୁ ନିଜର ଭିଟାମାଟି ହରାଇବାକୁ ପଡୁଛି । ସେମାନେ ବାସହୀନ ହେବା ସହ ସେମାନଙ୍କର ଜୀବିକା ପ୍ରଭାବିତ ହେଉଛି । କେବଳ ଅବିଭକ୍ତ କୋରାପୁଟ ଜିଲ୍ଲାରେ ୫୮ ପ୍ରତିଶତ ଆଦିବାସୀଙ୍କୁ ବିସ୍ଥାପିତର ସମ୍ମୁଖୀନ ହେବାକୁ ପଡ଼ିଛି । ଏଭଳି ସଙ୍ଗୀନ ଅଭିଯୋଗ ପରେ ରାଜ୍ୟ ମୁଖ୍ୟ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କୁ ୧୫ଦିନ ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ ଜାତୀୟ ଅନୁସୂଚିତ ଜନଜାତି ଆୟୋଗ ନିର୍ଦ୍ଦେଶ ଦେଇଛନ୍ତି । ବରିଷ୍ଠ ଓକିଲ ତଥା ମାନବାଧିକାର କର୍ମୀ ରାଧାକାନ୍ତ ମହାପାତ୍ରଙ୍କ ଆବେଦନ ଉପରେ ରାଜ୍ୟ ଜାତୀୟ ଅନୁସୂଚିତ ଜନଜାତି ଆୟୋଗ ଗତକାଲି ରାଜ୍ୟ ମୁଖ୍ୟ ସଚିବ ଶ୍ରୀ ମହାପାତ୍ରଙ୍କୁ ନୋଟିସ୍ ପଠାଇ ଓଡ଼ିଶାରେ ଆଦିବାସୀଙ୍କ ବିସ୍ଥାପିତ ପ୍ରସଙ୍ଗରେ ୧୫ଦିନ ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ରାଜ୍ୟରେ ଜଳସେଚନ, ଶିଳ୍ପ, ଡ୍ୟାମ ନିର୍ମାଣ ଓ ଅନ୍ୟାନ୍ୟ ବିଭିନ୍ନ ପ୍ରକଳ୍ପ ନିର୍ମାଣ ପାଇଁ ଆଦିବାସୀମାନଙ୍କୁ ନିଜର ବର୍ଷ ବର୍ଷର ଭିଟାମାଟି ହରାଇବାକୁ ପଡୁଛି । ସମ୍ବଲପୁରର ହୀରାକୁଦ ଡ୍ୟାମ, କୋରାପୁଟର ମାଛକୁଣ୍ଡ ଜଳବିଦ୍ୟୁତ ପ୍ରକଳ୍ପ, ବଲାଙ୍ଗିରର ଲୋଏର ସୁକତେଲ ପ୍ରକଳ୍ପ, ଅନୁଗୁଳରେ ରେଙ୍ଗାଳି ବହୁମୁଖୀ ପ୍ରକଳ୍ପ, ମାଲକାନଗିରିର ବାଲିମେଳ ଜଳଭଣ୍ଡାର ଓ ଅନ୍ୟାନ୍ୟ ବିଭିନ୍ନ ପ୍ରକଳ୍ପ ପାଇଁ ଆଦିବାସୀମାନଙ୍କୁ



ବିସ୍ଥାପିତ ହେବାକୁ ପଡ଼ିଛି । ବିସ୍ଥାପିତ ହୋଇଥିବା ଅଧିକାଂଶ ଗାଁକୁ ରାସ୍ତା, ପୋଲ, ପାନୀୟ ଜଳ, ବିଦ୍ୟୁତ ସଂଯୋଗ, ସ୍ୱାସ୍ଥ୍ୟଗତ ସୁବିଧା ଭଳି ମୌଳିକ ସୁବିଧା ମଧ୍ୟ ନାହିଁ । ଖାଦ୍ୟ ଅଭାବର ଆଶଙ୍କା ସବୁବେଳେ ଲାଗି ରହିଥାଏ । ଯାହାକି ସିଧାସଳଖ ଏହି ବିସ୍ଥାପିତ ଆଦିବାସୀମାନଙ୍କ ମାନବାଧିକାରକୁ ଉଲ୍ଲଘଂନ ବୋଲି ଆବେଦନକାରୀ ଅଭିଯୋଗ କରିଛନ୍ତି । ଶ୍ରୀ ତ୍ରିପାଠୀଙ୍କ ଆବେଦନ ଉପରେ ଜାତୀୟ ଅନୁସୂଚିତ ଜନଜାତି ଆୟୋଗ ଏକ ନୋଟିସ୍ ଜାରି କରି ଓଡ଼ିଶାରେ ବିଭିନ୍ନ ପ୍ରକଳ୍ପ ଯୋଗୁ ବିସ୍ଥାପିତ ହୋଇଥିବା ଆଦିବାସୀଙ୍କ ଜିଲ୍ଲାୱାରି ତଥ୍ୟ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏହା ସହିତ ବିସ୍ଥାପିତଙ୍କ ନିମନ୍ତେ ସରକାରଙ୍କ ପୁନଃବାସ ଓ ଥଇଥାନ ନୀତି କ’ଣ କରାଯାଇଛି ତାହା ମଧ୍ୟ ଜଣାଇବାକୁ କହିଛନ୍ତି ।

# ଗଛ ଲଗାଇବାକୁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ

**ଭୁବନେଶ୍ୱର :** ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା କରିବାରେ ଗଛ ହେଉଛି ଏକ ଶକ୍ତିଶାଳୀ ଅସ୍ତ୍ର । ବନ ମହୋତ୍ସବ ପାଳନ ଅବସରରେ ସମସ୍ତଙ୍କୁ ଗଛ ଲଗାଇବା ସହ ଏହାର ଯତ୍ନ ନେବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦେଲେ ପରାମର୍ଶ । ଚଳିତବର୍ଷ ରାଜ୍ୟ ସରକାରଙ୍କ ଜଙ୍ଗଲ ବିଭାଗ ୫ କୋଟି ଚାରା ସୁଲଭ ମୂଲ୍ୟରେ ଯୋଗାଇବ ବୋଲି ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ । ଏହାର ଫାଇଦା ନେଇ ଗଛ ଲଗାଇବା ଉପରେ ଗୁରୁତ୍ୱ ଦେବାକୁ ମୁଖ୍ୟମନ୍ତ୍ରୀ କହିଛନ୍ତି । ଏହି ଅବସରରେ ସୁନ୍ଦରଗଡ଼ ଜିଲ୍ଲା ଲେଫ୍ରିପଡ଼ା ବ୍ଲକର ଝୁରିମଲ ବନ ସୁରକ୍ଷା ସମିତି ବିଜୁ ପଟ୍ଟନାୟକ ପୁରସ୍କାର ପାଇବା ସହ ୨ଲକ୍ଷ ଟଙ୍କାର ନଗଦ ରାଶି ଗ୍ରହଣ କରିଛନ୍ତି । ରାଜ୍ୟସ୍ତରୀୟ ୭୩ତମ ବନ ମହୋତ୍ସବ ପାଳନ ଅବସରରେ ଗଛ ଲଗାଇବା ଉପରେ ଗୁରୁତ୍ୱ ଦେଇଛନ୍ତି ନବୀନ । ଗତ ୧୦ ବର୍ଷ ମଧ୍ୟରେ ରାଜ୍ୟରେ ୩ ହଜାର ୨୫୦ ବର୍ଗ କିଲୋମିଟର ଜଙ୍ଗଲ ସୃଷ୍ଟି ହୋଇଛି । ଆଗକୁ ମଧ୍ୟ ଏହି ଧାରା ଜାରି ରହିବ । ଗଛକୁ ରାଜ୍ୟବାସୀ ଭଗବାନ ଭାବେ ପୂଜା କରୁଥିବାରୁ ଗଛ ପ୍ରତି ଆଦର ବଢୁଛି ବୋଲି ଜଙ୍ଗଲ ମନ୍ତ୍ରୀ ପ୍ରଦୀପ ଅମାତ କହିଛନ୍ତି । ଚଳିତବର୍ଷ ସୁନ୍ଦରଗଡ଼ ଜିଲ୍ଲା ଲେଫ୍ରିପଡ଼ା ବ୍ଲକର ଝୁରିମଲ ବନ ସଂରକ୍ଷଣ ସମିତିକୁ ବିଜୁ ପଟ୍ଟନାୟକ ଜଙ୍ଗଲ ସୁରକ୍ଷା ଓ ସଂରକ୍ଷଣ ସମ୍ମାନ ପ୍ରଦାନ କରାଯାଇଛି । ସମିତି ପକ୍ଷରୁ ୫୦ ହେକ୍ଟର



ଜଙ୍ଗଲ ରକ୍ଷଣାବେକ୍ଷଣ ସହ ଗ୍ରାମବାସୀମାନେ ୨୦ ହେକ୍ଟର ଜଙ୍ଗଲ ନିଜେ ସୃଷ୍ଟି କରିବା ସହ ଫଳ ଗଛ ଲଗାଇ ନିଜ ଗୁଜୁରାଣ ମେଣ୍ଟାଉଛନ୍ତି । ଏପରିକି ଗାଁରେ ରହୁଥିବା ୧୬୮ ପରିବାର ଗୋଟିଏ ଲେଖାଏଁ ଗଛକୁ ପୋଷ୍ୟ ଗଛ ଭାବେ ଗ୍ରହଣ କରିଛନ୍ତି । ଏଥିପାଇଁ ଝୁରିମଲ ବନ ସୁରକ୍ଷା ସମିତିକୁ ୨ଲକ୍ଷ ଟଙ୍କାର ନଗଦ ପୁରସ୍କାର ରାଶି ମିଳିଛି । ବରମୁଣ୍ଡା ବିଦ୍ୟାଳୟ ପରିସରରେ ଆୟୋଜିତ ୭୩ ତମ ବନ ମହୋତ୍ସବରେ ମନ୍ତ୍ରୀ ଅଶୋକ ପଣ୍ଡା, ମେୟର ସୁଲୋଚନା ଦାସ, ଭୁବନେଶ୍ୱରର ଦୁଇ ବିଧାୟକଙ୍କ ସହ ଜଙ୍ଗଲ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମ ଶେଷରେ ବନ ସୁରକ୍ଷା ଉପରେ ଆଧାରିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା ।

## କେନ୍ଦ୍ରୀୟ କୃଷିରତ ମହିଳା ସଂସ୍ଥାନ, ଭୁବନେଶ୍ୱର ଦ୍ୱାରା ‘ପୋଷଣ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ’

# ଯୋଗଦେଲେ ରାଷ୍ଟ୍ରୀୟ ମହିଳା ଆୟୋଗ ଅଧକ୍ଷା ରେଖା ଶର୍ମା

**ଭୁବନେଶ୍ୱର, (ପିଆଇବି):** କେନ୍ଦ୍ରୀୟ କୃଷିରତ ମହିଳା ସଂସ୍ଥାନ, ଭୁବନେଶ୍ୱର ଦ୍ୱାରା ପୋଷଣ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଗତ ୮ ତାରିଖରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଭାଗ ନେଇଥିବା ହିତାଧିକାରୀଙ୍କୁ ପୋଷଣ ସୁରକ୍ଷାର ବିଭିନ୍ନ ଉପାୟ ଦ୍ୱାରା ପରିବାରର ଖାଦ୍ୟ ଏବଂ ପୋଷଣକୁ ସୁରକ୍ଷିତ କରିବାପାଇଁ ସଚେତନ କରାଯାଇଥିଲା । ସଂସ୍ଥାନର ନିର୍ଦ୍ଦେଶକ ଡ଼ଃ. ଅନୀଲ କୁମାର ଅତିଥିମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ । ସେ ତାଙ୍କ ସ୍ୱାଗତ ଭାଷଣରେ କୃଷିକ୍ଷେତ୍ରରେ ମହିଳାମାନଙ୍କର ଅବଦାନ ଏବଂ ବିଭିନ୍ନ ମହିଳା ଅଭିମୁଖୀ ବୈଷୟିକ ଜ୍ଞାନକୌଶଳ ବିଷୟରେ ଉଲ୍ଲେଖ କରିଥିଲେ । କୃଷିର ଉନ୍ନତିରେ ମହିଳାଙ୍କ ଭୂମିକା ମହାନ ବୋଲି ସେ କହିଥିଲେ । ପୋଷଣ ସମ୍ବେଦନ କୃଷିଦ୍ୱାରା ମହିଳା ଓ ଶିଶୁ ମାନଙ୍କର କୁପୋଷଣ ଦୂରୀଭୂତ କରିବାର ଉପାୟମାନ ମଧ୍ୟ ସେ ଉପସ୍ଥାପନ କରିଥିଲେ । ମହିଳା ମାନଙ୍କର ଶ୍ରମ ଲାଘବ ପାଇଁ ଅଧିକ ମାତ୍ରାରେ ମହିଳା ଉପଯୋଗୀ



ଜ୍ଞାନକୌଶଳ ଉପରେ ଗବେଷଣା କରିବାକୁ କହିଥିଲେ । ଓଡ଼ିଶା ରାଜ୍ୟ ମହିଳା ଆୟୋଗର ଅଧକ୍ଷା ଡ଼ଃ. ମିନତୀ ବେହେରା ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ । ତାଙ୍କ ଅଭିଭାଷଣରେ ସଚେତନତା ଏବଂ ଉପଯୁକ୍ତ ପଦକ୍ଷେପ ଦ୍ୱାରା ମହିଳାମାଙ୍କର ସ୍ୱାସ୍ଥ୍ୟ, ପୋଷଣ ଏବଂ ଜୀବନ ଜୀବିକାର ଉନ୍ନତି କରିବା ଉପରେ ଆଲୋକପାତ କରିଥିଲେ । ଅନ୍ୟତମ ସମ୍ମାନିତ ଅତିଥି, ହିମାଚଳ ପ୍ରଦେଶ ମହିଳା ଆୟୋଗର ଅଧକ୍ଷା, ଡ଼ଃ. ଡ଼େଜ୍ଗୀ ଠାକୁର ତାଙ୍କ ବକ୍ତବ୍ୟରେ ଆଇ.ସି.ଏ.ର.- ଶିବା ପୁଷ୍ଟି ସମ୍ବେଦନ କାର୍ଯ୍ୟକ୍ରମକୁ ପ୍ରସଂଶା କରିଥିଲେ ଓ ମହିଳାମାନେ ନିଜର ସ୍ୱାସ୍ଥ୍ୟ ଏବଂ ପୋଷଣର ଯତ୍ନ ନେବା ସଂଗେସଂଗେ ଅସୁବିଧା ସମୟରେ କମିଶନର ସାହାଯ୍ୟ ନେବାକୁ କହିଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ରାଷ୍ଟ୍ରୀୟ ମହିଳା ଆୟୋଗ, ନୂଆଦିଲ୍ଲୀର ଅଧକ୍ଷା, ଶ୍ରୀମତୀ ରେଖା ଶର୍ମା ଯୋଗଦାନ ଦେଇଥିଲେ । ସେ କୃଷିରତ ମହିଳା ସଂସ୍ଥାନ ଏପରି ଏକ କାର୍ଯ୍ୟକ୍ରମ ଆୟୋଜନ କରିଥିବାରୁ ସଂସ୍ଥାନ ଏବଂ ଉପସ୍ଥିତ ଥିବା ମହିଳାମାନଙ୍କୁ କୃତଜ୍ଞତା ଜଣାଇଥିଲେ । କୃଷି କ୍ଷେତ୍ରରେ କାର୍ଯ୍ୟରତ ମହିଳାମାନଙ୍କର ସର୍ବାଙ୍ଗୀନ ଉନ୍ନତି ପାଇଁ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ କରାଯାଇଥିବା ମହିଳା ଅଭିମୁଖୀ ଯୋଜନା ଏବଂ କାର୍ଯ୍ୟକ୍ରମରେ ବହୁଳଭାବରେ ଭାଗନେବା ପାଇଁ ସେ ଆହ୍ୱାନ ଦେଇଥିଲେ । କୃଷି ମହିଳାମାନଙ୍କୁ ଜମି ଅଧିକାର ବିଷୟରେ ସଚେତନ କରିଥିଲେ ଏବଂ ସେମାନଙ୍କର ଉଦ୍ୟୋଗ ବିକାଶ ପାଇଁ ଆଇ.ସି.ଏ.ର.- ଶିବା କୁ ବିକ୍ରିବଟା ରେ ସାହାଯ୍ୟ କରିବାକୁ ଉପଦେଶ ଦେଇଥିଲେ । ଏହି ପରିପେକ୍ଷୀରେ ଏକ କୃଷକ-ବୈଜ୍ଞାନିକ ଆଲୋଚନା ଚକ୍ର ଆୟୋଜିତ ହୋଇଥିଲା । ଏହି ଆଲୋଚନା ଚକ୍ରରେ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଚଳିତ ବିଭିନ୍ନ ଯୋଜନା ଉପରେ ଆଲୋଚନା କରାଯାଇଥିଲା । ଏଥିରେ ସଂସ୍ଥାନର ୧୩ ଟି ପୋଷ୍ୟଗ୍ରାମରୁ ୩୦୦ କୃଷିମହିଳା ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଏକ ପୋଷଣ ମେଳାର ଆୟୋଜନ ମଧ୍ୟ କରାଯାଇଥିଲା । ସମଗ୍ର କାର୍ଯ୍ୟକ୍ରମକୁ ଡ଼ଃ. ତନୁଜା ପରିଚାଳନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ ।






## ସାଇବର ଠକଙ୍କ ଟାର୍ଗେଟରେ ଆଇଏଏସ୍

# ଶିକାର ହେଲେ ଉନ୍ନୟନ କମିଶନର

**ଭୁବନେଶ୍ୱର :** ଓଡ଼ିଶାରେ ସାଇବର ଠକଙ୍କ ପ୍ରଭାବ କ୍ରମାଗତ ଭାବେ ବଢ଼ିବାରେ ଲାଗିଛି । ରାଜ୍ୟରେ ସାଇବର ଅପରାଧ ଓ ଠକେଇ ଉପରେ ନଜର ରଖିବାକୁ ସ୍ୱତନ୍ତ୍ର ହେଲପଲାଇନ୍ ନମ୍ବରଠୁ ଆରମ୍ଭ କରି ୧୪ଟି ସାଇବର ଥାନା ରହିଥିଲେ ମଧ୍ୟ ତାହା ପ୍ରଭାବହୀନ ହୋଇପଡ଼ିଛି । ସାଇବର ଠକଙ୍କ ଟାର୍ଗେଟରେ ଆଇଏଏସ୍ ଅଫିସରମାନେ ରହିଥିବାବେଳେ ଆଜି ଏହାର ଶିକାର ହୋଇଛନ୍ତି ବରିଷ୍ଠ ଆଇଏଏସ୍ ତଥା ଉନ୍ନୟନ କମିଶନର ପ୍ରଦୀପ କୁମାର ଜେନା । ସେ ନିଜେ ଟ୍ୱିଟ୍ ମାଧ୍ୟମରେ ଏହି ସୂଚନା ଦେଇଛନ୍ତି । ଟ୍ୱିଟ୍ ମାଧ୍ୟମରେ ଉନ୍ନୟନ କମିଶନର ଶ୍ରୀ ଜେନା ଜଣାଇଛନ୍ତି ଯେ, ହ୍ୱାଟସଅପ୍ ମୋବାଇଲ ନମ୍ବର-୭୩୨୦୯୩୭୮୭୭ରୁ କେହି ଜଣେ ତାଙ୍କ ଫଟୋ ଲଗାଇ ଲୋକଙ୍କଠୁ ଅର୍ଥ ସହାୟତା ମାଗୁଥିବାର ଖବର ସେ ଜାଣିବାକୁ ପାଇଛନ୍ତି । ଏହାପରେ ସେ ସଙ୍ଗେସଙ୍ଗେ ଏନେଇ ସାଇବର ପୁଲିସକୁ ଅବଗତ କରି କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କହିଥିବାବେଳେ



ଯେଉଁମାନେ ଏଭଳି ମେସେଜ୍ ପାଉଛନ୍ତି ସେମାନେ ତୁରନ୍ତ ପୁଲିସକୁ ଜଣାଇବାକୁ ଅନୁରୋଧ କରିଛନ୍ତି । କେହି ଜଣେ ତାଙ୍କ ନାଁରେ ଏଭଳି ଠକାମି କରୁଛି, ତେଣୁ ଏହାକୁ ବିଶ୍ୱାସ ନକରିବାକୁ ସେ ସମସ୍ତଙ୍କୁ ପରାମର୍ଶ ଦେଇଛନ୍ତି । ଏପରିକି ଯେଉଁ ମୋବାଇଲ ନମ୍ବରରୁ ହ୍ୱାଟସଅପ୍ ମେସେଜ୍ ଯାଉଛି ତାହା ତାଙ୍କର ନୁହେଁ କି ସେ ଏହାକୁ କେବେ ଉପଯୋଗ କରିନାହାନ୍ତି ବୋଲି ସ୍ପଷ୍ଟ କରିଛନ୍ତି ।






# କୋଟିଆରେ ରାଜସ୍ୱ କମିଶନର, ସମୀକ୍ଷା ବୈଠକରେ ବିକାଶକୁ ଗୁରୁତ୍ୱ

**କୋରାପୁଟ :** କୋଟିଆକୁ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଗସ୍ତ କରିବା ପରେ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର ଟି ଆପାଙ୍ଗ ଆଓ ଗସ୍ତ କରିଛନ୍ତି । କୋଟିଆ ପଞ୍ଚାୟତର ସଭାଗୃହରେ ଗ୍ରାମପୁଞ୍ଜର ସର୍ବାଙ୍ଗୀନ ବିକାଶକୁ ନେଇ ସେ ସମୀକ୍ଷା କରିଥିଲେ । ଓଡିଶା ସରକାରଙ୍କ ଦ୍ୱାରା କୋଟିଆର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ୧୫୦ କୋଟି ଆର୍ଥିକ ଅନୁଦାନ ପ୍ରଦାନ କରିଛନ୍ତି । ଉକ୍ତ ଅନୁଦାନକୁ ବ୍ୟବହାର କରାଯାଇ ଗମନାଗମନ, ସ୍ୱାସ୍ଥ୍ୟ,ଶିକ୍ଷା, ଆଇନ ବ୍ୟବସ୍ଥା, ଆଦି ଉନ୍ନୟନ ମୂଳକ କାର୍ଯ୍ୟ କରାଯାଉଛି । ସମୀକ୍ଷା ବୈଠକରେ ବିଦ୍ୟୁତ, ପାନୀୟ ଜଳ ଓ ଗ୍ରାମୀଣ ରାସ୍ତାର ଉନ୍ନତିକରଣ ସେ ଗୁରୁତ୍ୱ ଦେଇଥିଲେ । ବିଭାଗୀୟ ଅଧିକାରୀଙ୍କୁ ଯଥାଶୀଘ୍ର କାମ ସାରିବାକୁ ତାଗିଦ୍ ମଧ୍ୟ କରିଥିଲେ ।



ସମୀକ୍ଷା ବୈଠକ ପରେ ସେ କୋଟିଆ ହସ୍ପିଟାଲ ପରିଦର୍ଶନ କରିଥିଲେ । କୋଟିଆରେ ଅନେକ ସମୟରେ ବିଦ୍ୟୁତ ବିଭ୍ରାଟ ହେଉଥିବା କାରଣରୁ ଗୋଟିଏ ଡିଜେଲ ଜେନେରେଟର ପ୍ରଦାନ କରିବାକୁ ହସ୍ପିଟାଲ କର୍ତ୍ତୃପକ୍ଷ ନିବେଦନ କରିଥିଲେ । ସମୀକ୍ଷା ବୈଠକରେ ଅତିରିକ୍ତ ଜିଲ୍ଲାପାଳ ରାମେଶ୍ୱର ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ ,ଉପ ଜିଲ୍ଲାପାଳ, ସୁନାବେଡା ଉପଖଣ୍ଡ ପୋଲିସ ଅଧିକାରୀ ସହ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ ।


Printed, Published and Owned by **Lingaraj Dash**, Published at Plot No.-4233, Sulochana Bhawan, Behind Badagada High School, Badagada, Bhubaneswar-751018, Dist-Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com / lingaraj@gmail.com

Managing Editor : **Laxmipriya Dash**
ପରିଚାଳନା ସମ୍ପାଦିକା : **ଲକ୍ଷ୍ମୀପ୍ରିୟା ଦାଶ**

Editor : **Tarak Mohanty**
ସମ୍ପାଦକ : **ତାରକ ମହାନ୍ତି**